ବର୍ଷ-୨୪, ସଂଖ୍ୟା-୧୭୩
ଭୁବନେଶ୍ୱର
୨୩ ଜୁଲାଇ, ୨୦୨୪ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା


Vol.-24, Issue No. 173
Bhubaneswar
23 July, 2024, Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat


ରାଜକୁମାରଙ୍କୁ ବାଇକ୍ ଗିଫ୍ଟ



# ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ସ୍ୱପ୍ନ ପୂରଣ ଲକ୍ଷ୍ୟ



## ବିଧାନସଭାରେ ରାଜ୍ୟପାଳଙ୍କ ଅଭିଭାଷଣ

### ନିଯୁକ୍ତି, ଶିକ୍ଷା, ଗମନାଗମନ, ସ୍ୱାସ୍ଥ୍ୟ ଓ ଭିତ୍ତିଭୂମିକୁ ପ୍ରାଥମିକତା

### ୨୦୨୯ ସୁଦ୍ଧା ୩.୫ ଲକ୍ଷ ଯୁବକଯୁବତୀଙ୍କୁ ନିଯୁକ୍ତି

### ଲାଗୁ ହେବ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା

ଭୁବନେଶ୍ୱର, ୨୨।୭(ମହାଭାରତ.): 'କୃଷି ଓ କୃଷକଙ୍କ ବିକାଶ, ସେମାନଙ୍କର ଆୟ ବୃଦ୍ଧି ଉପରେ ଫୋକସ କରିଛନ୍ତି ରାଜ୍ୟ ସରକାର। ଏଥିସହ ନିଯୁକ୍ତି, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ଭିତ୍ତିଭୂମି କ୍ଷେତ୍ରକୁ ପ୍ରାଥମିକତା ଦେଉଛନ୍ତି ମୋହନ ସରକାର।' ଜଗନ୍ନାଥ ସଂସ୍କୃତି, ଓଡ଼ିଆ। ଅସ୍ମିତା ପାଇଁ କାମ କରିବୁ। କୃଷକଙ୍କ ଉନ୍ନତି ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯିବ। ବଜେଟ୍ ଅଧିବେଶନର ପ୍ରଥମ ଦିନରେ ରାଜ୍ୟ ସରକାରଙ୍କ ଭିଜନକୁ ବିଧାନସଭାରେ ପ୍ରତିପାଦିତ କରି ନିଜ ଅଭିଭାଷଣରେ ଏପରି କହିଛନ୍ତି ରାଜ୍ୟପାଳ ରଘୁବର ଦାସ।

ସେ କହିଛନ୍ତି, କୃଷକଙ୍କ ଉନ୍ନତି ପାଇଁ ସବୁ ପ୍ରକାର ବ୍ୟବସ୍ଥା କରିବେ ସରକାର। କୃଷକଙ୍କୁ ସଶକ୍ତ କରିବା ପାଇଁ ପିଏମ୍ କିଷାନ ଲାଗୁ କରାଯିବ। ସରକାର ଏକ ବିକଶିତ ଓଡ଼ିଶା ଗଠନ କରିବାକୁ ଚାହୁଁଛନ୍ତି। ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ସ୍ୱପ୍ନ ପୂରଣ କରିବା ଆମ ଲକ୍ଷ୍ୟ।

କୃଷକ, ଶ୍ରମିକ, ଜନଜାତି, ଯୁବଶକ୍ତି, ଅନ୍ନ-ଦାତାଙ୍କୁ ଗୁରୁତ୍ୱ ଦିଆଯିବ। ସମୃଦ୍ଧ କୃଷି ନୀତି ପ୍ରଚଳନ କରି କୃଷି କ୍ଷେତ୍ରରେ ପରିବର୍ତ୍ତନ ଅଣାଯିବ। ଏହି ନୀତି ଅଧୀନରେ ଧାନ କ୍ୱିଣ୍ଟାଲ ପିଛା ୩୧ ଶହ ଟଙ୍କା ଦିଆଯିବ। ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ୪୮ ଘଣ୍ଟା ମଧ୍ୟରେ ପ୍ରଦାନ କରାଯିବ। କୃଷକଙ୍କ ଆୟ ବୃଦ୍ଧି ସରକାରର ମୂଳ ଲକ୍ଷ୍ୟ। ଶୀତଳ ଭଣ୍ଡାର ସୁବିଧା, ପ୍ରକ୍ରିୟାକରଣ ୟୁନିଟ, ଯୋଗାଣ ଶୃଙ୍ଖଳିତ ହେବ। ମଣ୍ଡିରେ ଶସ୍ୟ ଭଣ୍ଡାର, କୃଷକ ବିଶ୍ରାମ ଗୃହ ରହିବ। ବଜାର ଜାତୀୟ ଶସ୍ୟ ଉତ୍ପାଦନ, ବ୍ୟବହାର ବୃଦ୍ଧି ଦିଗରେ ପଦକ୍ଷେପ ନିଆଯିବ। ଓଡ଼ିଶାରେ ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆଣିବାକୁ ସରକାର ପ୍ରତିଶ୍ରୁତିବଦ୍ଧ। ଶିକ୍ଷକ ପ୍ରଶିକ୍ଷଣ, ଗ୍ରାମାଞ୍ଚଳରେ ଡିଜିଟାଲ ଭିତ୍ତିଭୂମି ସମ୍ପ୍ରସାରଣ ହେବ ବୋଲି କହିଛନ୍ତି ରାଜ୍ୟପାଳ।

ସାରା ରାଜ୍ୟରେ ୩ ହଜାର ନୂଆ ଡାକ୍ତରଙ୍କୁ ନିଯୁକ୍ତି ଦିଆଯିବ। ଜିଲ୍ଲା ମେଡିକାଲରେ ପ୍ରସୂତୀ, ଶିଶୁ ରୋଗ ବିଶେଷଜ୍ଞ ନିଶ୍ଚିତ ରହିବେ। ଉପକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ନାଁ 'ଆରୋଗ୍ୟ ମନ୍ଦିର' କରାଯିବ। ପ୍ରତି ସିଏଚସିରେ ରହିବ ଗୋଟିଏ ଭ୍ରାମ୍ୟମାଣ ୟୁନିଟ। ୨୦୩୦ ସୁଦ୍ଧା ରାଜ୍ୟକୁ ମ୍ୟାଲେରିଆ ମୁକ୍ତ କରାଯିବ। ମତ୍ସ୍ୟଚାଷ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ମୋ ସରକାର ନିରପେକ୍ଷତାର ସହ କାମ କରିବ। ଯୁବକଙ୍କୁ ରୋଜଗାର ମୋ ସରକାରର ପ୍ରାଥମିକତା। ଯେଉଁ ପ୍ରତିଶ୍ରୁତି ଦିଆଯାଇଛି, ତାହା ପୂରଣ କରାଯିବ। ମହିଳା ଭୂମିହୀନ କୃଷକଙ୍କୁ ପ୍ରୋତ୍ସାହିତ କରିବେ ସରକାର। ବଲାଙ୍ଗୀର କଳାହାଣ୍ଡି ବରଗଡ଼ ଓ ନୂଆପଡ଼ାରେ ୧୦ଟି ଜଳସେଚନ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରାଯିବ।

ଓଡ଼ିଶାରେ ଲାଗୁ କରାଯିବ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା। ଏହା ସମସ୍ତ ଯୋଗ୍ୟ ଓଡ଼ିଶାବାସୀଙ୍କ ପାଇଁ ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବ। ଗର୍ଭବତୀଙ୍କୁ ପୁଷ୍ଟିକର ଆବଶ୍ୟକତା ପୂରଣ ପାଇଁ ଆର୍ଥିକ ସହାୟତା ମିଳିବ ବୋଲି କହିଛନ୍ତି ରାଜ୍ୟପାଳ ରଘୁବର ଦାସ।

ସେ ଆହୁରି କହିଛନ୍ତି, ଭାରତବର୍ଷରେ ଓଡ଼ିଶା ହେବ ବାଜରା ହବ। ବାଜରା ଜାତୀୟ ଶସ୍ୟ ଉତ୍ପାଦନ ପାଇଁ ଓ ବ୍ୟବହାର ବୃଦ୍ଧି ପାଇଁ ପଦକ୍ଷେପ ନିଆଯିବ। ସରକାରୀ କ୍ୟାଣ୍ଟିନ ଓ ବିଦ୍ୟାଳୟରେ ବାଜରା ପ୍ରଚଳନ ପାଇଁ ପଦକ୍ଷେପ ନିଆଯିବ। ଗ୍ରୀନ ଇଣ୍ଡଷ୍ଟ୍ରିଆଲ ପଲିସି କାର୍ଯ୍ୟକାରୀ କରାଯିବ। ବୈଦ୍ୟୁତିକ ଯାନବାହାନକୁ ପ୍ରୋତ୍ସାହନ ପାଇଁ ଚାରି ଓ ଛ ଚକିଆ। ଯାନକୁ ସବସିଡି ଦେବ ସରକାର। ଉପକୂଳ ଅଂଚଳରେ ବାତ୍ୟା ପ୍ରଭାବ କମାଇବାକୁ ଉପକୂଳ ଅଂଚଳରେ ୪୮୦ କିଲୋମିଟର ବନିକରଣ କାର୍ଯ୍ୟକ୍ରମ ହାତକୁ ନେବେ। ୨୦୨୭ ସୁଦ୍ଧା ପୁଷ୍ଟିହୀନତା ହ୍ରାସ କରାଯିବ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗ୍ରାମାଞ୍ଚଳରେ ୧୦ ଲକ୍ଷ, ସହରାଞ୍ଚଳରେ ୫ ଲକ୍ଷ ଘର କରିବାକୁ ଲକ୍ଷ୍ୟ ରଖାଯାଇଛି। ଅଙ୍ଗନବାଡିକୁ ୨୦୩୦ ସୁଦ୍ଧା ସକ୍ଷମ ଅଙ୍ଗନବାଡିରେ ପରିଣତ କରାଯିବ। ବିଦ୍ୟାଳୟ ସ୍ତରରେ ଶିକ୍ଷାଦାନ ଉଦ୍ଦେଶ୍ୟରେ ଅଙ୍ଗନବାଡି କର୍ମୀଙ୍କୁ ଶୈକ୍ଷିକ ସାଧନ ବ୍ୟକ୍ତି ତାଲିମ ଦିଆଯିବ। ଜନଜାତି ଛାତ୍ରଛାତ୍ରୀ ପାଖକୁ ପାଠାଗାର ପଠାଇବା ପାଇଁ ଲାଇବ୍ରେରୀ ଅନ ହୁଇଲ କାର୍ଯ୍ୟକ୍ରମ ଆରମ୍ଭ କରିବେ ସରକାର। ସରକାରୀ ବିଦ୍ୟାଳୟରେ ଏଆଇର ବ୍ୟବହାର ହେବ। ରାଜ୍ୟପାଳ ରଘୁବର ଦାସ ନିଜ ଅଭିଭାଷଣରେ ଆହୁରି କହିଛନ୍ତି, ନୂଆ। କ୍ରୀଡ଼ାନୀତି ଆସିବ, କ୍ରୀଡ଼ାବିତଙ୍କୁ ପ୍ରଶିକ୍ଷଣ ଦିଆଯିବା ପାଇଁ କ୍ରୀଡ଼ା ଏକାଡେମୀ ଓ ନର୍ସରୀ ପ୍ରତିଷ୍ଠା କରାଯିବ। ଧାମରା, ପାରାଦ୍ୱୀପ ଓ ଗୋପାଳପୁର ବନ୍ଦର ଆଖପାଖ ଅଂଚଳରେ ନୂତନ ଶିଳ୍ପାଞ୍ଚଳର ବିକାଶ ହେବ। ସେ ଆହୁରି କହିଛନ୍ତି, ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପକୁ ଚଳଚଞ୍ଚଳ କରାଯିବ। ଦୁଇ ବର୍ଷ ମଧ୍ୟରେ ୬୫ ହଜାର ସରକାରୀ ପଦବୀ ପୂରଣ କରାଯିବ।

ଓଡ଼ିଶା ହସ୍ତଶିଳ୍ପ ଡିଜାଇନ ବ୍ୟାଙ୍କ ପ୍ରତିଷ୍ଠା କରାଯିବ। ହସ୍ତଶିଳ୍ପ ଉତ୍ପାଦକୁ ବ୍ରାଣ୍ଡ ଭାବରେ ପରିଚିତ କରାଯିବ। ଶିଳ୍ପ କ୍ଷେତ୍ରରେ ୨୦୨୯ ସୁଦ୍ଧା ୩ ଲକ୍ଷ ୫୦ ହଜାରରୁ ଅଧିକ ଯୁବକ ଯୁବତୀଙ୍କୁ ନିଯୁକ୍ତି ଦିଆଯିବ। ଅନୁସୂଚିତ ଅଂଚଳକୁ ପଂଚାୟତ ସମ୍ପ୍ରସାରଣ କରିବା ପାଇଁ ପେଶା ଆଇନକୁ କାର୍ଯ୍ୟକାରୀ କରାଯିବ।

## ବିଜେଡିର ନୂଆ ମିଡିଆ ଟିମ୍

ଭୁବନେଶ୍ୱର, ୨୨।୭(ମହାଭାରତ): ନୂଆ ମିଡିଆ ଟିମ୍ ଘୋଷଣା କରିଛି ବିଜେଡି। ଦଳ ପକ୍ଷରୁ ୧୬ ଜଣିଆ। ମିଡିଆ ଟିମ୍ ଘୋଷଣା କରାଯାଇଛି। ତେବେ ନୂଆ। କରି ଘୋଷଣା କରାଯାଇଥିବା ଏହି ଟିମରେ ପ୍ରଶାନ୍ତ ମୁଦୁଲିଙ୍କ ସହ ବ୍ୟୋମକେଶ ରାୟ, ସୁବାସ ସିଂ, ଗୌତମ ବୁଦ୍ଧ ଦାସ, ସାରଦା ଜେନା, ଲତିକା ପ୍ରଧାନଙ୍କ ଭଳି ନେତାଙ୍କୁ ସ୍ଥାନ ମିଳିଛି। ଏଥିସହ ରମେଶ ବେହେରା, ମନ୍ମଥ ରାଉତରାୟ, ତୁମ୍ବନାଥ ପଣ୍ଡା, ମିହିର ରାୟ, ଚିନ୍ମୟ ସାହୁ, ଇପସିତା ସାହୁ, ସୋଫିଆ ଆଲାମ୍, ଇରାନୀ ରାୟ, ବିଶ୍ୱନାଥ ପ୍ରତାପ ସାହୁ ଓ ଯୁବ ନେତା ଅରୁପ ଶ୍ରୀଚନ୍ଦନଙ୍କୁ ଏହି ଟିମରେ ସାମିଲ କରାଯାଇଛି।

## ବିରୋଧୀଙ୍କ କକ୍ଷତ୍ୟାଗ

ଭୁବନେଶ୍ୱର, ୨୨।୭(ମହାଭାରତ): ଆଜି ଗୃହ କାର୍ଯ୍ୟ ଆରମ୍ଭରୁ ପ୍ରବଳ ହଟ୍ଟଗୋଳ ଦେଖିବାକୁ ମିଳିଛି। ରାଜ୍ୟପାଳଙ୍କ ଅଭିଭାଷଣକୁ ବିରୋଧ କରି ଗୃହ ବର୍ଜନ କରିଥିଲେ ବିରୋଧୀ ବିଜେଡି ଏବଂ କଂଗ୍ରେସ ସଦସ୍ୟ।



ରାଜ୍ୟପାଳଙ୍କ ପୁଅଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ନେଇ ବିରୋଧ ପ୍ରଦର୍ଶନ କରିଥିଲେ କଂଗ୍ରେସ ଓ ବିଜେଡି ବିଧାୟକ। ଏଏସଓଙ୍କୁ ମାଡ଼ ମାରିବା ନେଇ ରାଜ୍ୟପାଳଙ୍କ ପୁଅଙ୍କ ବିରୋଧରେ ଅଭିଯୋଗ ରହିଛି। ଏହା ଓଡ଼ିଆ ଅସ୍ମିତାକୁ ଆଘାତ ପହଞ୍ଚାଇଥିବା ବେଳେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି ବିରୋଧୀ।

ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି, ରାଜ୍ୟରେ ଆଇନ୍ ଶୃଙ୍ଖଳା ଭୁଷୁଡ଼ିଗଲା ଭଳି ଲାଗୁଛି। ପୁରୀରେ ଜଣେ ସରକାରୀ କର୍ମଚାରୀଙ୍କୁ ରାଜ୍ୟପାଳଙ୍କ ପୁଅ ମାଡ଼ ମାରିବା ଘଟଣାରେ ପୁଲିସ ଏଯାଏଁ କାର୍ଯ୍ୟାନୁଷ୍ଠାନ ନେଲା ନାହିଁ।

ମୁଁ ଓ ମୋ ଦଳ ଅତି ଦୁଃଖିତ, କାରଣ ବର୍ତ୍ତମାନର ରାଜ୍ୟ ସରକାର ରାଜ୍ୟପାଳଙ୍କ ପୁଅ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନାହାନ୍ତି, ଯିଏ କି ସରକାରୀ ଅଧିକାରୀଙ୍କୁ ମାଡ଼ ମାରିଲେ। ଏହା ମୋତେ ଆଘାତ ଦେଇଛି। ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ଯାଇଛି। ମୁଁ ମୁଖ୍ୟମନ୍ତ୍ରୀ ଥିବା ସମୟରେ ବିଧାୟକ, ମନ୍ତ୍ରୀ କି ସରକାରୀ ଅଧିକାରୀ ଯିଏବି ଆଇନ ଭାଙ୍ଗୁଥିଲେ, ମୁଁ କାର୍ଯ୍ୟାନୁଷ୍ଠାନ ନେଉଥିଲି। ରାଜ୍ୟପାଳଙ୍କ ପୁଅ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନହୋଇ ଥିବାରୁ, ଆମେ ଗୃହ ପରିତ୍ୟାଗ କଲୁ ବୋଲି ନବୀନ କହିଛନ୍ତି।

ଗୃହରେ ନବୀନ କହୁଥିବା ବେଳେ ମାଇକ ଓ କ୍ୟାମେରା ବନ୍ଦ କରିଦିଆଯାଇଥିବା ଅଭିଯୋଗ ଆଣିଛି ବିଜେଡି। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି, ନବୀନ କହିବା ବେଳେ ମାଇକ ବନ୍ଦ କରିଦିଆଗଲା। ଏପରିକି କ୍ୟାମେରା ବି ବନ୍ଦ କରିଦିଆଗଲା। କାହିଁକି ମାଇକ ଓ କ୍ୟାମେରା ବନ୍ଦ କରାଗଲା ବୋଲି ସରକାରଙ୍କୁ ପ୍ରମିଳା ପ୍ରଶ୍ନ କରିଛନ୍ତି।

## ସଂସଦରେ ପ୍ରଶ୍ନପତ୍ର ଲିକ୍ ତାତି



● ନିଜକୁ ଛାଡ଼ି ଅନ୍ୟ ସମସ୍ତଙ୍କୁ ଦୋଷ ଦେଉଛନ୍ତି ଶିକ୍ଷା ମନ୍ତ୍ରୀ : ରାହୁଲ

● ମୋତେ ଗୃହରେ କାହାର ପ୍ରମାଣପତ୍ର ଦରକାର ନାହିଁ : ଧର୍ମେନ୍ଦ୍ର

ନୂଆଦିଲ୍ଲୀ, ୨୨।୭(ଏଜେନ୍ସି): ଗୃହକୁ ସରଗରମ କରୁଛି ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ମାମଲା। ଅଷ୍ଟାଦଶ ଲୋକସଭାର ମୌସୁମୀ ଅଧିବେଶନ ଆରମ୍ଭର ପ୍ରଥମ ଦିନରୁ ଏହି ପ୍ରସଙ୍ଗକୁ ନେଇ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଘେରିଛନ୍ତି ବିରୋଧୀ। ଏହାକୁ ନେଇ କଂଗ୍ରେସ ସାଂସଦ ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଏବଂ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମଧ୍ୟରେ କଡ଼ା ବିତର୍କ ହୋଇଥିବା ଦେଖିବାକୁ ମିଳିଛି।

ରାହୁଲ ଗାନ୍ଧି କହିଥିଲେ, ନିଟ୍-ୟୁଜ ପ୍ରଶ୍ନପତ୍ର ଲିକ୍ ଉପରେ ଶିକ୍ଷା ମନ୍ତ୍ରୀ ନିଜକୁ ଛାଡ଼ି ଦେଇ ଅନ୍ୟ ସମସ୍ତଙ୍କୁ ଦାୟୀ କରୁଛନ୍ତି, ମୋତେ ଏହା ବି ଲାଗୁନାହିଁ ଯେ, ସେ ଗୃହରେ ଚାଲିଥିବା ବିତର୍କର ମୂଳ ତତ୍ତ୍ୱକୁ ବୁଝୁଛନ୍ତି ବୋଲି। ରାହୁଲ ଗାନ୍ଧିଙ୍କ ବିତର୍କ ଉପରେ ତୀବ୍ର ପ୍ରତିକ୍ରିୟା ରଖିଛନ୍ତି ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ସେ କହିଛନ୍ତି ଯେ, ମୋତେ କାହାର ସାର୍ଟିଫିକେଟ ଦରକାର ନାହିଁ। ଯାହା ମୋ ଶିକ୍ଷା ଏବଂ ସଂସ୍କାର, ତାହା ମୋର ସାମାଜିକ ଜୀବନ... ମୁଁ ମୋ ରାଜ୍ୟ ତଥା ଜନତାଙ୍କଠାରୁ ଅନୁମୋଦନ ଲାଭ କରିଛି। ମୋତେ ଗୃହରେ କାହାର ପ୍ରମାଣପତ୍ର ଦରକାର ନାହିଁ।

ଦେଶର ଜନତା ନରେନ୍ଦ୍ର ମୋଦିଙ୍କୁ ପ୍ରଧାନମନ୍ତ୍ରୀ ଭାବେ ଚୟନ କରିଛନ୍ତି ଏବଂ ଏଠାରେ ମୁଁ ତାଙ୍କ ତରଫରୁ ପ୍ରତିକ୍ରିୟା ରଖୁଛି। ବିରୋଧୀ ଦଳ ନେତା ଯେଉଁପରି ଭାବେ ବର୍ତ୍ତମାନର ପରୀକ୍ଷା ବ୍ୟବସ୍ଥାକୁ ନିରର୍ଥକ କହୁଛନ୍ତି, ତାହା ଦୁର୍ଭାଗ୍ୟଜନକ। ମୁଁ ଏହାକୁ କଡ଼ା ଭାଷାରେ ନିନ୍ଦା କରୁଛି।

ଏହି ପ୍ରସଙ୍ଗକୁ ନେଇ ସେ କଂଗ୍ରେସକୁ ଟାର୍ଗେଟ କରି ଆହୁରି କହିଛନ୍ତି ଯେ, ଆଗକୁ କିପରି ପ୍ରଶ୍ନପତ୍ର ଲିକ୍ ନ ହେବ ସେ ଉପରେ ଆମ ସରକାର କାର୍ଯ୍ୟ କରୁଛନ୍ତି। ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଆମେ ବିଲ୍ ଆଣିଛୁ। କିନ୍ତୁ କଂଗ୍ରେସ ସରକାର ଥିବାବେଳେ କାହା ଚାପରେ ବିଲ୍ ପ୍ରତ୍ୟାହାର କରି ନେଇଥିଲେ ବୋଲି ଧର୍ମେନ୍ଦ୍ର ପ୍ରଧାନ ପ୍ରଶ୍ନ କରିଛନ୍ତି।

ସେହିପରି ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ମଧ୍ୟ ପ୍ରଶ୍ନପତ୍ର ଲିକକୁ ନେଇ ଶିକ୍ଷା ମନ୍ତ୍ରୀଙ୍କୁ ଟାର୍ଗେଟ କରିଥିଲେ। ବର୍ତ୍ତମାନ ସରକାର ପ୍ରଶ୍ନପତ୍ର ଲିକର ନୂଆ। ରେକର୍ଡ କରିବ ବୋଲି ସମାଲୋଚନା କରି କହିଥିଲେ।

ଅଖିଳେଶ ଯାଦବଙ୍କୁ ପ୍ରତିକ୍ରିୟା ଦେଇ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ବର୍ତ୍ତମାନ ମାମଲା ସୁପ୍ରିମକୋର୍ଟରେ ବିଚାରଧୀନ ଅଛି ପ୍ରଧାନ ବିଚାରପତି ଏ ଉପରେ ବିଚାର କରୁଛନ୍ତି। ମୁଁ ରାଜନୀତି କରିବାକୁ ଚାହୁଁ ନାହିଁ। କିନ୍ତୁ ଅଖିଳେଶ ଯାଦବ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଥିବାବେଳେ କେତେ ପ୍ରଶ୍ନପତ୍ର ଲିକ୍ ହୋଇଥିଲା ତା'ର ବି ତାଲିକା ଅଛି।

## ବ୍ୟାପୁଛି ନିପା: ମୃତକଙ୍କ ସଂସ୍ପର୍ଶରେ ଆସି ୬ ପଜିଟିଭ

ଥିରୁଓ୍ୱନନ୍ତପୁରମ, ୨୨।୭(ମହାଭାରତ): କେରଳରେ ଚିନ୍ତା ବଢାଇ ଚାଲିଛି ନିପା ଭାଇରାସ୍। ପୁଣି ଛଅ ଜଣ ନିପା ଭାଇରସ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତମାନେ ଗତକାଲି ମୃତ୍ୟୁ ଘଟିଥିବା ନାବାଳକଙ୍କ ସଂସ୍ପର୍ଶରେ ଆସିଥିଲେ। ସୂଚନା ଅନୁସାରେ, କେରଳର ଜଣେ ୧୪ ବର୍ଷୀୟ ନାବାଳକ ନିପା ଭାଇରସରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଥିଲେ। ଏହା ପରେ ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କଠାରୁ ନମୁନା ନିଆଯାଇ ପରୀକ୍ଷା କରା ଯାଇଥିଲା। ସେମାନଙ୍କ ମଧ୍ୟରୁ ୬ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଆହୁରି ୧୩ ଜଣଙ୍କ ଯାଞ୍ଚ ରିପୋର୍ଟକୁ ଅପେକ୍ଷା କରାଯାଇଛି। ସେମାନେ ମଧ୍ୟ ମୃତକଙ୍କ ସଂସ୍ପର୍ଶରେ ଆସିଥିଲେ। ସ୍ୱାସ୍ଥ୍ୟ ମନ୍ତ୍ରୀ ବୀଣା ଗର୍ଗ କହିଛନ୍ତି ଯେ, ଗତକାଲି ନାବାଳକଙ୍କ ମୃତ୍ୟୁ ହୋଇଥିଲା। ୨୦୨୩ ପରଠାରୁ ଏହା ପ୍ରଥମ ଘଟଣା। ବର୍ତ୍ତମାନ ତାଙ୍କ ସଂସ୍ପର୍ଶରେ ଆସିଥିବା ୬ ଜଣ ନିପା ଭୂତାଣୁରେ ଚିହ୍ନଟ ହୋଇଛନ୍ତି। କୋଜିକୋଡେ ମେଡିକାଲ କଲେଜ ଭାଇରୋଲୋଜି ଲ୍ୟାବକୁ ନଅଟି ନମୁନା



ଏବଂ ଥିରୁଅନନ୍ତପୁରମ ଆଡଭାନ୍ସଡ ଭାଇରୋଲୋଜି ଇନଷ୍ଟିଚ୍ୟୁଟକୁ ଚାରିଟି ନମୁନା ପଠାଯାଇଛି। ୧୩ ନମୁନା ପରୀକ୍ଷା ରିପୋର୍ଟକୁ ଅପେକ୍ଷା କରାଯାଇଛି। ସେ ଆହୁରି କହିଛନ୍ତି ଯେ, ବର୍ତ୍ତମାନ ସୁଦ୍ଧା ମୃତକଙ୍କ ସଂସ୍ପର୍ଶରେ ଆସିଥିବା ୩୫୦ ଜଣଙ୍କ ତାଲିକା ପ୍ରସ୍ତୁତ କରାଯାଇଛି। ସେମାନଙ୍କ ମଧ୍ୟରୁ ୧୦୧ ଜଣ ବିପଦପୂର୍ଣ୍ଣ ତାଲିକାରେ ରହିଛନ୍ତି। ଏଥିରେ ୬୮ ଜଣ ସ୍ୱାସ୍ଥ୍ୟ ସେବା କର୍ମଚାରୀ ମଧ୍ୟ ଅଛନ୍ତି। ଏପରିକି ନାବାଳକ ଯାତ୍ରା କରିଥିବା ବସ୍ ମଧ୍ୟ ଚିହ୍ନଟ କରାଯାଇ ଯାତ୍ରୀଙ୍କ ନମୁନା ପରୀକ୍ଷା କରାଯାଉଛି।

## ରାଜ୍ୟସଭାରେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦାବି

ନୂଆଦିଲ୍ଲୀ, ୨୨।୭(ମହାଭାରତ): ଓଡିଶାକୁ ମିଳୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟାର ମାନ୍ୟତା। ରାଜ୍ୟସଭାରେ ଉଠିଲା ଏହି ପ୍ରସଙ୍ଗ। ବିଜେଡି ରାଜ୍ୟସଭା ସାଂସଦ ମୁନା ଖାଁ ରାଜ୍ୟସଭାରେ ଏହି ପ୍ରସଙ୍ଗ ଉଠାଇଛନ୍ତି। ମୁନା ଖାଁଙ୍କ ଦାବିକୁ ସମର୍ଥନ ଜଣାଇଛନ୍ତି ସାଂସଦ ସସ୍ମିତ ପାତ୍ର। ମୁନା ଖାଁ ଗୃହରେ କହିଛନ୍ତି, ବ୍ୟାପକ ସମ୍ଭାବନାର ରାଜ୍ୟ ଓଡ଼ିଶାର ୭ଟି ଜିଲ୍ଲା ସମୁଦ୍ର ସହ ସଂଲଗ୍ନ ହୋଇ ରହିଛି। ୧୯୯୯ ମହାବାତ୍ୟାରୁ ଆରମ୍ଭ କରି ୨୦୧୯ରେ ଫନି ପର୍ଯ୍ୟନ୍ତ ବିଗତ ୨୫ ବର୍ଷରେ ୪ଟି ବଡ଼ ବାତ୍ୟାର ସମ୍ମୁଖୀନ ହୋଇଛି।

## ଲଢ଼ିବେନି ବାଇଡେନ, ବୃଦ୍ଧି ପାଉଛି ଟ୍ରମ୍ପ ଲୋକପ୍ରିୟତା

**ୱାଶିଂଟନ, ୨୨।୭(ଏଜେନ୍ସି):** ରାଷ୍ଟ୍ରପତି ନିର୍ବାଚନରୁ ଓହରିଲେ ଜୋ ବାଇଡେନ। ୨୦୨୪ ଆମେରିକା ରାଷ୍ଟ୍ରପତି ନିର୍ବାଚନ ଦୌଡ଼ରୁ ସେ ଓହରି ଯାଇଛନ୍ତି। ଡେମୋକ୍ରାଟିକ ଦଳ ଆନୁଷ୍ଠାନିକ ଭାବେ ପ୍ରାର୍ଥୀ ଘୋଷଣା କରିବା ପୂର୍ବରୁ ଏହି ନିଷ୍ପତ୍ତି ଜଣାଇଛନ୍ତି ବାଇଡେନ୍। ବାଇଡେନ କହିଛନ୍ତି, ଦଳ ଏବଂ ଆମେରିକାର ବୃହତ୍ ସ୍ୱାର୍ଥ ଦୃଷ୍ଟିରୁ ରାଷ୍ଟ୍ରପତି ଦୌଡ଼ରୁ ଓହରିଯାଉଛି। ଏଥିସହିତ ଦଳ ପକ୍ଷରୁ ରାଷ୍ଟ୍ରପତି ପ୍ରାର୍ଥୀ କରିବା ଲାଗି ସେ ଉପରାଷ୍ଟ୍ରପତି କମଳା ହାରିସ ନାଁ ସୁପାରିସ କରିଛନ୍ତି। ବାଇଡେନ ନିର୍ବାଚନରୁ ଓହରିଯିବାକୁ ଦଳର ବରିଷ୍ଠ ନେତାମାନେ ସପ୍ତାହେ ହେଲା ପ୍ରବଳ ଚାପ ସୃଷ୍ଟି କରୁଥିଲେ। ଏପରିକି ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା ମଧ୍ୟ ବାଇଡେନ ଓହରିଯାଆନ୍ତୁ ବୋଲି ଖୋଲାଖୋଲି ବୟାନ ଦେଇଥିଲେ। ତେବେ ବାଇଡେନଙ୍କୁ ତାଙ୍କ ପରିବାର ସଦସ୍ୟ ଓ ବରିଷ୍ଠ ନେତା ମିଳିତ ଭାବେ ନିର୍ବାଚନ ଦୌଡ଼ରୁ ଓହରିଯିବାକୁ ପରାମର୍ଶ ଦେବାପରେ ସେ ଓହରିଯିବାକୁ ନିଷ୍ପତ୍ତି ନେଇଛନ୍ତି। ଏବେ ଦେଶରେ ରିପବ୍ଲିକାନ ରାଷ୍ଟ୍ରପତି ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପଙ୍କ ଲୋକପ୍ରିୟତତା ବୃଦ୍ଧି ପାଇବାରେ ଲାଗିଛି।

## ପାଣ୍ଡିଆନଙ୍କୁ ସମର୍ଥନ କଲେ ନବୀନ

ଭୁବନେଶ୍ୱର, ୨୨।୭(ମହାଭରତ): ଭିକେ ପାଣ୍ଡିଆନଙ୍କ ସପକ୍ଷରେ ପୁଣିବାହାରିଲେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ଇଂରାଜୀ ଖବରକାଗଜରେ ପାଣ୍ଡିଆନ ଓ ବିଜେଡିକୁ ନେଇ ପ୍ରକାଶିତ ଖବରକୁ ଖଣ୍ଡନ କରିଛନ୍ତି ନବୀନ। ଏ ନେଇ ଜାତୀୟ ଗଣମାଧ୍ୟମ ପକ୍ଷରୁ କ୍ଷମା ପ୍ରାର୍ଥନା କରାଯାଇଛି।



ଗତ କେଇ ସପ୍ତାହ ଧରି ଜଣେ କେନ୍ଦ୍ରମନ୍ତ୍ରୀଙ୍କ ସହାୟତାରେ ଅମିତ ଶାହାଙ୍କୁ ଭେଟିବାକୁ ପାଣ୍ଡିଆନ ଉଦ୍ୟମ କରୁଥିବା ନେଇ ଖବର ପ୍ରକାଶ ପାଇଥିଲା। କେବଳ ଏତିକିନୁହେଁ, ବରଂ ବିଜେଡିରେ ଫାଟ ସୃଷ୍ଟି କରିବା ସହ ରାଜ୍ୟରେ ବିଜେପିସଙ୍ଗଠନକୁ ଶକ୍ତିଶାଳୀ କରିବାରେ ସହଯୋଗ କରିବେ ବୋଲି ବିଜେପି ନେତୃବୃନ୍ଦକୁ ଅଫର ଦେଇଥିବା ନେଇ ଖବର ପ୍ରକାଶ ପାଇବା ପରେ ମୁହଁ ଖୋଲିଛନ୍ତି ନବୀନ। ସୋସିଆଲ ମିଡିଆ ଆକାଉଣ୍ଟ 'ଏକ୍ସ'ରେ ଏକ ପୋଷ୍ଟ ସେୟାର କରି ନବୀନ କହିଛନ୍ତି ଏହା ସମ୍ପୂର୍ଣ୍ଣ ମିଛ, ଉଦ୍ଦେଶ୍ୟ ପ୍ରଣୋଦିତ, ବିଭ୍ରାନ୍ତକାରୀ ଏବଂ ମାନହାନି କଲାଭଳି ଖବର। ପାଣ୍ଡିଆନ ନିଜର ଦକ୍ଷତା, ନିଷ୍ଠା, ସମର୍ପଣ ଭାବନା ନେଇ ଉଭୟ ରାଜ୍ୟ ଓ ଦଳ ପାଇଁ କାମ କରିଛନ୍ତି। ଏହି ସେବା ମନୋବୃତ୍ତି ପାଇଁ ପାଣ୍ଡିଆନ ଜଣାଶୁଣା ବୋଲି ନବୀନ ନିଜ ଏକ୍ସ ଆକାଉଣ୍ଟରେ ଉଲ୍ଲେଖ କରିଛନ୍ତି।

## ସେନା କ୍ୟାମ୍ପ୍ ଉପରେ ପୁଣି ଆକ୍ରମଣ

ଶ୍ରୀନଗର, ୨୨।୭: ଜମ୍ମୁ ଓ କଶ୍ମୀରରେ ପୁଣି ଥରେ ସେନା କ୍ୟାମ୍ପକୁ ଟାର୍ଗେଟ କଲେ ଆତଙ୍କବାଦୀ। ରାଜୌରୀ ସେନା କ୍ୟାମ୍ପ୍ ଉପରେ ବଡ଼ ଧରଣର ଆତଙ୍କୀ ଆକ୍ରମଣ ଉଦ୍ୟମ ହୋଇଥିଲା। ମାତ୍ର ସୁରକ୍ଷାକର୍ମୀଙ୍କ ସତର୍କତା ଯୋଗୁଁ ଏହି ଆକ୍ରମଣ ଉଦ୍ୟମ ବିଫଳ ହୋଇଛି। ତେବେ କିଛି ସୁରକ୍ଷା କର୍ମୀ ଆହତ ହୋଇଥିବା ଜଣାଯାଇଛି। ଆତଙ୍କବାଦୀମାନେ ରାଜୌରୀର ଗୁଣ୍ଡା ଗାଁରେ ଥିବା ସେନା କ୍ୟାମ୍ପକୁ ଟାର୍ଗେଟ କରି ରାତି ପ୍ରାୟ ୩ଟା ପରେ ଅଖିବୁଜା ଫାୟାରିଂ କରିଥିଲେ। ସୁରକ୍ଷାକର୍ମୀ ପାଲଟା ଜବାବରେ ପ୍ରବଳ ଫାୟାରିଂ କରିବା ସହ ଆତଙ୍କବାଦୀଙ୍କ ଏହି ଉଦ୍ୟମକୁ ବିଫଳ କରି ଦେଇଛନ୍ତି। ଏପରି ଆକ୍ରମଣ ପରେ ଆତଙ୍କବାଦୀମାନେ ଘଟଣାସ୍ଥଳରୁ ଫେରାର ହୋଇଯିବାରେ ସକ୍ଷମ ହୋଇଥିଲେ। ତୁରନ୍ତ ସୁରକ୍ଷାକର୍ମୀ ସମ୍ପୂର୍ଣ୍ଣ ଅଞ୍ଚଳକୁ ସିଲ୍ କରି ସର୍ଚ୍ଚ ଅପରେସନ ଆରମ୍ଭ କରି ଦେଇଛନ୍ତି।

## ଅର୍ଥନୈତିକ ସର୍ଭେ ରିପୋର୍ଟ

# ୨୦୨୪-୨୫ରେ ୬.୫-୭% ରହିପାରେ ଜିଡିପି

ନୂଆଦିଲ୍ଲୀ, ୨୨।୭(ଏଜେନ୍ସି): ବଜେଟ ଅଧିବେଶନ ପୂର୍ବରୁ ଅର୍ଥନୈତିକ ସର୍ବେକ୍ଷଣ ତଥ୍ୟ ଉପସ୍ଥାପନ କରିଛନ୍ତି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ। ଆଜି ଗୃହରେ ଅର୍ଥ ମନ୍ତ୍ରୀ ୨୦୨୩-୨୪ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରି କହିଛନ୍ତି, ବର୍ତ୍ତମାନ ଦେଶର ଅର୍ଥନୀତି ଦୃଢ଼ ସ୍ଥିତିରେ ଅଛି, ୨୦୨୫ ଆର୍ଥିକ ବର୍ଷରେ ଜିଡିପି ୬.୫ରୁ ୭ ପ୍ରତିଶତ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି।

ଅର୍ଥନୈତିକ ସର୍ବେକ୍ଷଣ ତଥ୍ୟ ଉପସ୍ଥାପନ କରି ଅର୍ଥମନ୍ତ୍ରୀ କହିଛନ୍ତି, ବିଶ୍ୱର ଅର୍ଥନୈତିକ ଅନିଶ୍ଚିତତା ସତ୍ତ୍ୱେ ଘରୋଇ ଅଭିବୃଦ୍ଧି ଡ୍ରାଇଭମାନେ ୨୦୨୩-୨୪ ଆର୍ଥିକ ବର୍ଷରେ ଅର୍ଥନୈତିକ ଅଭିବୃଦ୍ଧିକୁ ସମର୍ଥନ କରିଛନ୍ତି। ଭାରତର ଅର୍ଥନୀତି ଦୃଷ୍ଟିକୋଣ ଉଜ୍ଜ୍ୱଳ। ୨୦୨୩ ଆର୍ଥିକ ବର୍ଷ ତୁଳନାରେ ୨୦୨୪ରେ ଅର୍ଥନୀତି ବୃଦ୍ଧି ପାଇଛି ଏବଂ ୨୦୨୫ ଆର୍ଥିକ ବର୍ଷରେ ଏଉଚ ୬.୫ରୁ ୭ ପ୍ରତିଶତ ବୃଦ୍ଧି ପାଇପାରେ ବୋଲି ଅଟକଳନ କରାଯାଇଛି।

ଚଳିତ ଆର୍ଥିକ ବର୍ଷରେ ମୁଦ୍ରାସ୍ଫୀତି ହାର ୪.୫ ପ୍ରତିଶତ ହୋଇଥିବାବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ମୁଦ୍ରାସ୍ଫୀତି ହାର ୪.୧ ପ୍ରତିଶତ ହେବ ବୋଲି ଆକଳନ କରାଯାଇଛି। ଅର୍ଥନୈତିକ ସର୍ବେକ୍ଷଣରେ ଯାହା କିଛି ପରାମର୍ଶ ଦିଆଯାଇଛି ଅର୍ଥନୀତିକୁ ଉତ୍ସାହିତ କରିବା ପାଇଁ ବଜେଟରେ ଏହାର ଝଲକ ଦେଖିବାକୁ ମିଳିବ ବୋଲି ଅନୁମାନ କରାଯାଉଛି।

କୃଷି ଛାଡିଥିବା ଶ୍ରମିକମାନଙ୍କ ପାଇଁ ରୋଜଗାରର ଆବଶ୍ୟକତା ଉପରେ ସର୍ଭେରେ ଗୁରୁତ୍ୱାରୋପ କରାଯାଇଛି। ରୋଜଗାର ସମ୍ବନ୍ଧରେ, ଅର୍ଥନୈତିକ ସର୍ଭେରେ କୁହାଯାଇଛି ଯେ ସେବା କ୍ଷେତ୍ର ହେଉଛି ସର୍ବାଧିକ ନିଯୁକ୍ତି ସୃଷ୍ଟି କରୁଥିବା କ୍ଷେତ୍ରୟ



### ୨୦୨୩-୨୪ ଆର୍ଥିକ ବର୍ଷରେ ମୁଦ୍ରାସ୍ଫୀତି କମିଛି

### ସହରୀ-ଗ୍ରାମୀଣସ୍ତରରେ ଚାହିଦା ବୃଦ୍ଧି ପାଇଛି

ଭିତ୍ତିଭୂମିକୁ ମଜବୁତ କରିବାକୁ ସରକାରଙ୍କ ଗୁରୁତ୍ୱ ହେତୁ ନିର୍ମାଣ କ୍ଷେତ୍ର ଦ୍ରୁତ ଗତିରେ ବିକାଶ କରୁଛି।

ସର୍ଭେ ଅନୁଯାୟୀ, ନିର୍ମାଣ କ୍ଷେତ୍ରରେ ରୋଜଗାର ଅସଂଗଠିତ ଏବଂ ଦରମା ବହୁତ କମ୍, ତେଣୁ କୃଷି ଛାଡ଼ି ଶ୍ରମିକମାନଙ୍କ ପାଇଁ ନୂତନ ରୋଜଗାରର ସୁଯୋଗ ସୃଷ୍ଟି କରିବାର ଆବଶ୍ୟକତା ରହିଛି। ସର୍ବେକ୍ଷଣରେ କୁହାଯାଇଛି ଯେ ଖରାପ ଋଣର ଉତ୍ତରାଧିକାରୀ ହେତୁ ଗତ ଦଶନ୍ଧିରେ ଉତ୍ପାଦନ କ୍ଷେତ୍ରରେ କମ୍ ନିଯୁକ୍ତି ସୃଷ୍ଟି ହୋଇଛି, କିନ୍ତୁ ଆର୍ଥିକ ବର୍ଷ ୨୦୨୧-୨୨ ରୁ ଏହି କ୍ଷେତ୍ରରେ ନିଯୁକ୍ତି ସୁଯୋଗ ବୃଦ୍ଧି ପାଇଛି।

ଖାଦ୍ୟ ଦରଦାମ୍ ବୃଦ୍ଧି ବିଶ୍ୱବ୍ୟାପୀ ଆହ୍ୱାନ ସୃଷ୍ଟି କରିଛି। ସର୍ବେକ୍ଷଣ ଅନୁଯାୟୀ, ଗତ ଦୁଇ ବର୍ଷ ଧରି ଖାଦ୍ୟ ମୁଦ୍ରାସ୍ଫୀତି ସମଗ୍ର ବିଶ୍ୱ ପାଇଁ ଏକ ଚ୍ୟାଲେଞ୍ଜ ହୋଇ ରହିଛି। ଭାରତର କୃଷି କ୍ଷେତ୍ର ଖରାପ ପାଗର ଶିକାର ହୋଇଛି।

ଜଳ ଭଣ୍ଡାରର ହ୍ରାସ ଯୋଗୁ ଫସଲରେ କ୍ଷତି ଘଟିଛି ଯାହା ଖାଦ୍ୟ ଉତ୍ପାଦନରେ ହ୍ରାସ ଘଟାଉଛି ଏବଂ ଏହି କାରଣରୁ ଖାଦ୍ୟ ସାମଗ୍ରୀର ମୂଲ୍ୟ ବଢୁଛି। ଫଳରେ ୨୦୨୨-୨୩ ଆର୍ଥିକ ବର୍ଷରେ ଖାଦ୍ୟ ମୁଦ୍ରାସ୍ଫୀତି ହାର ୬,୬ ପ୍ରତିଶତ ଥିଲା, ୨୦୨୩-୨୪ ଆର୍ଥିକ ବର୍ଷରେ ଏହା ୭.୫ ପ୍ରତିଶତକୁ ବୃଦ୍ଧି ପାଇଛି। ଅର୍ଥନୈତିକ ସର୍ବେକ୍ଷଣ ରିପୋର୍ଟ ତଥ୍ୟ ମାଧ୍ୟମରେ ଦର୍ଶାଇଛି ଯେ ଛୋଟରୁ ବଡ଼ କଂପାନିଗୁଡ଼ିକରେ ନୂତନ ନିଯୁକ୍ତି ବୃଦ୍ଧି ପାଇଛି। ଏଥିସହିତ କୃଷି କ୍ଷେତ୍ରରେ ମଧ୍ୟ ଲୋକଙ୍କୁ କାମ ମିଳିଛି। ଏହା ଫଳରେ ପ୍ରବାସ ହ୍ରାସ ପାଇଛି। ଅର୍ଥନୈତିକ ସର୍ବେକ୍ଷଣ ଅନୁଯାୟୀ, ନିଯୁକ୍ତି ସୃଷ୍ଟି କ୍ଷେତ୍ରରେ ତ୍ରୈମାସିକ ଶ୍ରମଶକ୍ତି ସର୍ଭେ ସହରାଞ୍ଚଳ ନିଯୁକ୍ତି ଏବଂ ଗ୍ରାମୀଣ ଭାରତ ସମେତ ସମଗ୍ର ଦେଶ ପାଇଁ ବାର୍ଷିକ ତଥ୍ୟ ପ୍ରଦାନ କରିଥାଏ। ଏହି ସର୍ବେକ୍ଷଣରୁ ଜଣାପଡିଛି ଯେ କୃଷି କ୍ଷେତ୍ରରେ ନିଯୁକ୍ତି ବୃଦ୍ଧି ଯୋଗୁଁ ବିପରୀତ ସ୍ଥାନାନ୍ତର ହୋଇଛି। ଅର୍ଥାତ ଲୋକମାନେ ସହରରୁ ଗାଁକୁ ଫେରିଛନ୍ତି। ଏଥିସହିତ ଗ୍ରାମୀଣ ଭାରତରେ ଶ୍ରମଶକ୍ତିରେ ମହିଳାଙ୍କ ଅଂଶଗ୍ରହଣ ବୃଦ୍ଧି ପାଇଛି।

ଅର୍ଥନୈତିକ ସର୍ବେକ୍ଷଣ ୨୦୨୪ ରେ କୁହାଯାଇଛି ଯେ ମେଦବହୁଳତା ଭାରତୀୟ ଯୁବକପିଢ଼ିମାନଙ୍କ ମଧ୍ୟରେ ଏକ ଗମ୍ଭୀର ଚିନ୍ତାର ବିଷୟ ପାଲଟିଛି। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ, ୨୦୧୯-୨୦୨୧ ଭାରତର ଜନସଂଖ୍ୟାର ସ୍ୱାସ୍ଥ୍ୟ ସ୍ଥିତିର ଆକଳନ ଦର୍ଶାଉଛି ଯେ ଭାରତରେ ଯୁବକ କିମ୍ବା ବୟସ୍କଙ୍କ ମଧ୍ୟରେ ମୋଟାପଣ ହାର ତିନି ଗୁଣରୁ ଅଧିକ ହୋଇଛି। ବିଶ୍ୱ ମେଦବହୁଳତା ମହାସଂଘ ଅନୁଯାୟୀ ଭିଏତନାମ ଏବଂ ନାମିବିଆ। ପରେ ବାର୍ଷିକ ଶିଶୁଙ୍କ ସଂଖ୍ୟା ବିଶ୍ୱରେ ସର୍ବାଧିକ। ଯଦି ଭାରତ ଏହାର ଜନସଂଖ୍ୟାଗତ ଲାଭର ଫାଇଦା ଉଠାଇବାକୁ ଚାହୁଁଛି, ତେବେ ଏହା ଗୁରୁତ୍ୱପୂର୍ଣ୍ଣ ଯେ ଏହାର ଜନସଂଖ୍ୟାର ସ୍ୱାସ୍ଥ୍ୟ ମାନଦଣ୍ଡ ଏକ ସନ୍ତୁଳିତ ଏବଂ ବିବିଧ ଖାଦ୍ୟ ଆଡକୁ ଅଗ୍ରସର ହେବା ଜରୁରୀ।

## ଚୁଡ଼ା ଖିରି



ଆବଶ୍ୟକ ସାମଗ୍ରୀ: ଚୁଡ଼ା,କ୍ଷୀର,ଚିନି,ମିଲ୍କମେଡ଼,ନଡ଼ିଆ କୋରା,ଗୁଜୁରାତି,କାଜୁ-କିସମିସ ଓ ଘିଅ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚୁଡ଼ାକୁ ପାଣିରେ ଭଲ ଭାବେ ଧୋଇ ଚିପୁଡ଼ି ଏକ ମାତ୍ରରେ ରଖିଦିଅନ୍ତୁ। ବର୍ତ୍ତମାନ କଡ଼େଇରେ ଅଳ୍ପ ଘିଅ ଗରମ କରି ଏଥିରେ ଧୁଆ ଚୁଡ଼ାକୁ ପକାଇ ହାଲକା ଭାଜନ୍ତୁ। ଚୁଡ଼ା ଟିକେ ଭାଜି ହୋଇଗଲେ ଏହାକୁ ଏକ ପ୍ଲେଟକୁ କାଢି ଦିଅନ୍ତୁ।

ଏବେ କଡ଼େଇରେ ଆଉ ଟିକେ ଘିଅ ଗରମ କରି ଏଥିରେ କାଜ,କିସମିସ ପକାଇ ହାଲକା ଭାଜନ୍ତୁ ଓ କାଢି ରଖନ୍ତୁ। ଏହା ପରେ ଏକ ପାତ୍ରରେ କ୍ଷୀରରେ ଗୁଜୁରାତି ପକାଇ ଫୁଟାନ୍ତୁ। କ୍ଷୀର ଫୁଟି ମରିଗଲେ ସେଥିରେ ଚୁଡ଼ା ପକାନ୍ତୁ। ଚୁଡ଼ା ଟିକେ ଫୁଲି ଖୋଲି ଗଲା ପରେ ଏଥିରେ ଚିନି,ମିଲ୍କ ମେଡ଼,ନଡ଼ିଆ କୋରା ଓ ଭଜା କାଜୁ-କିସମିସ ପକାଇ ଫୁଟାନ୍ତୁ। କ୍ଷୀର ଓ ଚୁଡ଼ା ମିଶି ଖିରି ଭଳି ହୋଇଗଲେ ଏହାକୁ ଚୁଲିରୁ ଓହ୍ଲାଇଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ଚୁଡ଼ା ଖିରୀ' ।

### ଖବର

## ରାଜକୁମାର ରାଓଙ୍କୁ ଉପହାରରେ ମିଳିଲା ବାଇକ





ବଲିଉଡ ଅଭିନେତା ରାଜକୁମାର ରାଓଙ୍କୁ ନିକଟରେ ଏକ ଖାସ୍ ଉପହାର ମିଳିଛି । ଏହା ଏକ କଷ୍ଟମାଇଜ୍ଡ ଯେଜଦି ରୋଡଷ୍ଟର ବାଇକ । ଏହି ବାଇକକୁ ଜାଓ୍ୱା-ଯେଜଦି ମୋଟରସାଇକେଲ କମ୍ପାନୀ ଦ୍ୱାରା ରାଜକୁମାରଙ୍କୁ ଉପହାର ଦିଆଯାଇଛି । ଏଥିରେ ଡୁଆଲ ଟୋନ୍ କଲର ସ୍କିମ୍ ରହିଛି । ଏହି ବାଇକକୁ ରାଜକୁମାରଙ୍କ ଫିଲ୍ମ 'ଗନ୍ସ ଏଣ୍ଡ୍ ଗୁଲାବ୍ସ'କୁ ଟ୍ରିବ୍ୟୁଟ ରୂପେ ମଧ୍ୟ ଡିଜାଇନ୍ କରାଯାଇଛି । ଫିଲ୍ମର ନାଁକୁ ରିୟର ମଡଗାର୍ଡ ଓ ସାଇଡ୍ ପ୍ୟାନେଲରେ ଲେଖାଯାଇଛି । ଏହାକୁ ଏକ ସ୍ପେଶାଲ ଟଚ୍ ଦିଆଯାଇଛି ଯାହା ଏହାକୁ ଅଧିକ ଖାସ୍ କରୁଛି ।

ଅନ୍ୟପଟେ ଆନନ୍ଦ ମହିନ୍ଦ୍ରା ଏକ୍ସରେ ପୋଷ୍ଟ କରି ଗନ୍ସ ଏଣ୍ଡ୍ ଗୁଲାବ୍ସ ଏଡିଶନ କଥା ଉଠାଇ କହିଛନ୍ତି କି ରାଜକୁମାରଙ୍କ ପାଇଁ ଏହା ଉପଯୁକ୍ତ ବାଇକ୍ ।ଏହା କେବଳ ଦେଖିବାକୁ ଖାସ୍ ନୁହେଁ । ଏଥିରେ କିଛି ମେକାନିକାଲ ପରିବର୍ତ୍ତନ ମଧ୍ୟ କରାଯାଇଛି । ଗାଡିରେ ୩୩୪ ସିସି ଲିକ୍ୱିଡ୍-କୁଲ୍ଡ ଇଞ୍ଜିନ୍ ମିଳେ ଯାହା ୨୮ ବିଏଚପି ଏବଂ ୨୯.୪ ଏନଏମ୍ ଟର୍କ ଉତ୍ପନ୍ନ କରିଥାଏ । ଏହାକୁ କେବଳ ରାଜକୁମାରଙ୍କ ପାଇଁ ଖାସ୍ ରୂପେ କମ୍ପାନୀ ପ୍ରସ୍ତୁତ କରିଛି । ରାସ୍ତାରେ ଏହାକୁ ଦେଖିବାକୁ ମିଳିବନି । ଏହାର ଦାମ୍ ୨.୦୯ ଲକ୍ଷ(ଏକ୍ସ-ଶୋରୁମ୍) । କମ୍ପାନୀ ବିନା ଅତିରିକ୍ତ ଖର୍ଚ୍ଚରେ ହେଡଲ୍ୟାମ୍ପ ଗ୍ରିଲ୍, କ୍ରାଶ୍ ଗାର୍ଡ, ବାଇକ କଭର ଆଦି ଗ୍ରାହକଙ୍କୁ ଯୋଗାଇ ଦେଇଥାଏ ।

## ଗଣେଶଙ୍କ ପୂଜାରେ କାହିଁ ଲଗାନ୍ତିନି ତୁଳସୀ


ରାମ-ସୀତା, ରାଧା-କୃଷ୍ଣ, ଶିବ-ପାର୍ବତୀ ଆଦି ଯୁଗଳ ନାମ ପରି ଅବଶ୍ୟ କେବେ ଦେଖିବାକୁ ମିଳିନାହିଁ ଗଣେଶ ଓ ତୁଳସୀଙ୍କ ନାମ। ମାତ୍ର ଗଣେଶଙ୍କୁ ତୁଳସୀ ଯେ ଏକତରଫା ଭାବେ ଭଲପାଇ ବସିଥିଲେ ତାହା ହୁଏତ ଆପଣ ଜାଣିଥିବେ। ଆଜି ଆମେ ଆଲୋଚନା କରିବା ସେହି ଅଭୁଲା ଏକତରଫା ପ୍ରେମ କାହାଣୀ ସଂପର୍କରେ। ଧର୍ମରାଜଙ୍କ ଝିଅ ତୁଳସୀ ବିଷ୍ଣୁଙ୍କର ପରମ ଭକ୍ତ ଥିଲେ। ସେ ଗଙ୍ଗାନଦୀ କୂଳରେ ଏକ ଗୃହରେ ରହି ବିଷ୍ଣୁଙ୍କ ପୂଜା କରୁଥିଲେ। ଦିନେ ଶିବଙ୍କ ପୁତ୍ର ଗଣେଶ ସେଇ ବାଟ ଦେଇ ଅତିକ୍ରମ କଲେ। ଗଣେଶଙ୍କୁ ଦେଖି ତୁଳସୀ ତାଙ୍କୁ ପ୍ରେମ କରି ବସିଲେ। ସେ ଗଣେଶଙ୍କୁ ଯାଇ ପ୍ରେମ ନିବେଦନ କରିବା ସହ ତାଙ୍କୁ ବିବାହ କରିବାକୁ ଚାହାନ୍ତି ବୋଲି କହିଲେ। ମାତ୍ର ଗଣେଷ ବିନମ୍ରର ସହ ତୁଳସୀଙ୍କ ପ୍ରସ୍ତାବକୁ ପତ୍ୟାଖ୍ୟାନ କରି ସେ ତାଙ୍କ ମାଆ ପାର୍ବତୀଙ୍କ ପରି ଜୀବନସାଥୀ ଚାହାନ୍ତି ବୋଲି କହିଲେ। ଗଣେଶଙ୍କର ଏପରି ସିଧାସଳଖ ପ୍ରାତ୍ୟାଖ୍ୟାନ ଟିକେ ତୁଳସୀଙ୍କୁ ଲଜ୍ଜିତ କଲା। ସେ ଗଣେଶଙ୍କୁ ଏକ ଅଭିଶାପ ଦେଲେ। କହିଲେ ଯେ ତୁମେ ତୁମ ଇଚ୍ଛା ବିରୋଧରେ ବିବାହ କରିବ। ଗଣେଶ ତୁଳସୀଙ୍କ ଅଭିଶାପ ଶୁଣି କ୍ଷୁବ୍ଧ ହୋଇଗଲେ। ସେ ତାଙ୍କୁ ଓଲଟା ଅଭିଶାପ ଦେଇ କହିଲେ, ତୁମେ ଜଣେ ଅସୁରକୁ ବିବାହ କରିବ। ତୁଳସୀ ଗଣେଶଙ୍କୁ ନିଜ ଅଭିଶାପ ପାଇଁ କ୍ଷମା ମାଗିବା ସହ ତାଙ୍କ ଅଭିଶାପ ଫେରାଇ ନେବାକୁ ପ୍ରାର୍ଥନା କଲେ। ଗଣେଶ କହିଲେ ଯେ କେବଳ ବିଷ୍ଣୁ ଚାହିଁଲେ ତୁମକୁ ଏହି ଅଭିଶାପରୁ ମୁକ୍ତ କରିପାରିବେ। ତୁମେ ତାଙ୍କ ପୂଜାରେ ଲାଗିବ, ଏକ ଗଛ ହୋଇ। ମାତ୍ର ମୋ ପୂଜାରେ ତୁମେ କେବେ ବି ଲାଗିବ ନାହିଁ। ସେବେଠାରୁ ତୁଳସୀ ଅନ୍ୟ ସମସ୍ତ ଠାକୁରଙ୍କ ଦେହରେ ଲାଗି ହେଉଥିବା ବେଳେ ଗଣେଶଙ୍କ ପାଖେ ହୋଇନଥାଏ।

## ହନୁମାନଙ୍କ ହୃଦୟରେ ସର୍ବଦା ଶ୍ରୀରାମ



ଆମ ବ୍ୟକ୍ତିତ୍ୱରେ ଯେଉଁ ଭଳି ଗୁଣ ପ୍ରତିଫଳିତ ହେଉଥିବ ଆମ ସହ ମିଳାମିଶା କରୁଥିବା ବ୍ୟକ୍ତିଙ୍କ ଉପରେ ତାହାର ପ୍ରଭାବ ନିଶ୍ଚେ ପଡ଼ିବ। ହନୁମାନଙ୍କ ଭିତରେ ଭକ୍ତି ରସ ଭରି ରହିଥିଲା। ତାଙ୍କ ଶରୀରର ପ୍ରତିଟି ଅଙ୍ଗରେ କେବଳ ଆଉ କେବଳ ରାମ ହିଁ ବାସ କରୁଥିଲେ। ଏହି କାରଣରୁ ହନୁମାନଙ୍କୁ ଯିଏ ଭେଟୁଥିଲା ତାକୁ ରାମଙ୍କ ସାନ୍ନିଧ ସୁଖ ମିଳୁଥିଲା। ତେଣୁ ତାଙ୍କର ଉପସ୍ଥିତି ହିଁ ନିଜ ଭିତରେ ଏକ ସୁରକ୍ଷା ଭାବ ସୃଷ୍ଟି କରିଥାଏ। ସୁନ୍ଦରକାଣ୍ଡରେ ହନୁମାନଙ୍କ ଲଙ୍କା ପ୍ରବେଶକୁ ନେଇ ହନୁମାନ ଏବଂ ଲଙ୍କନୀ ରାକ୍ଷସୀର ବାର୍ତ୍ତାଳାପକୁ ଗୋସ୍ୱାମୀ ତୁଳସୀଦାସ ଅତି ସୁନ୍ଦର ଭାବେ ବର୍ଣ୍ଣନା କରି ଲେଖିଛନ୍ତି। ସେ ହନୁମାନଙ୍କ ସହ ହୋଇଥିବା ଏହି ବାର୍ତ୍ତାଳପକୁ ସତ୍ସଙ୍ଗ ବୋଲି କହିଛନ୍ତି। ଯେଉଁଥିରେ ଆଗକୁ ଲଙ୍କା ପ୍ରବେଶ ପାଇଁ ହନୁମାନଙ୍କୁ ଏକ ପରାମର୍ଶ ଦେଇଛି ଲଙ୍କିନୀ। ଏହି ବିଚାରର ଚୌପାଇକୁ ତୁଳସୀଦାସ ଲଙ୍କନୀ ପରି ରାକ୍ଷସୀ ମୁହଁରେ କୁହାଇ କରିଛନ୍ତି, 'ପ୍ରବିଶି ନଗର କିଜେ ସବ କାଜା। ହୃଦୟ ରଖି କୋସଲପୁର ରାଜା।' ଅର୍ଥାତ୍ ଅଯୋଧ୍ୟାପୁରୀର ରାଜା ଶ୍ରୀରାମଙ୍କୁ ସ୍ମରଣ କରି ନଗର ମଧ୍ୟକୁ ପ୍ରବେଶ କରି ସବୁ କାର୍ଯ୍ୟ କର। ଶ୍ରୀରାମଚରିତମାନସର ଏହି ଚୌପାଇ ନିଜର ପ୍ରଭାବ କାରଣରୁ ହିଁ ମନ୍ତ୍ର ହୋଇଗଲା। ବିପଦକୁ ଛୋଟ ମଣିବା ହିଁ ତାହା ଉପରେ ବିଜୟ ହାସଲ କରିବାରେ ସହାୟତା କରିଥାଏ । ହନୁମାନଙ୍କ ହୃଦୟରେ ଶ୍ରୀରାମ ତ' ପୂର୍ବରୁ ଥିଲେ। କାରଣ ଲଙ୍କା ଅଭିଯାନ ପାଇଁ ବାହାରିବା ସମୟରେ ତାଙ୍କ ଉଦ୍ଦେଶ୍ୟରେ ଲେଖାଯାଇଛି, 'ୟହ କହି ନାଇ ସବହ୍ନି କହୁଁ ମାଥା। ଚଲେଉ ହରଷି ହିୟଂ ଧରି ରଘୁନାଥା।' ହନୁମାନ କେବଳ ଦୁଇଟି କାମ କରୁଥିଲେ। ପ୍ରଥମଟି ହେଉଛି ଶ୍ରୀରାମଙ୍କୁ ହୃଦୟରେ ରଖିଥିଲେ ଏବଂ ଅନ୍ୟଟି ଆନନ୍ଦରେ ରହୁଥିଲେ। ଏହି କାରଣରୁ ହନୁମାନଙ୍କ ଉପସ୍ଥିତି ମାତ୍ରକେ ହିଁ ଲଙ୍କିନୀର ମନୋଭାବ ଦିବ୍ୟ ହୋଇଯାଇଥିଲା । ସେ ରାବଣର ଗଡ଼ ଜଗୁଥିଲେ ମଧ୍ୟ ହନୁମାନଙ୍କ କାର୍ଯ୍ୟର ଉଦ୍ଦେଶ୍ୟ ବିଷୟରେ ଜାଣି ତାଙ୍କୁ ଲଙ୍କା ଭିତରକୁ ପ୍ରବେଶ କରିବା ଲାଗି ଅନୁମତି ଦେବା ସହ ତାଙ୍କୁ ଉତ୍ସାହିତ କରିଥିଲା। ତେଣୁ ଆମେ ନିଜ ହୃଦୟକୁ ଯେତେ ଉଜାଗର ରଖିବା ବାହାରର ବାତାବରଣ ସେତେ ହିଁ ଶୁଭ ହେବ। ନିଜ ବ୍ୟକ୍ତିତ୍ୱକୁ ଯେତେ ଦୃଢ଼ କରିବା ଅନ୍ୟମାନେ ସେଥିରେ ସେତେ ପ୍ରଭାବିତ ହେବେ। ସର୍ବଦା ମନକୁ ପବିତ୍ର କରି ରଖିବା ଉଚିତ୍।

## ବିଳମ୍ବିତ ରାତିରେ ଖାଉଥିଲେ ସାବଧାନ, ହୋଇପାରେ କ୍ୟାନ୍ସର




ବିଳମ୍ବିତ ରାତିରେ ଖାଦ୍ୟ ଖାଇବା ଅଧିକାଂଶ ଲୋକଙ୍କ ଅଭ୍ୟାସ ଥାଏ। ତେବେ ଏହି ଅଭ୍ୟାସ ଆଗକୁ ବିପଦ ରହିଛି। ଲୋକେ କ୍ୟାନସର ଭଳି ମାରାତ୍ମକ ରୋଗରେ ପୀଡିତ ହୋଇପାରନ୍ତି। ଇଣ୍ଟର ନ୍ୟାସନାଲ ଜର୍ଣ୍ଣାଲ ଅଫ କ୍ୟାନସରର ରିପୋର୍ଟ ଅନୁସାରେ ରାତ୍ରି ଭୋଜନ ଡେରିରେ କଲେ କ୍ୟାନସର ହୋଇପାରେ।

ରିସର୍ଚ୍ଚ ଅନୁସାରେ, ବିଳମ୍ବିତ ରାତିରେ ଭୋଜନ କରୁଥିବା ଲୋକଙ୍କୁ ବ୍ରେଷ୍ଟ ଏବଂ ପ୍ରୋଷ୍ଟେଟ କ୍ୟାନ୍ସର ଅଧିକ ବିପଦ ରହିଛି। ନିକଟରେ ଲୋକଙ୍କ ଖାଦ୍ୟ-ପେୟ ସହ ଜଡିତ ଅଭ୍ୟାସକୁ ନେଇ ଏକ ଗବେଷଣା କରାଯାଇଥିଲା। ଏହି ଅଧ୍ୟୟନରେ ୮୭୨ ପୁରୁଷ ଏବଂ ୧୩୨୧ ମହିଳା ସାମିଲ ହୋଇଥିଲେ। ଏଥିରୁ ଗବେଷକମାନେ ପ୍ରୋଷ୍ଟେଟ କ୍ୟାନସରର୬୨୧ଟି ମାମଲା ଏବଂ ସ୍ତନକର୍କଟ ରୋଗର ୧୨୦୫ଟି ମାମଲା ଦେଖିଥିଲେ।

ଏହି ପରୀକ୍ଷାରେ ସାମିଲ ହୋଇଥିବା ଲୋକଙ୍କୁ ସେମାନଙ୍କ ଖାଦ୍ୟ ଖାଇବା ଏବଂ ଶୋଇବା ସମୟ ପଚରାଯାଇଥିଲା। ପରେ, ଏହି ଲୋକମାନଙ୍କର ଶୋଇବା ଏବଂ ଖାଇବା ଅଭ୍ୟାସକୁ ସାଧାରଣ ଲୋକଙ୍କ ଅଭ୍ୟାସ ସହ ତୁଳନା କରାଯାଇଥିଲା। ପରୀକ୍ଷାରୁ ଜଣାପଡିଥିଲା ଯେ, ରାତିରେ ଖାଇବା ପରେ ସଙ୍ଗେ ସଙ୍ଗେ ଶୋଇ ପଡୁଥିବା ଲୋକଙ୍କୁ କ୍ୟାନସର ବିପଦ ଅଧିକ ରହିଥାଏ। ସେହିପରି ରାତିରେ ଖାଇବା ପରେ ଅତି କମ୍‌ରେ ୨ ଘଣ୍ଟା ବା ତା'ଠାରୁ ଅଧିକ ସମୟ ପର୍ଯ୍ୟନ୍ତ ନଶୋଇବା ଲୋକଙ୍କ ମଧ୍ୟରେ କ୍ୟାନସରର ବିପଦ ୨୦ ପ୍ରତିଶତ କମ ଦେଖାଦେଇଥାଏ। ସେହିପରି ରିସର୍ଚ୍ଚ କହୁଛି ଯେ, ରାତି ୯ଟା ପୂର୍ବରୁ ଭୋଜନ କରୁଥିବା ଲୋକଙ୍କ ମଧ୍ୟରେ କ୍ୟାନ୍ସର ବିପଦ ଖୁବ କମ୍ ରହିଛି। ରାତି ୧୦ଟା ପରେ ଡିନର କରୁଥିବା ଲୋକଙ୍କ ମଧ୍ୟରେ ୯ଟାରେ ଭୋଜନ କରୁଥିବା ଲୋକଙ୍କ ତୁଳନାରେ କ୍ୟାନସର ରୋଗର ବିପଦ ଅଧିକ ଥାଏ । କେବଳ ସେତିକି ନୁହେଁ ପ୍ରତିଦିନ ଆପଣ ଖାଉଛନ୍ତି ଏବଂ କେଉଁ ପ୍ରକାର ଖାଦ୍ୟ ଖାଉଛନ୍ତି, ଏହାଦ୍ୱାରା କ୍ୟାନସର ବିପଦ ରହିଛି ନା ନାହିଁ ସେ ନେଇ ମଧ୍ୟ ପରୀକ୍ଷା କରାଯାଇଛି। ଏଥିରୁ ଜଣାପଡିଛି ଯେ, ଖାଦ୍ୟ ଖାଇବା ଅଭ୍ୟାସ ବଦଳାଇଲେ କ୍ୟାନସର ରୋଗର ପ୍ରଭାବ ମଧ୍ୟ ଆମ ଶରୀର ଉପରେ କମ ଅଧିକା ରହିଥାଏ। ମେଡିକାଲ ନ୍ୟୁଜ ଟୁଡେ ରିପୋର୍ଟ ଅନୁଯାୟୀ, ଆପଣ ନିଜ ଡାଏଟରେ କେଉଁ ଖାଦ୍ୟ ଖାଉଛନ୍ତି, ଯେଉଁଥିପାଇଁ କ୍ୟାନସର ହେଉଛି ତାହା କହିବା କଷ୍ଟକର। କିନ୍ତୁ ଡାକ୍ତରମାନେ ଅଧିକ ତେଲ ଯୁକ୍ତ ଖାଦ୍ୟକୁ ଦାୟୀ କରୁଛନ୍ତି। ମିଠା ପାନୀୟ, କୋଲ୍ଡ ଡ୍ରିଙ୍କ୍ସ, ଲାଲ ମାଂସ, ଆଲକହଲ, ଧୂମପାନ, ରିଫାଇନରୀ ତେଲ ଅଲଟ୍ରା ପ୍ରୋସେସଡ ଫୁଡ ଏବଂ ହାଇପ୍ରୋଟିନ ଡାଏଟ ଯୋଗୁଁ ମଧ୍ୟ କ୍ୟାନସର ରୋଗ ସୃଷ୍ଟି ହୋଇପାରେ। ଶରୀରରେ ଚର୍ବି ଅଂଶ ଅତ୍ୟଧିକ ମାତ୍ରାରେ ବଢ଼ିବା ଦ୍ୱାରା କ୍ୟାନସର ବିପଦ ଉତ୍ପନ୍ନ ହୋଇଥାଏ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ତେଣୁ ଏସବୁ ଦିଗ ଉପରେ ଧ୍ୟାନ ରଖିଲେ କ୍ୟାନସର ଭଳି ମାରାତ୍ମକ ରୋଗର ବିପଦକୁ ଟାଳି ହେବ ବୋଲି ଏହି ଅଧ୍ୟୟନର ପ୍ରମୁଖ ଡାକ୍ତର ମନୋଲିସ କୋଜିଭିନାସ କହିଛନ୍ତି।

## ମାତାଙ୍କ ଆଦର୍ଶ

ସବୁକିଛି ନିଷ୍ଫଳ ସାବ୍ୟସ୍ତ ହେଲା । କୃଷ୍ଣ ନିରାଶ ହୋଇ କୁନ୍ତୀଙ୍କ ନିକଟକୁ ଗଲେ । ସବୁ କଥା ଶୁଣି କୁନ୍ତୀ ନିରୁତ୍ସାହିତ ହେଲେ ନାହିଁ । ସେ କୃଷ୍ଣଙ୍କୁ କହିଲେ, "ଯୁଧିଷ୍ଠିରକୁ କହିବ ସେ ନିଶ୍ଚୟ ଯୁଦ୍ଧ କରୁ ।



ଯୁଦ୍ଧ ଅବଶ୍ୟମ୍ଭାବୀ, ଏଣୁ ମୃତ୍ୟୁର ଚିନ୍ତା ନକରି ସେ ଅତ୍ୟାଚାରୀମାନଙ୍କୁ ଦଣ୍ଡ ଦେଉ । ଧର୍ମ ଏବଂ କର୍ତ୍ତବ୍ୟର ବେଦୀ ଉପରେ ଆତ୍ମ-ତ୍ୟାଗ କରିବାର ଦିନ ଆସି ପହଞ୍ଚିଯାଇଛି । ବିପତ୍ତି କାଳରେ ବୀର ପୁରୁଷମାନେ ଅଣ୍ଟା ଭିଡ଼ି ବିପଦର ମୁକାବିଲା କରିଥାନ୍ତି । ତା'କୁ କହିବ ଯେ ବିଦୁଲାର ପୁତ୍ର ଯେତେବେଳେ ଯୁଦ୍ଧରେ ପରାଜିତ ହୋଇ ନିଜ ମାତାଙ୍କ ନିକଟକୁ ମୁହଁ ଲୁଚାଇବାକୁ ଆସିଥିଲା, ମା' ତା'କୁ ପୁଣିଥରେ ଯୁଦ୍ଧ କରିବା ଲାଗି ପଠାଇଥିଲା। ସେ ଯୁଦ୍ଧରେ ଲଢ଼ି ବୀରଗତି ପ୍ରାପ୍ତ କରିବା ପରେ ମାତା ପରମସନ୍ତୋଷ ଲାଭ କରିଥିଲେ । ମୁଁ ମଧ୍ୟ ସେହିପ୍ରକାରେ ନିଜ ପୁତ୍ରମାନଙ୍କୁ ଅନ୍ୟାୟ ଏବଂ ଅତ୍ୟାଚାର ବିରୋଧରେ ଲଢ଼ି ମରୁଥିବା ଦେଖିବାକୁ ଅଧିକ ପସନ୍ଦ କରିବି । ଭୟଭୀତ ହୋଇ ସେମାନେ ବଞ୍ଚିଲେ ମୋତେ ଅଧିକ କଷ୍ଟ ହେବ"। କର୍ମଯୋଗୀ ଭଗବାନ କୃଷ୍ଣ କୁନ୍ତୀଙ୍କ ଏହି ବାଣୀକୁ ଗୀତାରେ କର୍ମଯୋଗର ଆଧାର କରିଥିଲେ । ରାଷ୍ଟ୍ରଭକ୍ତି ସବୁଠୁ ବଡ଼ ଧର୍ମ । ଏଥିପାଇଁ କିଛି ବି ବଳିଦାନ ଦିଆଯାଇପାରେ ।

# ସିଟିଟିସି ସହ ଓଡ଼ିଶା ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣର ବୁଝାମଣା



ଭୁବନେଶ୍ୱର,୨୨।୭ (ମହାଭାରତ): ଦେବଗଡ଼ ଜିଲ୍ଲାର ସରକାରୀ ବାରକୋଟ୍ ଆଇଟିଆଇ ଓ ଯାଜପୁର ଜିଲ୍ଲାର ସରକାରୀ ପଲିଟେକ୍‌ନିକ୍ ଠାରେ ମିନି ଟୁଲ୍ ରୁମ୍ ନିର୍ମାଣ ପାଇଁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଅଧିନରେ କାର୍ଯ୍ୟରତ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣର ନିର୍ଦ୍ଦେଶକ ରେଘୁ ଜି ଏବଂ ସେଂଟ୍ରାଲ ଟୁଲ୍ ରୁମ୍ ଓ ପ୍ରଶିକ୍ଷଣ କେନ୍ଦ୍ର ବା ସିଟିଟିସିର ସାଧାରଣ ପରିଚାଳକ ଏଲ୍. ରାଜଶେଖରଙ୍କ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ଉପସ୍ଥିତିରେ ମନ୍ତ୍ରୀଙ୍କ ପ୍ରକୋଷ୍ଠରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଓଡ଼ିଶା ମିନେରାଲ ବିଅରିଂ ଏରିଆ ଡେଭ୍‌ଲପ୍‌ମେଂଟ କର୍ପୋରେସନ୍ (ଓମ୍‌ବାଡ୍‌ସି) ଏଥି ପାଇଁ ୫ କୋଟି ଟଙ୍କା ଅନୁଦାନ କରିଛି । ଏହା ଦ୍ୱାରା ଉଭୟ କେନ୍ଦ୍ରରେ ଉଭୟ ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ପ୍ରଶିକ୍ଷଣ ପାଇପାରିବେ । ଯୁବକଯୁବତୀମାନଙ୍କର ଦକ୍ଷତା ବିକାଶ ହେବା ସହ ଆଧୁନିକ ବୈଷୟିକ ଜ୍ଞାନକୌଶଳରେ ପରିପୂର୍ଣ୍ଣ ହୋଇ ସେମାନେ ନିଜକୁ ରୋଜଗାରକ୍ଷମ କରିପାରିବେ । ଏତଦ୍‌ବ୍ୟତୀତ ପ୍ରଶିକ୍ଷକମାନଙ୍କର ଉତ୍ପାଦିକତା କ୍ଷେତ୍ରରେ ପୁନଃଦକ୍ଷତା ଓ ଉଚ୍ଚତର ଦକ୍ଷତା କ୍ଷମତା ମଧ୍ୟ ହାସଲ ହୋଇପାରିବ ।

କେନ୍ଦ୍ରୀୟ ଯାନ୍ତ୍ରିକ ଓ ପ୍ରଶିକ୍ଷଣ କେନ୍ଦ୍ର ବା ସିଟିଟିସି କେନ୍ଦ୍ର ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଅଟେ । ଏହି ଅନୁଷ୍ଠାନ ଓମ୍‌ବାଡ୍‌ସି ଅଧିନସ୍ଥ ସରକାରୀ ପଲିଟେକ୍‌ନିକ୍ ଯାଜପୁର ଓ ଦେବଗଡ଼ର ବାରକୋଟ ସରକାରୀ ଆଇଟିଆଇକୁ ଅଧିସ୍ୱୀକୃତି ପ୍ରଦାନ କରିବ । ଏହାଛଡ଼ା କମ୍ପ୍ୟୁଟର ନ୍ୟୁମରିକାଲ କଂଟ୍ରୋଲ ମିଲିଂ ଓ ଟର୍ଣ୍ଣିଂ ପାଇଁ ଯେଉଁ ପ୍ରଶିକ୍ଷଣ ଦିଆଯାଏ ତାହାକୁ ସାର୍ଟିଫିକେଟ ପ୍ରଦାନ କରିବ । ଉତ୍ପାଦିକତା ଦେଶର ଅର୍ଥନୀତି ଓ ସାମଗ୍ରିକ ଅଭିବୃଦ୍ଧିର ମୁଖ୍ୟ ଇଞ୍ଜିନ୍ ବୋଲି ପରିଗଣିତ ହୋଇଛି । ଦେଶରେ ଆବଶ୍ୟକୀୟ ଜିଡିପି ଅଭିବୃଦ୍ଧି ପାଇଁ ଉତ୍ପାଦିକତା ଅଭିବୃଦ୍ଧି ସିଧାସଳଖ ସଂପୃକ୍ତ ଅଟେ । ଜଗତିକରଣକୁ ସାମ୍ନା କରିବାକୁ ହେଲେ ଏକ ନିରନ୍ତର ଅଭିବୃଦ୍ଧି ଏବଂ ପ୍ରତିଯୋଗିତାମୂଳକ ଉତ୍ପାଦିକତା କ୍ଷେତ୍ର ପ୍ରସ୍ତୁତ ହେବା ଆବଶ୍ୟକ । ଦେଶର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଉତ୍ପାଦିକତାର ଏକ ମୂଲ୍ୟବାନ ଅବଦାନ କହିଲେ ଅତ୍ୟୁକ୍ତି ହେବ ନାହିଁ । ତଥାପି ଏମ୍‌ଏସ୍‌ଏମ୍‌ଇ ଓ ବୃହତ୍ ଶିଳ୍ପ ମଧ୍ୟରେ ଥିବା ସମସ୍ତ ସୁବିଧାସୁଯୋଗ ସୁଦକ୍ଷ ମାନବସମ୍ବଳ ସହ ଯଥେଷ୍ଟ ନୁହେଁ । ସେଥିପାଇଁ ଓଡ଼ିଶା ସରକାର ପୂର୍ବରୁ ଅନେକ ଟୁଲ୍ ରୁମ୍ ସହ ବର୍ତ୍ତମାନ ୨ଟି ଟୁଲ୍ ରୁମ୍‌ର ସମ୍ପ୍ରସାରଣ କରିଛନ୍ତି । ଏହି ମିନି ଟୁଲ୍ ରୁମ୍‌ରେ ମେସିନାରୀ ଓ ଟ୍ରେନିଂ ଉଭୟ ସୁବିଧା ରହିବ । ମେସିନାରୀ ଟ୍ରେନିଂ, ଆଧୁନିକ ଜ୍ଞାନକୌଶଳ ଏବଂ ଅତ୍ୟାଧୁନିକ ଭିତିଭୂମି ଦ୍ୱାରା ଦକ୍ଷ ମାନବସମ୍ବଳ ସୃଷ୍ଟି ହୋଇପାରିବ ।

### ଏଏସଓଙ୍କୁ ମାଡ ଘଟଣା

# ସତ୍ୟାସତ୍ୟ ଯାଂଚ କରିବାକୁ ପୁରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି : ମନ୍ତ୍ରୀ

ଭୁବନେଶ୍ୱର,୨୨।୭ (ମହାଭାରତ): ଏଏସଓଙ୍କୁ ରାଜ୍ୟପାଳଙ୍କ ପୁଅ ମାଡ ମାରିବା ଘଟଣାରେ ପ୍ରତିକ୍ରିୟା ରଖିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ସେ କହିଛନ୍ତି ଯେ ଗତ ୭ ତାରିଖରେ ଘଟଣା ସଂପର୍କରେ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଅବଗତ ଅଛନ୍ତି । ଏହି ଘଟଣାର ତଦନ୍ତ କରି ସତ୍ୟାସତ୍ୟ ଯାଂଚ କରିବାକୁ ପୁରୀର ଜିଲାପାଳଙ୍କୁ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ତଦନ୍ତ ରିପୋର୍ଟ ୧୫ ଦିନ ଭିତରେ ଦାଖଲ କରିବାକୁ କୁହାଯାଇଛି । ରିପୋର୍ଟ ହସ୍ତଗତ ହେବା ପରେ ଦୋଷୀଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ । ଗତ ବିଜେଡି ସରକାର ସମୟରେ ସ୍ଥାନ, କାଳ ଓ ପାତ୍ର ଅନୁଯାୟୀ ଆଇନକୁ ତା ବାଟରେ ଯିବାକୁ ଦିଆଯାଉନଥିଲା । ମାତ୍ର ବର୍ତ୍ତମାନ ମୋହନ ମାଝୀ ସରକାରରେ ଆଇନକାନୁନକୁ ତା'ବାଟରେ ଯିବା ପାଇଁ ସଂପୂର୍ଣ୍ଣ ଅଗ୍ରାଧିକାର ଦିଆଯିବା ଏବଂ କୌଣସି ପ୍ରତିବନ୍ଧକ ସୃଷ୍ଟି ନକରିବାକୁ ବିଜେପି ସରକାର ପ୍ରତିଶୃତିବଦ୍ଧ । ବିଜେପି ସରକାର ଉପରେ ରାଜ୍ୟବାସୀଙ୍କ ଭରପୁର ଭରଷା ରହିଛି । ଏଣୁ ବିରୋଧି ଦଳ ମଧ୍ୟ ରାଜ୍ୟ ସରକାରଙ୍କୁ ଅସହଯୋଗ କରିବାର ମାନସିକତା ଛାଡ଼ି ଧୈର୍ଯ୍ୟ ଧରିବା ଆବଶ୍ୟକ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି ।

ସେ ଆହୁରି କହିଛନ୍ତି ଗତ ୨୪ ବର୍ଷ ଭିତରେ ପୂର୍ବର ବିଜେଡି ସରକାର ନିଜର ଅକର୍ମପଣିଆ ଯୋଗୁ ଯାହା କରି ପାରି ନ ଥିଲା, ବିଜେପି ସରକାର ମାତ୍ର ଏକ ମାସ ଅବଧି ଭିତରେ ତାଠାରୁ ଯଥେଷ୍ଟ ଅଧିକ କାମ କରିଛି । ଓଡ଼ିଶାର ବିକାଶ, ଅସ୍ମିତା ବଜାୟ ରଖିବାକୁ ଏକାଧିକ ପଦକ୍ଷେପ ନେଇ ପ୍ରଶଂସିତ ହୋଇଛି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ବିଜେପି ସରକାର । ସେଥିପାଇଁ ପ୍ରଥମ ଥର ପାଇଁ ବିରୋଧି ଦଳ ହୋଇଥିବା ବିଜେଡି ଦଳ ଆଜି ଅସହିଷ୍ଣୁ ହୋଇପଡ଼ିଛି । ବିଧାନସଭାରେ ଆଜି ଥିଲା ନୂତନ ସରକାରଙ୍କ ପ୍ରଥମ ଅଧିବେଶନ । ଏହି ଅବସରରେ ରାଜ୍ୟପାଳ ଉପସ୍ଥାପନା କରିଥିବା ଅଭିଭାଷଣରେ ନୂତନ ସରକାରଙ୍କ ଆଗାମୀ ଦିନର ଯୋଜନା ଏବଂ ଓଡ଼ିଶା ବିକାଶର ଚିତ୍ର ପ୍ରତିଫଳିତ ହୋଇଛି । ଏହା ନ ଶୁଣି ବିଭିନ୍ନ ବାହାନା ଦେଖାଇ ବିଧାନସଭା କକ୍ଷ୍ୟ ପରିତ୍ୟାଗ କରିବା ଦୁର୍ଭାଗ୍ୟଜନକ ବୋଲି ଆଇନ ମନ୍ତ୍ରୀ କହିଛନ୍ତି ।

# ନାଟ୍ୟକାର-ନିର୍ଦ୍ଦେଶକ ପୂର୍ଣଚନ୍ଦ୍ର ଦାସଙ୍କ ପରଲୋକ

ଭୁବନେଶ୍ୱର,୨୨।୭ (ମହାଭାରତ): ବର୍ଷୀୟାନ ନାଟ୍ୟ ନିର୍ଦ୍ଦେଶକ ତଥା ନାଟ୍ୟକାର ପୂର୍ଣ୍ଣଚନ୍ଦ୍ର ଦାସଙ୍କର ଗତ ରାତିରେ ତାଙ୍କ ଭୁବନେଶ୍ୱର ଝାରପଡା ସ୍ଥିତ ବାସଭବନରେ ୮୯ ବର୍ଷ ବୟସରେ ପରଲୋକ ହେଇଯାଇଛି । ଗତ କିଛି ଦିନ ହେବ ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ ।

୧୯୩୫ ଜୁଲାଇ ପହିଲାରେ ପୁରୀ ଜିଲ୍ଲା ସତ୍ୟବାଦୀରେ ଜନ୍ମ ଗ୍ରହଣ କରିଥିବା ଶ୍ରୀ ଦାସ ଏକାଧାରରେ ନାଟ୍ୟକାର, ମଞ୍ଚ ଅଭିନେତା, ନାଟ୍ୟ ନିର୍ଦ୍ଦେଶକ ଓ ସୁବକ୍ତା ଭାବେ ଅଶି ଦଶକରେ ବେଶ ପ୍ରସିଦ୍ଧ ଏବଂ ଲୋକପ୍ରିୟ ଥିଲେ । ତାଙ୍କ ରଚିତ ଏବଂ ନିର୍ଦ୍ଦେଶିତ ଶତାଧିକ ବେତାର ନାଟକ ଆକାଶବାଣୀ ସମ୍ବଲପୁର ଓ କଟକରୁ ପ୍ରସାରିତ ହୋଇଛି । ଅନୁରୂପ ଭାବେ ତାଙ୍କ ରଚିତ ଏକାଧିକ୍ର ମଂଚ ନାଟକ ରାଜ୍ୟର ବିଭିନ୍ନ ସ୍ଥାନରେ ପରିବେଷିତ ହୋଇ ପ୍ରଶଂସିତ ହୋଇଥିଲା । ପି. ସି. ଦାସ ଭାବେ ନାଟ୍ୟ ମହଲରେ ସୁପରିଚିତ ଶ୍ରୀ ଦାସଙ୍କ ଦ୍ୱାରା ରଚିତ ନାଟକଗୁଡିକ ମଧ୍ୟରେ ରହିଛି ନିଷିଦ୍ଧ ନଗରୀ, ମହାନଗରୀରେ ବନ୍ୟା, ଆହତ ଅରଣ୍ୟ, ଶେଷ ପାହାଚ, ସୂର୍ଯ୍ୟାସ୍ତରୁ ସୂର୍ଯ୍ୟୋଦୟ, ସେ ଏବଂ ଆମେ ଆଦି ଅନେକ ନାଟକ ପୁସ୍ତକ । ବତୀଘର, ପ୍ରତିଧ୍ୱନି ଆଦି କଳାତ୍ମକ ଚଳଚିତ୍ରର ସଂଳାପକାର ଏବଂ ସହ ନିର୍ଦ୍ଦେଶକ ଭାବେ ମଧ ସେ କାର୍ଯ୍ୟ କରିଥିଲେ । ମଞ୍ଚ ଓ ନାଟକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶ୍ରୀ ଦାସ ବହୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ ହେବା ସହିତ ସମ୍ମାନିତ ଓ ସମ୍ବର୍ଦ୍ଧିତ ହୋଇଥିଲେ । ଅନ୍ତିମ ଶଯ୍ୟା ନିକଟରେ ତାଙ୍କ କନିଷ୍ଠ ଭ୍ରାତା ଇଂ. ପ୍ରଭାତ କୁମାର ଦାସ, ଡାକ୍ତର ପ୍ରତାପ ଚନ୍ଦ୍ର ଦାସ, କନ୍ୟା ସୂଚନା ଓ ଲୋକସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶିକା ସୁଚେତା ପ୍ରିୟଦର୍ଶିନୀ, କନିଷ୍ଠ ପୁତ୍ର ସମ୍ବିତ ଦାସ, ଜାମାତା, ପୁତ୍ରବଧୂ, ନାତିନାତୁଣୀ ତଥା ଆତ୍ମୀୟ ସ୍ୱଜନମାନେ ଉପସ୍ଥିତ ଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସଂପନ୍ନ ହୋଇଥିବାବେଳେ ଜ୍ୟେଷ୍ଠ ପୁତ୍ର ସୁବ୍ରତ ଦାସ ମୁଖାଗ୍ନି ଦେଇଥିଲେ । ନାଟ୍ୟକାର ଶ୍ରୀ ଦାସଙ୍କ ପରଲୋକରେ କଳାଜଗତର ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ବ୍ୟକ୍ତ କରିଛନ୍ତି ।

# ମା ରମାଦେବୀ ଥିଲେ ଓଡ଼ିଶାର ନାରୀ ଜାଗରଣର ପ୍ରତୀକ



ଭୁବନେଶ୍ୱର,୨୨।୭ (ମହାଭାରତ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପଟ୍ଟଶିଷ୍ୟା, ସର୍ବୋଦୟ ନେତ୍ରୀ ଓଡ଼ିଶାରେ ନାରୀ ସଶକ୍ତିକରଣର ଅଗ୍ରଣୀ ସେନାପତି ପୂଜ୍ୟା ମା' ରମାଦେବୀଙ୍କର ୩୯ତମ ପୁଣ୍ୟତିଥି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆଜି ପ୍ରତ୍ୟୁଷରେ ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପରିସରସ୍ଥ ପ୍ରତିମର୍ତିସ୍ଥଳୀରେ ଅନୁଷ୍ଠିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ଅପରାଜିତା ଚୌଧୁରୀଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଗାନ୍ଧିବାଦୀ ପ୍ରହ୍ଲାଦ ସିଂହ, ବିଶ୍ୱବିଦ୍ୟାଳୟର ସ୍ନାତକୋ ର କାଉନ୍‌ସିଲର ଅଧ୍ୟକ୍ଷ ପ୍ରଫେସର (ଡ.) ଚଣ୍ଡି ଚରଣ ରଥ, ନିର୍ଦ୍ଦେଶକ, ଆଇକ୍ୟୁଏସି ସେଲ୍ ଡ. ସସ୍ମିତା ମହାନ୍ତି, କୁଳସଚିବ ଶ୍ୟାମଳୀ ମହାପାତ୍ର, ପ୍ରଶାସନିକ ଅଧିକାରୀ ସ୍ନେହଲତା ଦାସଙ୍କ ସମେତ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ମଣ୍ଡଳୀ ତଥା ଛାତ୍ରୀବୃନ୍ଦ ଯୋଗଦେଇଥିଲେ । ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ ବନ୍ଦନା ଗାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର (ଡ.) ରଙ୍ଗାଧର ସାହୁ, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ସମାଜସେବୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ମାନବେନ୍ଦ୍ର ମିଶ୍ର, ଜୟ ଓଡ଼ିଶାର ସଭ୍ୟବୃନ୍ଦ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବିଧାୟକ ଅମରେନ୍ଦ୍ର ଦାସ ନିଜ ବକ୍ତବ୍ୟରେ ଜଗତ୍‌ସିଂହପୁର ମାଟିର ପୁତ୍ରବଧୂ ମା' ରମାଦେବୀ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଝିଆରି ଓ ପ୍ରଶାସକ ଗୋପାଳ ବଲ୍ଲଭ ଦାସଙ୍କ କନ୍ୟା ଭାବରେ ଜନ୍ମହୋଇ ବିଶିଷ୍ଟ ଓକିଲ ଜଗତ୍‌ସିଂହପୁର ଖେରସ ଜମିଦାର ଗୋକୁଳାନନ୍ଦ ଚୌଧୁରୀଙ୍କ ଜ୍ୟେଷ୍ଠ ପୁତ୍ର ତତ୍କାଳୀନ ମାଜିଷ୍ଟ୍ରେଟ୍ ଗୋପବନ୍ଧୁ ଚୌଧୁରୀଙ୍କୁ ବିବାହ କରି ବିବାହ ପରେ ସମସ୍ତ ଅଳଙ୍କାରକୁ ଜାତି ଉଦ୍ଦେଶ୍ୟରେ ସମର୍ପଣ କରି ସ୍ୱାମୀଙ୍କ ପଦାଙ୍କ ଅନୁସରଣ କରି ସ୍ୱାଧୀନତା ସଂଗ୍ରାମରେ ଯୋଗଦେବା ସହ ନିଜ ଦିଅର ନବକୃଷ୍ଣ ଚୌଧୁରୀ, ଯାଆ- ମାଳତୀ ଚୌଧୁରୀଙ୍କ ସହିତ କାରାବରଣ କରିଥିଲେ । ତାଙ୍କ ସୁକନ୍ୟା ଅନ୍ନପୂର୍ଣ୍ଣା ମହାରଣା ମଧ ସ୍ୱାଧୀନତା ସଂଗ୍ରାମରେ ସାମିଲ୍ ହୋଇଥିଲେ । ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ପଦଯାତ୍ରା ସମୟରେ ରମାଦେବୀ ତାଙ୍କ ସହିତ ସାମିଲ୍ ଥିଲେ ।

ଦେଶ ସ୍ୱାଧୀନତା ପରେ ସେ କ୍ଷମତା ରାଜନୀତିରୁ ଦୂରେଇ ଯାଇ ସର୍ବୋଦୟ ଆନ୍ଦୋଳନ ସହିତ ନିଜକୁ ସାମିଲ୍ କରିଥିଲେ । କଳାହାଣ୍ଡିର ଦୁର୍ଭିକ୍ଷ ସମୟରେ ରିଲିଫ୍ ପ୍ରଦାନ ସହ ରାଜ୍ୟରେ ସାମ୍ପ୍ରଦାୟିକ ଗଣ୍ଡଗୋଳ ଓ ଛାତ୍ର ଆନ୍ଦୋଳନ ସମୟରେ ସେ ଶାନ୍ତି ଫେରାଇ ଆଣିବା ପାଇଁ ଉଦ୍ୟମ କରି ଜଣେ ବାସ୍ତବ ମାଆ ଭାବରେ ଓଡ଼ିଶାବାସୀଙ୍କ ନିକଟରେ ପୂଜ୍ୟା ମାଆ ରମାଦେବୀ ଭାବରେ ଚିରସ୍ମରଣୀୟ ହୋଇ ରହିଛନ୍ତି । ତାଙ୍କ ନୀତି ଆଦର୍ଶ ଯୁବ, ଛାତ୍ର, ସମାଜ ବିଶେଷକରି ମହିଳା ଓ ଛାତ୍ରୀମାନଙ୍କ ପାଇଁ ଆଦର୍ଶର ପ୍ରତୀକ ହୋଇ ରହିବ ବୋଲି ଆଶା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପ୍ଲାଷ୍ଟିକ୍ ସର୍ଜରୀର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର,୨୨।୭ (ମହାଭାରତ): ପୋଡ଼ାଜଳା, କର୍କଟ, ଲିମ୍ଫେଡେମା ଏବଂ ପ୍ରସାଧନ ପ୍ରଣାଳୀ ସମେତ ବିଭିନ୍ନ ଅବସ୍ଥାର ଜୀବନ ପରିବର୍ତ୍ତନକାରୀ ସମାଧାନ ପ୍ରଦାନ ଭଳି ସ୍ୱାସ୍ଥ୍ୟସେବାରେ ପ୍ଲାଷ୍ଟିକ୍ ସର୍ଜରୀ ଏକ ଗୁରୁତ୍ୱପୂର୍ଣ୍ଣ କାରକ ଭାବରେ ଉଭା ହୋଇଛି । ଏହା ରୋଗୀଙ୍କୁ ଉଭୟ ଶାରିରୀକ କାର୍ଯ୍ୟକ୍ଷମତା ସହିତ ସୌନ୍ଦର୍ଯ୍ୟଗତ ଆବଶ୍ୟକତାକୁ ପୂରଣ କରିବାରେ ଅଶେଷ ସହାୟକ ହେଉଛି । ଏମ୍‌ସ ଭୁବନେଶ୍ୱରରେ ଥିବା ଦେଶର ଅନନ୍ୟ ବର୍ଣ୍ଣସ ୟୁନିଟ୍ ଗୁଣବତାପୂର୍ଣ୍ଣ ପ୍ଲାଷ୍ଟିକ୍ ସର୍ଜରୀ ସେବା ଯୋଗାଇବାରେ ଅଗ୍ରଣୀ ଭୂମିକା ନିର୍ବାହ କରୁଛି । ଏହି କ୍ଷେତ୍ରରେ କିନ୍ତୁ ଅଧିକ ଗବେଷଣା ଏବଂ ଜନସଚେତନତା ସମୟର ବିରାଟ ଆହ୍ୱାନ ବୋଲି ବିଶ୍ୱ ପ୍ଲାଷ୍ଟିକ୍ ସର୍ଜରୀ ଦିବସ ପାଳନ ଅବସରରେ ଏମ୍‌ସ ଭୁବନେଶ୍ୱର ବର୍ଣ୍ଣସ ଏବଂ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗ ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି ।



ଆସୋସିଏସନ୍ ଅଫ୍ ପ୍ଲାଷ୍ଟିକ୍ ସର୍ଜନ ଅଫ୍ ଇଣ୍ଡିଆ (ଏପିଏସ୍‌ଇ) ଅଧୀନରେ ଚଳିତ ବର୍ଷ ପ୍ଲାଷ୍ଟିକ୍ ଏଣ୍ଡ୍ ରିକନଷ୍ଟ୍ରକ୍ଟିଭ୍ ସର୍ଜରୀ ସପ୍ତାହ ଆରମ୍ଭ କରାଯାଇଛି । ସପ୍ତାହ ବ୍ୟାପୀ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏକାଧିକ ପ୍ଲାଷ୍ଟିକ୍ ସର୍ଜରୀ ଅସ୍ତ୍ରୋପଚାର କରାଯାଇଥିଲା । ଏଥିସହିତ ବିଭିନ୍ନ ଜଟିଳ ରୋଗର ମାଗଣା ଚିକିତ୍ସାସେବା ପ୍ରଦାନ କରାଯାଇଥିଲା । ବିଭାଗ ପକ୍ଷରୁ ବିଭିନ୍ନ ଅସ୍ତ୍ରୋପଚାର, ସଚେତନତା କାର୍ଯ୍ୟକ୍ରମ, ପୋଡ଼ାଜଳା ଏବଂ କର୍କଟ ରୋଗରେ ପୀଡ଼ିତଙ୍କୁ ଚିକିତ୍ସାସେବା ପ୍ରଦାନ କରାଯାଇଥିଲା ।

ଏମ୍‌ସ ଭୁବନେଶ୍ୱରରେ ଥିବା ଅତ୍ୟାଧୁନିକ ବର୍ଣ୍ଣସ ୟୁନିଟ୍ ଓଡ଼ିଶା ଏବଂ ପଡ଼ୋଶୀ ରାଜ୍ୟରୁ ଗୁରୁତର ଜଟିଳ ପୋଡ଼ାଜଳା ଆଘାତର ଚିକିତ୍ସା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରି ରୋଗୀଙ୍କ ଜୀବନରେ ଆନନ୍ଦ ଆଣିଦେଇଛି । ଉନ୍ନତମାନର ସର୍ଜରୀ ଏବଂ ସମ୍ବେଦନଶୀଳ ଯତ୍ନ ମାଧ୍ୟମରେ ଏହି ବିଭାଗ ସମଗ୍ର ପୂର୍ବ ଭାରତରେ ସୁନାମ ଅର୍ଜନ କରିଥିବା ଏହି ଜାତୟ ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ପ୍ରକାଶ କରିଛନ୍ତି । ବିଭାଗୀୟ ମୁଖ୍ୟ ଡ. ସଞ୍ଜୟ ଗିରିଙ୍କ ମତରେ ସଙ୍କୋଚନ ଥେରାପି ମାଧ୍ୟମରେ ବିରାଟ ଲିମ୍ଫେଡେମା ହ୍ରାସ କରିବା, ତ୍ୱଚାର ଏକ ବୃହତ ସିନୋଭିଆଲ୍ ସେଲ୍ ସାର୍କୋମା ଅସ୍ତ୍ରୋପଚାର ସହିତ ମୁମ୍ବାଇ, ବାଙ୍ଗାଲୋର, ଏବଂ କୋଲକାତାର ଚର୍ମ ବ୍ୟାଙ୍କଗୁଡିକର ଆଲୋଗ୍ରାଫ୍ଟ ବ୍ୟବହାର କରିବା ଭଳି ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛୁ । ୫୦, ୬୦ ଏବଂ ୭୦ ପ୍ରତିଶତରୁ ଅଧିକ ପୋଡ଼ିଯାଇଥିବା ରୋଗୀମାନଙ୍କର ସଫଳ ଚିକିତ୍ସା କରାଯାଇଛି । ସେହିପରି ସମ୍ପୂର୍ଣ୍ଣ କଟିଯାଇଥିବା ହାତ, ଆଙ୍ଗୁଠିକୁ ଯୋଡ଼ିବା ଭଳି ପ୍ରଶଂସାଜନକ କାର୍ଯ୍ୟ ସଫଳତାର ସହିତ ସମ୍ପନ୍ନ କରାଯାଇଛି । କାର୍ଯ୍ୟକ୍ରମରେ ଏପିଏସ୍‌ଆଇ ସମ୍ପାଦକ ଡ. ବିଜୟ କୁମାର, ଏମ୍‌ସ ଭୁବନେଶ୍ୱର ପ୍ରେସିଡେଂଟ ଡ. ଶୈଳେଶ୍ କୁମାର, ଡ. ଏନ୍ ଦୀପ ବାଗ, ଡିନ୍ ଡ. ପିଆର ମହାପାତ୍ର, ମେଡିକାଲ୍ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଡିଡିଏ ଅଭିଜିତ ପାଲ୍, ଏସ୍‌ଏଓ ରଶ୍ମି ରଂଜନ ସେଠୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ।

# ନିଶା ନିବାରଣ କେନ୍ଦ୍ର ପରିଚାଳନା ନେଇ ଦିନିକିଆ କର୍ମଶାଳା ଓ ତାଲିମ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୨।୭ (ମହାଭାରତ): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ନିଶା ନିବାରଣ କେନ୍ଦ୍ରଗୁଡ଼ିକର ପରିଚାଳନା ନିମନ୍ତେ ଦିନିକିଆ କର୍ମଶାଳା ଓ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ୟୁନିଟ-୬ ସ୍ଥିତ କ୍ୟାପିଟାଲ ହସ୍ପିଟାଲ ପରିସରରେ ଥିବା ଏସଆଇଡ଼ିଆର ସମ୍ମିଳନୀ କକ୍ଷରେ ଦିଶା ଯୋଜନା ଅଧିନରେ କେନ୍ଦ୍ରଗୁଡ଼ିକର ସୁପରିଚାଳନାକୁ ନେଇ ଏହି କର୍ମଶାଳା ଓ ତାଲିମ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଉପସ୍ଥିତ ରହି ଚଳିତ ୨୦୨୪-୨୫ ବର୍ଷରେ ରାଜ୍ୟରେ ଆଉ ୫ ଟି ନିଶା ନିବାରଣ କେନ୍ଦ୍ର ଖୋଲାଯିବା ନେଇ ଯୋଜନା ରହିଛି ବୋଲି ମତ ପ୍ରକାଶ କରିଛନ୍ତି । କେନ୍ଦ୍ରଗୁଡ଼ିକର ସୁପରିଚାଳନା, ସ୍ୱଚ୍ଛତା ସମ୍ପର୍କରେ ଆଲୋଚନା କରାଯିବା ସହ ନିଶା ନିବାରଣ ପ୍ରକ୍ରିୟା, ଗୋଷ୍ଠୀ ସହଭାଗିତା, ସମାଜରେ ପୁନଃଏକୀକରଣ ବିଷୟରେ ବିସ୍ତୃତ ପର୍ଯ୍ୟାଲୋଚନା କରାଯାଇଥିଲା । ଆଜିର କର୍ମଶାଳା ଓ ତାଲିମ କାର୍ଯ୍ୟକ୍ରମରେ ଭୁବନେଶ୍ୱରସ୍ଥିତ ଫେଥ୍ ଚାରିଟେବଲ୍ ଟ୍ରଷ୍ଟ, ଖୋର୍ଦ୍ଧାର ମୁକ୍ତି ଫାଉଣ୍ଡେସନ୍, ବାଲେଶ୍ୱରର ପ୍ରୟାସ ସ୍ୱେଚ୍ଛାସେବୀ ସଂଗଠନ, ପୁରୀର ଭେଦିକ୍ ଗ୍ରୁପ୍, ବ୍ରହ୍ମପୁରର ପିପୁଲ୍ସ ଫୋରମ୍, କଟକର ପିକକ୍ ଫାଉଣ୍ଡେସନର ସଂଯୋଜକ ତାଲିମ କାର୍ଯ୍ୟକ୍ରମରେ ସାମିଲ ହୋଇଥିବାବେଳେ ସମାଜସେବୀ ଓ କାଉନସିଲର ଉପସ୍ଥିତ ରହି ତାଲିମ୍ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ବିଭାଗୀୟ ନିର୍ଦ୍ଦେଶକ ନିୟତି ପଟ୍ଟନାୟକ, ଅତିରିକ୍ତ ଶାସନ ସଚିବ ସନ୍ତୋଷ କୁମାର ପ୍ରଧାନ, ଉପ ଶାସନ ସଚିବ ବସନ୍ତ କୁମାର ବେହେରା ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

# ଶିକ୍ଷା ସପ୍ତାହର ପ୍ରଥମ ଦିନରେ ଶିକ୍ଷଣ ସାମଗ୍ରୀ ଦିବସ



ଭୁବନେଶ୍ୱର,୨୨।୭ (ମହାଭାରତ): ଜାତୀୟ ଶିକ୍ଷା ନୀତି-୨୦୨୦ର ଚତୁର୍ଥ ବାର୍ଷିକ ପୂର୍ତି ଅବସରରେ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିକ୍ଷା ସପ୍ତାହ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ ଦିନକୁ ସ୍ୱତନ୍ତ୍ର ଭାବରେ ପାଳନ କରାଯିବ । ଏହି କ୍ରମରେ ଆଜି ଶିକ୍ଷଣ ସାମଗ୍ରୀ (ଟିଏଲଏମ୍) ଦିବସ ପାଳନ କରାଯାଇଛି । ସ୍ଥାନୀୟ ପ୍ରସଙ୍ଗ ଓ ଏହାକୁ ଶ୍ରେଣୀ ଗୃହରେ କିପରି ବ୍ୟବହାର କରାଯାଇପାରିବ ସେ ନେଇ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପ୍ରୋତ୍ସାହିତ କରାଯାଇଛି ।

ଶିକ୍ଷଣ ସାମଗ୍ରୀ ଦିବସ ପାଳନ କରିବାର ଉଦ୍ଦେଶ୍ୟ ହେଲା ବିଦ୍ୟାର୍ଥୀଙ୍କ ଶିକ୍ଷଣ ପ୍ରକ୍ରିୟାକୁ ଆହୁରି ସହଜ ଓ ସାବଲୀଳ କରିବା । ଏହି ପ୍ରକ୍ରିୟାରେ ଉଭୟ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଓ ଅଭିଭାବକମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି । ସ୍ଥାନୀୟ ଅଞ୍ଚଳରେ ମିଳୁଥିବା ସାମଗ୍ରୀର ବ୍ୟବହାର କରି ଶିକ୍ଷଣ ପ୍ରକ୍ରିୟାରେ ବିବିଧତାକୁ ପ୍ରୋତ୍ସାହିତ କରିବା ହେଉଛି ଏହି ଦିବସ ପାଳନର ମୂଳ ଲକ୍ଷ୍ୟ । ଶ୍ରେଣୀ ଗୃହରେ ସ୍ଥାନୀୟ ସାମଗ୍ରୀଗୁଡିକର ବ୍ୟବହାର କରାଯାଇ ଶିକ୍ଷା ଦାନ କରାଯାଇପାରିବ ସେ ନେଇ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପ୍ରୋତ୍ସାହିତ କରାଯାଇଛି । ଶିକ୍ଷଣ ସାମଗ୍ରୀ ଦିବସ ଅବସରରେ ଛାତ୍ରଛାତ୍ରୀ/ ଶିକ୍ଷକଶିକ୍ଷୟିତ୍ରୀମାନେ ପୋଷ୍ଟର ପ୍ରସ୍ତୁତି, ପଜଲ୍ସ, ଥ୍ରୀ-ଡ଼ି ମଡ଼େଲ୍, ବୋର୍ଡ ଗେମ୍ସ, ୱାଲ ଚାର୍ଟ, ରିଡ଼ିଂ କ୍ଲବ୍, କାଗଜରେ କଣ୍ଢେଇ ପ୍ରସ୍ତୁତ କରିବା, ଲୁଡ଼ୋ ଖେଳ ପ୍ରସ୍ତୁତି ଆଦି ବିଷୟବସ୍ତୁକୁ ନେଇ ନିଜର ପ୍ରତିଭା ଦେଖାଇବା ସହ ପିଲାମାନେ ଲେଖିଥିବା କବିତା ଓ କାହାଣୀକୁ ପ୍ରଦର୍ଶନ କରିଥିଲେ । ଏହି ଦିବସ ଛାତ୍ରଛାତ୍ରୀ/ ଶିକ୍ଷକଶିକ୍ଷୟିତ୍ରୀ/ ଅଭିଭାବକ ଓ ଗୋଷ୍ଠୀ ପାଇଁ ଏକ ସମ୍ମିଳିତ କାର୍ଯ୍ୟକ୍ରମ । ଶିକ୍ଷା ସପ୍ତାହ କାର୍ଯ୍ୟକ୍ରମ ଆଗାମୀ ଜୁଲାଇ ୨୮ ପର୍ଯ୍ୟନ୍ତ ଚାଲୁରହିବ ।

### ଅଟଳ ଇନୋଭେସନ ମିଶନ ଏବଂ ୱିପୋ ମଧ୍ୟରେ ଏଲଓଆଇ ସ୍ୱାକ୍ଷରିତ

# ଭାରତର ଇନୋଭେସନ ବିଶ୍ୱସ୍ତରରେ ପହଞ୍ଚିଛି : ଧର୍ମେନ୍ଦ୍ର



ଭୁବନେଶ୍ୱର,୨୨।୭ (ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ସରକାର ଇନୋଭେସନକୁ ପ୍ରୋତ୍ସାହିତ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ସୋମବାର ନୂଆଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଅଟଳ ଇନୋଭେସନ ମିଶନ ଏବଂ ୱିପୋ(ୱାର୍ଲ୍ଡ ଇଂଟେଲେକଚ୍ୟୁଆଲ୍ ପ୍ରପୋର୍ଟି ଅର୍ଗାନାଇଜେସନ) ମଧ୍ୟରେ ଏକ ଏଲଓଆଇ(ଲେଟର ଅଫ୍ ଇଂଟେଂଟ୍) ସ୍ୱାକ୍ଷରିତ ହୋଇଯାଇଛି ।

ଏ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଟ୍ୱିଟ୍ କରିଛନ୍ତି ଯେ ଭାରତର ଇନୋଭେସନ ଇକୋସିଷ୍ଟମ ବିଶ୍ୱସ୍ତରରେ ପହଞ୍ଚିଛି । ବିଶେଷତଃ ଗ୍ଲୋବାଲ ସାଉଥ ସମୂହ ଦେଶ ଗୁଡିକ କଲ୍ୟାଣ ପାଇଁ ଉଦ୍ଭାବନ, ଉଦ୍ୟମିତା ଏବଂ ବୌଦ୍ଧିକ କ୍ଷମତା କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି ଏଲଓଆଇ ସ୍ୱାକ୍ଷରିତ ହୋଇଛି । ଇନୋଭେସନ କ୍ଷେତ୍ରରେ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ନବସୃଜନ ହେଉଛି ଭାରତର ଶକ୍ତି । ଅଟଳ ଇନୋଭେସନ ମିଶନ ଏବଂ ୱିପୋ ମଧ୍ୟରେ ଏହି ଭାଗିଦାରୀ ଅନ୍ୟ ରାଷ୍ଟ୍ର ପାଇଁ ପଥପ୍ରଦର୍ଶକ ସାଜିବ । ଶିକ୍ଷା କ୍ଷେତ୍ରରେ ଭାରତର ଅଭିନବ ମଡେଲ ଗୁଡିକ ବିକାଶଶୀଳ ରାଷ୍ଟ୍ରରେ ଉପଯୋଗ ହେବ । ବିଦ୍ୟାଳୟ ସ୍ତରରୁ ଆଇପିଆର(ଇଂଟେଲେକଚ୍ୟୁଆଲ ପ୍ରପର୍ଟି ରାଇଟ୍ସ) ବିଷୟରେ ବୁଝାମଣା ଏବଂ ସଚେତନତା ବ୍ୟାପକ ହେବ । ବିଶ୍ୱରେ ଇନେଭୋସନ କ୍ଷେତ୍ରରେ ଥିବା ସମ୍ଭାବନାର ଅନ୍ୱେଷଣ କରିବ । ସ୍ଥାୟୀ ଏବଂ ସମାବେଶୀପୂର୍ଣ୍ଣ ଆର୍ଥିକ ଅଭିବୃଦ୍ଧି ପାଇଁ ଉଭୟ ସଂସ୍ଥା କାର୍ଯ୍ୟ କରିବେ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

## ହିନ୍ଦୁମାନଙ୍କୁ ହିଂସୁକ

ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ତାଙ୍କ ଅଭିଭାଷଣରେ ବିଜେପି ଉପରେ ସ୍ୱାଭାବିକ ଭାବେ ବର୍ଷିଥିଲେ। କିନ୍ତୁ ସେ ହିନ୍ଦୁ ଧର୍ମାବଲମ୍ବୀଙ୍କ ପ୍ରତି ଦେଇଥିବା କଟୁ ମନ୍ତବ୍ୟ ପ୍ରତିକ୍ରିୟା ସୃଷ୍ଟି କରିଛି। ରାହୁଲ ତାଙ୍କ ଭାଷଣରେ ପରୋକ୍ଷରେ ହିନ୍ଦୁମାନଙ୍କୁ ହିଂସୁକ ବୋଲି ଅଭିହିତ କରିଥିଲେ। ଏହାକୁ ବିଜେପି ତୀବ୍ର ବିରୋଧ କରିବା ସହିତ ରାହୁଲ ମିଛ କହି ପୁରା ହିନ୍ଦୁ ସମାଜକୁ ନିନ୍ଦିତ କରିଥିବା ଅଭିଯୋଗ କରି ତାଙ୍କଠାରୁ କ୍ଷମା ପ୍ରାର୍ଥନା ଦାବି କରିଛି। ରାହୁଲ କ'ଣ କହିଲେ, ତାହା ଠିକ ନା ଭୁଲ ତାହା ଭିନ୍ନ କଥା। କିନ୍ତୁ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ବେଳେ ରାହୁଲ ଏଭଳି ମନ୍ତବ୍ୟ ଦେବାର କିଛି ଆବଶ୍ୟକତା ନଥିଲା। ରାଷ୍ଟ୍ରପତିଙ୍କ ଅଭିଭାଷଣରେ ହିନ୍ଦୁତ୍ୱ ସମ୍ପର୍କରେ କିଛି ଉଲ୍ଲେଖ ନଥିଲା। ଏ କଥା ସତ୍ୟ ଯେ, ରାଷ୍ଟ୍ରପତି ଯାହା କହିଲେ ତାହା ସରକାରଙ୍କ ବକ୍ତବ୍ୟ। ତେଣୁ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ସଂକ୍ରାନ୍ତୀୟ ଆଲୋଚନାରେ ସରକାରଙ୍କୁ ସମାଲୋଚନା କରିବାର ଅଧିକାର ବିରୋଧୀ ଦଳର ରହିଛି। କିନ୍ତୁ କେନ୍ଦ୍ରରେ କ୍ଷମତାସୀନ ଏନଡିଏ ସରକାରଙ୍କର କିଛି ହିନ୍ଦୁତ୍ୱ ଏଜେଣ୍ଡା ରହିଛି କି? ବିଜେପି ବା ଆରଏସଏସର ନୀତି ସମ୍ପର୍କରେ ନୁହେଁ, ଏଠି ସରକାରଙ୍କ ନୀତି ଉପରେ ଆଲୋଚନା କରାଯିବା ଉଚିତ ଥିଲା। ବିରୋଧୀ ଦଳ ନେତା ଭାବେ ରାହୁଲ ଯେଉଁ ସୁଯୋଗ ପାଇଛନ୍ତି, ତାହାର ଦୁରୂପହଯୋଗ କରିବା ଭଳି ମନେ ହେଉଛି। ସେ ତାଙ୍କ ପଦର ଗରିମା ହାନୀ କରୁଛନ୍ତି। ବିରୋଧୀ ଦଳ ନେତା ଜଣେ ରାଷ୍ଟ୍ରନୀତିଜ୍ଞ ଭାବେ ସଂସଦରେ ନିଜ ବୟାନ ରଖିବା ଉଚିତ ଥିଲା। ଦେଶର ଅର୍ଥବ୍ୟବସ୍ଥା, ସାମାଜିକ ସ୍ଥିତି, ବୈଦେଶିକ ନୀତି, ପ୍ରତିରକ୍ଷା ବ୍ୟବସ୍ଥା, କୋଭିଡ ମହାମାରୀ ପରେ ଦେଶ କିପରି ବିପର୍ଯ୍ୟୟର ମୁକାବିଲା କରିଛି ବା କରିବା ଉଚିତ ଥିଲା। ତାହା ନକରି କେବଳ ହିନ୍ଦୁତ୍ୱ ଉପରେ ବର୍ଷିବା, ହିନ୍ଦୁଧର୍ମାବଲମ୍ବୀଙ୍କୁ ନିନ୍ଦା କରିବା ସଂସଦର ଗରିମା ନଷ୍ଟ କରିଛି। ଏହା ସମ୍ପୂର୍ଣ୍ଣ ଅନାବଶ୍ୟକ ଥିଲା। ସଂସଦରେ ନିଜ ଅଭିଭାଷଣ ବେଳେ ରାହୁଲ ଶିବଙ୍କ ଫଟୋ ଦେଖାଇବାର କିଛି ଆବଶ୍ୟକତା ନଥିଲା। ଯିଏ ନିଜକୁ ଧର୍ମନିରପେକ୍ଷ ବୋଲି ଦାବି କରୁଛି ସେ ସଂସଦ ଭିତରେ ଏକ ନିର୍ଦ୍ଦିଷ୍ଟ ଧର୍ମର ଭଗବାନଙ୍କ ଫଟୋ ଦେଖାଇବା ଉଚିତ ନଥିଲା। ଏହା ଦ୍ୱାରା ରାହୁଲ ପୁନର୍ବାର ପ୍ରମାଣିତ କରିଛନ୍ତି ଯେ, ସେ ଏବେ ବି ରାଜନୀତିରେ ପରିପକ୍ୱ ହୋଇ ନାହାଁନ୍ତି କିମ୍ବା ବିରୋଧୀ ଦଳ ନେତା ହେବାକୁ ଯୋଗ୍ୟ ହୋଇ ନାହାଁନ୍ତି। ଦେଶର ଅର୍ଥନୀତି ସମ୍ପର୍କରେ ତାଙ୍କର ଆଦୌ ଜ୍ଞାନ ଥିବା ଭଳି ମନେ ହେଉନି। ଦେଶ ଆଗରେ ଅନେକ ସମସ୍ୟା ରହିଛି। କେବଳ ସରକାରଙ୍କୁ ସମାଲୋଚନା କଲେ ହେବନି। ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ନିର୍ଦ୍ଦିଷ୍ଟ ପ୍ରସ୍ତାବ ଦେବା ଉଚିତ। ଅତୀତରେ ଅଟଳ ବିହାରୀ ବାଜପେୟୀ ଲୋକସଭାରେ ବିରୋଧୀ ଦଳ ନେତା ଥିବା ବେଳେ ତାଙ୍କ ପରାମର୍ଶକୁ ସରକାର ଗୁରୁତ୍ୱ ଦେଉଥିଲେ। ଦେଶର ପ୍ରଧାନମନ୍ତ୍ରୀ ତାଙ୍କ ବକ୍ତବ୍ୟକୁ ନୋଟ କରୁଥିଲେ। ପୁରା ଦେଶବାସୀ ତାଙ୍କ କଥାକୁ ଧ୍ୟାନର ସହ ଶୁଣୁଥିଲେ। କେବଳ ବାଜପେୟୀ ନୁହଁନ୍ତି, ଲାଲକୃଷ୍ଣ ଆଡଭାନୀ, ସୋମନାଥ ଚାଟାର୍ଜୀ, ଇନ୍ଦ୍ରଜିତ ଗୁପ୍ତା, ଜର୍ଜ ଫର୍ଣ୍ଣାଣ୍ଡିଜ, ପ୍ରଫେସର ମଧୁ ଦଣ୍ଡବତେ, ସୁଷମା ସ୍ୱରାଜ, ଅରୁଣ ଜେଟଲି ପ୍ରମୁକ ସଂସଦରେ ବିରୋଧୀ ଆସନରେ ବସିଥିବା ବେଳେ ଯାହା କହୁଥିଲେ ତାହା ସଂସଦୀୟ ଗଣତନ୍ତ୍ରର ଅମୂଲ୍ୟ ସମ୍ପତ୍ତି ହୋଇ ରହିଛି। ରାହୁଲ ପୁରୁଣା ରେକର୍ଡ ମଗାଇ ଏହାକୁ ଅନୁଧ୍ୟାନ କରିବା ଉଚିତ। ଦେଶରେ ବିଭିନ୍ନ ଖାଦ୍ୟ ସାମଗ୍ରୀର ଦର ଏବେ ଆକାଶ ଛୁଆଁ। ବିଦେଶରୁ ଭାରତକୁ ଅନେକ ପ୍ରକାର ଖାଦ୍ୟ ସାମଗ୍ରୀ ଆମଦାନୀ କରିବାକୁ ପଡୁଛି।

“

*ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା, ୟୁନିସେଫ୍ ଏବଂ ଗ୍ଲୋବାଲ ବ୍ରେଷ୍ଟ ଫିଡ଼ିଂ କଲେକ୍ଟିଭ୍‌ର ମିଳିତ ଉଦ୍ୟମରେ ସ୍ତନ୍ୟପାନ ନିମନ୍ତେ ସଚେତନତା ପାଇଁ ସାରା ବିଶ୍ୱରେ ଅଗଷ୍ଟ ୧ରୁ ୭ ତାରିଖ ଯାଏ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଉଛି। ତେଣୁ ଶିଶୁ ଜନ୍ମଠାରୁ ପ୍ରଥମ ୨ ବର୍ଷ ପର୍ଯ୍ୟନ୍ତ ସ୍ତନ୍ୟପାନ ପାଇଁ ମା'ମାନଙ୍କୁ ଉତ୍ସାହିତ କରାଯିବା ଉଚିତ। ସ୍ତନ୍ୟପାନ ଏକ ମାତ୍ର ଉପାୟ, ଯାହା ମାଧ୍ୟମରେ ପ୍ରତିବର୍ଷ ୮ଲକ୍ଷ ୨୦ ହଜାର ଶିଶୁଙ୍କର ଜୀବନ ସୁରକ୍ଷିତ କରାଯାଇପାରିବ।*

# ସ୍ତନ୍ୟପାନରୁ ବଞ୍ଚିତ ୧୫ ନିୟୁତ ଶିଶୁ


॥ ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ ॥


ମା' କ୍ଷୀର ଶିଶୁ ପାଇଁ ଅମୃତ। ଆଦିମ କାଳରୁ ରହିଥିବା ଏହି ପ୍ରସଙ୍ଗ ବର୍ତ୍ତମାନର ଅତ୍ୟାଧୁନିକ ଯୁଗରେ ଫିକା ପଡ଼ିଛି। ଅଧିକାଂଶ ମା'ଙ୍କର ସ୍ତନ୍ୟପାନକୁ ନେଇ ବିଚିତ୍ର ମାନସିକତା ରହିଛି। ସ୍ତନ୍ୟପାନ କରାଇଲେ ସୌନ୍ଦର୍ଯ୍ୟ ପ୍ରଭାବିତ ହେବା ଆଶଙ୍କା କରି ଶିଶୁଙ୍କ ସ୍ତନ୍ୟପାନ କରାଇବା ପାଇଁ ସେମାନେ ଇଛା ପ୍ରକାଶ କରୁନାହାନ୍ତି। ଫଳରେ ଅମୃତ କୁହାଯାଉଥିବା ଏହି ମା'କ୍ଷୀର ଏବେ ଶିଶୁ ପାଇଁ ସ୍ୱପ୍ନ ହୋଇଛି। ମା'ଶବ୍ଦ ମନକୁ ଆସିଲେ ଆପେ ଚାଲିଆସେ ମମତାର ଭାବନା ମା' ଓ ମମତା ସହ ଜଡ଼ିତ ଆଉ ଏକ ଶବ୍ଦ ସ୍ତନ୍ୟପାନ। କିଏ କହେ ଅମୃତର ଧାରା ତ କିଏ କହେ ମମତାର ବିନ୍ଦୁ। ଶିଶୁଟି ଜନ୍ମ ହେବା ଠାରୁ ଛଅ ମାସ ପର୍ଯ୍ୟନ୍ତ ମା'କ୍ଷୀର ପିଇବା ଅତ୍ୟନ୍ତ ଆବଶ୍ୟକ। ଏହା ଶିଶୁ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଶରୀରକୁ ଅନେକ ପ୍ରକାର ପୋଷକ ତତ୍ତ୍ୱ ଯୋଗାଇଥାଏ। ଏଣୁ ଏ ଦିଗରେ ମା'ମାନଙ୍କୁ ସଚେତନ କରାଇବା ପାଇଁ ଅଗଷ୍ଟ ୧ ରୁ ୭ ପର୍ଯ୍ୟନ୍ତ ବିଶ୍ୱବ୍ୟାପୀ ପାଳିତ ହୋଇଥାଏ ସ୍ତନ୍ୟପାନ ସପ୍ତାହ। ୧୯୯୨ ମସିହାରେ ପ୍ରଥମ ଥର ପାଇଁ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଇଥିଲା। ଏହା ପରଠାରୁ ପ୍ରତ୍ୟେକ ବର୍ଷ ପ୍ରାୟ ୧୨୦ରୁ ଉର୍ଦ୍ଧ୍ୱ ଦେଶରେ ପାଳିତ ହୋଇଥାଏ ଏହି ସପ୍ତାହ। ଏହି ଦିବସ ପାଳନ କରୁଥିବା ଦେଶମାନଙ୍କ ମଧ୍ୟରେ ଭାରତ ଅନ୍ୟତମ।

ଭାରତରେ ବର୍ଷକୁ ହାରାହାରି ୨୬ ନିୟୁତ ଶିଶୁ ଜନ୍ମ ଗ୍ରହଣ କରନ୍ତି। ଯେଉଁମାନଙ୍କ ଭିତରୁ ୧୫ ନିୟୁତ ଶିଶୁଙ୍କୁ ଜନ୍ମର ଏକ ଘଣ୍ଟା ଭିତରେ ସ୍ତନ୍ୟପାନ କରିବାକୁ ଦିଆଯାଏ ନାହିଁ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି। ଜନ୍ମ ହେଉଣୁ ଶିଶୁକୁ ମା'ସ୍ତନ୍ୟପାନ କରାଇବା ଖୁବ୍ ଗୁରୁତ୍ୱପୂର୍ଣ୍ଣ କଥା। କାରଣ ମା'ର କଷକ୍ଷୀରରେ କୋଲୋଷ୍ଟ୍ରମ ଥାଏ। ଏହା ଶିଶୁର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧିରେ ସହାୟକ ହୁଏ। କିନ୍ତୁ ନବଜାତ ଶିଶୁଙ୍କୁ ଏଥିରୁ ବଞ୍ଚିତ କରାଯାଉଥିବା ରିପୋର୍ଟ ମିଳୁଛି। ଜନ୍ମର ଘଣ୍ଟାକ ମଧ୍ୟରେ ଶିଶୁକୁ ମା'କ୍ଷୀର ଖୁଆଇବା ସ୍ତନ୍ୟପାନର ପ୍ରାଥମିକ ପର୍ଯ୍ୟାୟ ବିବେଚନା କରାଯାଏ। ସ୍ତନ୍ୟପାନ ଉପରେ ଭାରତର ନୀତି ଓ କାର୍ଯ୍ୟକ୍ରମ 'ଆରେଷ୍ଟେଡ ଡେଭଲପ୍‌ମେଣ୍ଟ'ର ୫ମ ରିପୋର୍ଟରେ କୁହାଯାଇଛି ଯେ, ୨୦୧୫ରେ ଭାରତର ସ୍କୋର ୪୪ ଥିବାବେଳେ ଚଳିତବର୍ଷ ୪୫କୁ ଉନ୍ନୀତ ହୋଇଛି। ଏମ୍‌ସ, ୟୁନିସେଫ ସମେତ କେତେକ ସରକାରୀ ସଂସ୍ଥା ଏବଂ ଜନସ୍ୱାସ୍ଥ୍ୟ ଗୋଷ୍ଠୀର ମିଳିତ ଉଦ୍ୟମରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ସମ୍ମତି ଏବଂ ଭାରତ ସରକାରଙ୍କ ମୁଖ୍ୟ ନୀତି ନିର୍ଦ୍ଧାରକଙ୍କ ମତାମତ ଉପରେ ଏହି ରିପୋର୍ଟ ପର୍ଯ୍ୟବସିତ ହୋଇଛି। ନ୍ୟାସନାଲ ଫ୍ୟାମିଲି ହେଲଥ ସର୍ଭେ ରିପୋର୍ଟ-୪କୁ ଉଦ୍ଧାର କରି କୁହାଯାଇଛି, ଶିଶୁ ୬ ମାସ ପର୍ଯ୍ୟନ୍ତ ମାତୃସ୍ତନ୍ୟପାନରୁ ବଞ୍ଚିତ ନ କରାଇବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେବା ଉଚିତ। ଫେଡେରେସନ ଅଫ୍ ଅବଷ୍ଟ୍ରିଟ୍ରିକ୍ ଆଣ୍ଡ ଗାଇନାକୋଲୋଜିକାଲ ସୋସାଇଟିଜ୍ ଅଫ ଇଣ୍ଡିଆ (ଏଫ୍‌ଓଜିଏସ୍‌ଆଇ)ର ସଭାପତି କହିଛନ୍ତି ଯେ, ସ୍ତନ୍ୟପାନର ଗୁରୁତ୍ୱ ସମସ୍ତେ ବୁଝିବା ଉଚିତ। ବିଶେଷଜ୍ଞମାନେ ମାତୃସ୍ତନ୍ୟ ବ୍ୟାଙ୍କ ଉପରେ ମଧ୍ୟ ଗୁରୁତ୍ୱ ଦେଇଥିଲେ। ଉତ୍ସର୍ଗୀକୃତ ମନୋଭାବ ନେଇ ମାତୃସ୍ତନ୍ୟପାନ ବିଷୟରେ ସଚେତନତା ସୃଷ୍ଟି ହେବା କଥା।

ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା, ୟୁନିସେଫ୍ ଏବଂ ଗ୍ଲୋବାଲ ବ୍ରେଷ୍ଟ ଫିଡ଼ିଂ କଲେକ୍ଟିଭ୍‌ର ମିଳିତ ଉଦ୍ୟମରେ ସ୍ତନ୍ୟପାନ ନିମନ୍ତେ ସଚେତନତା ପାଇଁ ସାରା ବିଶ୍ୱରେ ଅଗଷ୍ଟ ୧ରୁ ୭ ତାରିଖ ଯାଏ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଉଛି। ତେଣୁ ଶିଶୁ ଜନ୍ମଠାରୁ ପ୍ରଥମ ୨ ବର୍ଷ ପର୍ଯ୍ୟନ୍ତ ସ୍ତନ୍ୟପାନ ପାଇଁ ମା'ମାନଙ୍କୁ ଉତ୍ସାହିତ କରାଯିବା ଉଚିତ। ସ୍ତନ୍ୟପାନ ଏକ ମାତ୍ର ଉପାୟ, ଯାହା ମାଧ୍ୟମରେ ପ୍ରତିବର୍ଷ ୮ଲକ୍ଷ ୨୦ ହଜାର ଶିଶୁଙ୍କର ଜୀବନ ସୁରକ୍ଷିତ କରାଯାଇପାରିବ। ତେଣୁ ଶିଶୁକୁ ସୁସ୍ଥ, ସବଳ ଓ ନୀରୋଗ ରଖିବା ପାଇଁ ମା'ମାନଙ୍କୁ ସ୍ତନ୍ୟପାନ ସମ୍ପର୍କରେ ପ୍ରଶିକ୍ଷିତ କରାଇବା ତଥା ଶିଶୁ ପାଇଁ ସ୍ତନ୍ୟପାନର ଉପାଦେୟତା ସମ୍ପର୍କରେ ସେମାନଙ୍କୁ ସଚେତନ କରାଇବା ଏହି ସପ୍ତାହର ଲକ୍ଷ୍ୟ। ସ୍ତନ୍ୟପାନ କରାଇବା ବେଳେ ଶିଶୁଟିକୁ ଭଲ ଭାବରେ ମା'ମାନେ ଧରିବା ଉଚିତ। ସର୍ବପ୍ରଥମେ ମା'ଜଣଙ୍କ ଆରାମରେ ବସିବା ଦରକାର। ପିଲାଟିକୁ କ୍ଷୀର ଖୁଆଇବା ସମୟରେ ମା'ମାନେ ନିଜ ମାନସିକତାକୁ ସକରାତ୍ମକ ରଖିବା ଦରକାର। ପିଲାଟିକୁ ଅତି କମ୍‌ରେ ୨ଘଣ୍ଟା କ୍ଷୀର ଦେବା ଜରୁରୀ। ପିଲାଟିକୁ ସ୍ତନ୍ୟପାନ ପରେ କାନ୍ଧରେ ପକାଇ ହାଲୁକା ଭାବେ ତା ପିଠିକୁ ଥାପୁଡ଼ାନ୍ତୁ ଯାହାକୁ ଡାକ୍ତରୀ ଭାଷାରେ ବର୍ପିଙ୍ଗ କୁହାଯାଏ। ଏହାଦ୍ୱାରା ପିଲାଟିର ପେଟ ଭିତରେ ଥିବା ବାୟୁ ହାକୁଟି ଦ୍ୱାରା ବାହାରିଯାଏ। ଶିଶୁଟିକୁ ଚିତ୍ କରି ନଶୁଆଇ କଡ଼ମାଡ଼ି କିମ୍ବା ତାର ମୁହଁକୁ ଗୋଟାଏ କଡ଼କୁ କରି ଶୁଆଇ ଦିଅନ୍ତୁ। କାରଣ ଚିତ୍ ହୋଇ ଶୋଇଲେ ଶିଶୁଟି ବାନ୍ତି କରିଦେଲେ ଏହା ନାକ ଦେଇ ଭିତରକୁ ଯାଇ ନିଃଶ୍ୱାସ ବନ୍ଦ ହେବାର ଆଶଙ୍କା ରଖିଥାଏ। ପିଲାଟିକୁ ସ୍ତନ୍ୟପାନ ପୂର୍ବରୁ ମା'ମାନେ ନିଜର ସ୍ତନ ଓ ଏହାର ଅଗ୍ର ଭାଗକୁ ଭଲ ଭାବେ ଧୋଇ ଦିଅନ୍ତୁ ଯାହାଦ୍ୱାରା ପିଲାଟି କୌଣସି ସଂକ୍ରମଣର ଶିକାର ହୋଇନଥାଏ। ପିଲାଟିକୁ ସ୍ତନ୍ୟପାନ କରାଉଥିବାବେଳେ ମା'ମାନଙ୍କ ପାଇଁ ସୁଷମ ଖାଦ୍ୟ ଜରୁରୀ। ଏ ସମୟରେ ମା'ମାନେ ଆଣ୍ଟିବାୟୋଟିକ୍ସ, ବିଭିନ୍ନ ହରମୋନ, ମଦ, ତମାଖୁ ଇତ୍ୟାଦି ଠାରୁ ଦୂରେଇ ରହିବା ଭଲ। ନୂଆ ନୂଆ ସ୍ତନ୍ୟପାନ କରାଉଥିବା ସମୟରେ ଅଧିକାଂଶ ମାଆ ଶିଶୁକୁ କିଛି କିଛି ସମୟ ଅନ୍ତରାଳରେ କ୍ଷୀର ପିଆଇଥାନ୍ତି। କିନ୍ତୁ ଏହାଦ୍ୱାରା ପିଲାଟିର ଅରୁଚି ବା ବାନ୍ତି ହେବାର ସମ୍ଭାବନା ଥାଏ। କିନ୍ତୁ ପିଲାଟି ଭୋକ କଲେ ବା କାନ୍ଦିଲେ କ୍ଷୀର ଦେବା ଦ୍ୱାରା ତାର ହଜମ ସହଜରେ ହୋଇଥାଏ। ଶୋଇବା ବେଳେ ପିଲାଟିକୁ ସ୍ତନ୍ୟପାନ କରାନ୍ତୁ ନାହିଁ। ଏହାଦ୍ୱାରା ପିଲାଟିର ନାକରେ ଚାପ ପଡ଼ି ଶ୍ୱାସରୁଦ୍ଧର ଆଶଙ୍କା ରହିଥାଏ। ଶିଶୁକୁ ସର୍ବଦା ଦୁଇସ୍ତନରୁ ସମାନ ପରିମାଣରେ କ୍ଷୀର ପିଆଇବାକୁ ଚେଷ୍ଟା କରନ୍ତୁ। ମାନସିକ ରୋଗଗ୍ରସ୍ତ, କୁଷ୍ଠ, ଏଚ୍‌ଆଇଭି, ଯକ୍ଷ୍ମା, ହାଡ଼ଫୁଟି, ମିଳିମିଳା, ଜଣ୍ଡିସ ଆଦି ରୋଗ ଥିଲେ କିମ୍ବା ସ୍ତନରେ ଘାଆ ହୋଇଥିଲେ ସ୍ତନ୍ୟପାନ କରାଇବା ଶିଶୁ ପାଇଁ ବିପଦଜନକ। ଶିଶୁ କ୍ଷୀର ଖାଇବା ଦ୍ୱାରା ମା'ର ମସ୍ତିଷ୍କରୁ ଅକ୍ସିଟୋସିନ ହରମୋନ କ୍ଷରଣ ହେବା ଦ୍ୱାରା ଜରାୟୁ ସଂକୁଚିତ ହୋଇ ଏହାର ଆକାର କ୍ରମଶଃ ହ୍ରାସ ପାଇଥାଏ। ତେଣୁ ପ୍ରସବ ପରେ ରକ୍ତକ୍ଷରଣ କମ୍ ହୋଇଥାଏ। ଶିଶୁ କ୍ଷୀର ଖାଇବା ଦ୍ୱାରା କେତେକ ମା'ମାନଙ୍କର ମାସିକ ଋତୁସ୍ରାବ ବିଳମ୍ବ ହୋଇଥାଏ। ପିଲାଟିକୁ ନିୟମିତ ଭାବରେ ସ୍ତନ୍ୟପାନ କରାଇ ନିଜ ଆଗାମୀ ବଂଶଧରକୁ ସମସ୍ତ ରୋଗରୁ ଦୂରେଇ ତାକୁ ଈଶ୍ୱରପ୍ରଦତ୍ତ କୃପାରୁ ବଞ୍ଚିତ କରନ୍ତୁନାହିଁ।


ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,
ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,
ଦୂରଭାଷ : ୯୪୩୭୧୨୪୦୭୪


# ମା'କ୍ଷୀର ଅମୃତ


॥ ଡାକ୍ତର ଶୁଭଶ୍ରୀ ମିଶ୍ର ॥


ମା' କ୍ଷୀର ଶିଶୁ ପାଇଁ ଅମୃତ। ଆଦିମ କାଳରୁ ରହିଥିବା ଏହି ପ୍ରସଙ୍ଗ ବର୍ତ୍ତମାନର ଅତ୍ୟାଧୁନିକ ଯୁଗରେ ଫିକା ପଡ଼ିଛି। ଅଧିକାଂଶ ମା'ଙ୍କର ସ୍ତନ୍ୟପାନକୁ ନେଇ ବିଚିତ୍ର ମାନସିକତା ରହିଛି। ସ୍ତନ୍ୟପାନ କରାଇଲେ ସୌନ୍ଦର୍ଯ୍ୟ ପ୍ରଭାବିତ ହେବା ଆଶଙ୍କା କରି ଶିଶୁଙ୍କ ସ୍ତନ୍ୟପାନ କରାଇବା ପାଇଁ ସେମାନେ ଇଛା ପ୍ରକାଶ କରୁନାହାନ୍ତି। ଫଳରେ ଅମୃତ କୁହାଯାଉଥିବା ଏହି ମା'କ୍ଷୀର ଏବେ ଶିଶୁ ପାଇଁ ସ୍ୱପ୍ନ ହୋଇଛି। ମା'ଶବ୍ଦ ମନକୁ ଆସିଲେ ଆପେ ଚାଲିଆସେ ମମତାର ଭାବନା ମା' ଓ ମମତା ସହ ଜଡ଼ିତ ଆଉ ଏକ ଶବ୍ଦ ସ୍ତନ୍ୟପାନ। କିଏ କହେ ଅମୃତର ଧାରା ତ କିଏ କହେ ମମତାର ବିନ୍ଦୁ। ଶିଶୁଟି ଜନ୍ମ ହେବା ଠାରୁ ଛଅ ମାସ ପର୍ଯ୍ୟନ୍ତ ମା'କ୍ଷୀର ପିଇବା ଅତ୍ୟନ୍ତ ଆବଶ୍ୟକ। ଏହା ଶିଶୁ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଶରୀରକୁ ଅନେକ ପ୍ରକାର ପୋଷକ ତତ୍ତ୍ୱ ଯୋଗାଇଥାଏ। ଏଣୁ ଏ ଦିଗରେ ମା'ମାନଙ୍କୁ ସଚେତନ କରାଇବା ପାଇଁ ଅଗଷ୍ଟ ୧ ରୁ ୭ ପର୍ଯ୍ୟନ୍ତ ବିଶ୍ୱବ୍ୟାପୀ ପାଳିତ ହୋଇଥାଏ ସ୍ତନ୍ୟପାନ ସପ୍ତାହ। ୧୯୯୨ ମସିହାରେ ପ୍ରଥମ ଥର ପାଇଁ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଇଥିଲା। ଏହା ପରଠାରୁ ପ୍ରତ୍ୟେକ ବର୍ଷ ପ୍ରାୟ ୧୨୦ରୁ ଉର୍ଦ୍ଧ୍ୱ ଦେଶରେ ପାଳିତ ହୋଇଥାଏ ଏହି ସପ୍ତାହ। ଏହି ଦିବସ ପାଳନ କରୁଥିବା ଦେଶମାନଙ୍କ ମଧ୍ୟରେ ଭାରତ ଅନ୍ୟତମ।

ଶିଶୁକୁ ୬ମାସ ବୟସ ହେବା ଯାଏଁ ମା କ୍ଷୀର ତା ପାଇଁ ସର୍ବୋତ୍ତମ ଆହାର । ଏହି ସମୟ ଯାଏଁ ତଥା ଏହି ସମୟ ପରେ ବି ଶିଶୁକୁ ସ୍ତନ୍ୟପାନ କରାଇବା ନିହାତି ଦରକାର । ନିହାତି ଦରକାର ନହେଲେ ଏହି ସମୟ ମଧ୍ୟରେ ଶିଶୁକୁ ଅନ୍ୟ କୌଣସି କ୍ଷୀର, ଖାଦ୍ୟ, ପାନୀୟ କିମ୍ବା ପାଣି ଦେବା ଦରକାର ହୁଏ ନାହିଁ । ଜନ୍ମ ହେବାର ଅଧ ଘଣ୍ଟାରୁ ଏକ ଘଣ୍ଟା ମଧ୍ୟରେ ଶିଶୁକୁ ଯେତେ ଶୀଘ୍ର ସମ୍ଭବ ସ୍ତନ୍ୟପାନ କରାଇବା ଉଚିତ । ଶିଶୁ ଜନ୍ମ ହେବାର ପ୍ରଥମ ଦୁଇ-ତିନି ଦିନ ଭିତରେ ମା'ର ପ୍ରଥମ ହଳଦିଆ ତଥା ଈଷତ୍ ହଳଦିଆ ରଙ୍ଗର କ୍ଷୀର ପିଆଇବା ଖୁବ୍ ଜରୁରୀ । ଏହି କ୍ଷୀରକୁ କୋଲେଷ୍ଟ୍ରମ୍ କୁହାଯାଏ । ଏଥିରେ ପିଲା ପାଇଁ ଉପାଦେୟ ଅନେକ ପ୍ରକାରର ଭିଟାମିନ୍ ଭରି ରହିଥାଏ । ଶିଶୁ ଜନ୍ମ ହେବାପରେ ପ୍ରଥମ ଥର ସନ୍ତ୍ୟପାନ କରାଇବା ପୂର୍ବରୁ ତାକୁ ଅନ୍ୟ କୌଣସି ଜିନିଷ ପିଇବାକୁ ଦେବା ଅନୁଚିତ । ପିଲା ଜନ୍ମ ହେବାପରେ ତାକୁ ଅନ୍ୟ ଜିନିଷ ଦେବା ପାଇଁ କେତେକ କୁହନ୍ତି କିନ୍ତୁ ସେ କ୍ଷେତ୍ରରେ ଡାକ୍ତରଙ୍କ ପରାମର୍ଶ ନେବା ଭଲ । ଏହି ସମୟ ମଧ୍ୟରେ କ୍ଷୀର ବଦଳରେ କେହି କେହି ମହୁ ଚାଟନ୍ତି । ଏପରି କରିବା ଶିଶୁ ପାଇଁ କ୍ଷତିକାରକ । କିଛି ନିର୍ଦ୍ଦିଷ୍ଟ ରୋଗ ଯେମିତିକି ଏଡ଼ସ୍ କିମ୍ବା ବ୍ରେଷ୍ଟ କ୍ୟାନସର ଆଦି ରୋଗକୁ ବାଦଦେଇ ଅନ୍ୟାନ୍ୟ ରୋଗ ଭୋଗୁଥିବା ବେଳେ ଆପଣ ବିନା ଦ୍ୱିଧାରେ ଶିଶୁକୁ ସ୍ତନ୍ୟପାନ କରାଇପାରିବେ । ଏହାଦ୍ୱାରା ଆପଣଙ୍କର ଶିଶୁର କୌଣସି କ୍ଷତି ହେବନାହିଁ । ଆପଣ ଚାହିଁଲେ ଦୁଇବର୍ଷ କିମ୍ବା ତା'ଠାରୁ ଅଧିକ ବୟସ ଯାଏଁ ଶିଶୁକୁ ସ୍ତନ୍ୟପାନ କରାଇପାରିବେ । ବଟଲରେ କ୍ଷୀର ପିଆଇବେ ନାହିଁ । କାରଣ ଅନେକ ସମୟରେ ବଟଲରେ ପିଇବା ଦ୍ୱାରା ଶିଶୁର କ୍ଷତି ହୁଏ । ଶିଶୁର ତରଳ ଝାଡ଼ା ହେବାପାଇଁ ବଟଲ ହିଁ ଅନେକାଂଶରେ ଦାୟୀ । ଶିଶୁକୁ ସଠିକ୍ ଭାବେ ୬ମାସ ଯାଏଁ ସ୍ତନ୍ୟପାନ କରାଇବା ପରେ ଅନ୍ୟ ଖାଦ୍ୟ ଦେବା ଉଚିତ । ବଜାରରେ ମିଳୁଥିବା ଖାଦ୍ୟ ତୁଳନାରେ ଘର ତିଆରି ଖାଦ୍ୟ ଶିଶୁ ପାଇଁ ଅପେକ୍ଷାକୃତ ଭଲ ।

ବ୍ରେଷ୍ଟ ଫିଡିଂ ଶିଶୁପାଇଁ କାହିଁକି ଭଲ : ମା' କ୍ଷୀରରେ ଯଥେଷ୍ଟ କ୍ୟାଲୋରୀ ରହିଛି । ଏହା ଶିଶୁକୁ ସଠିକ୍ ମାତ୍ରାରେ ପ୍ରୋଟିନ୍, ଫ୍ୟାଟ୍, ଲାକଟୋଜ, ଭିଟାମିନ୍ ଆଇରନ, ମିନେରାଲ, ପାଣି ଏବଂ ଏନଜାଇମ ଯୋଗାଇଥାଏ । ଯାହା ଶିଶୁର ବିକାଶ ପାଇଁ ଖୁବ୍ ଦରକାର । ମା' କ୍ଷୀରରେ ଆଇରନ, ଭିଟାମିନ୍ ଡି, ଭିଟାମିନ୍ ଏ, ସି ଏବଂ ଇ ଭରି ରହିଥାଏ । ଯାହା ଗାଈ କ୍ଷୀରରେ ନଥାଏ । ମା' କ୍ଷୀର ସ୍ୱଚ୍ଛ, ବ୍ୟାକ୍ଟେରିଆ ମୁକ୍ତ ଏବଂ ଏଥିରେ ଆଣ୍ଟି ଇନଫେକ୍ଟିଭ ପ୍ରପର୍ଟି ଭରି ରହିଛି । ମା' କ୍ଷୀରରେ ଏପରି ଏକ ଉପାଦାନ ଅଛି ଯାହା ଶିଶୁର ପତଳା ଝାଡ଼ା ପ୍ରତିରୋଧ କରିପାରେ । ମା' କ୍ଷୀରର ଆଉ ଏକ ଉପକାରିତା ହେଲା ଇଛା ହେଲା ମାତ୍ରେ ଶିଶୁକୁ ଖୁଆଇ ପାରିବେ ଏବଂ ଏହାକୁ ପ୍ରସ୍ତୁତ କରିବା ପାଇଁ ସମୟ ଦରକାର ହୁଏନାହିଁ । ଏବଂ ଏହାକୁ ଗରମ କିମ୍ବା ଥଣ୍ଡା କରିବାକୁ ପଡ଼େ ନାହିଁ । ଏଥିପାଇଁ ମା'କୁ ନିଜ ଖାଦ୍ୟ ବ୍ୟତୀତ ଆଉ ଅଧିକ ପଇସା ଖର୍ଚ୍ଚ କରିବାକୁ ପଡ଼େ ନାହିଁ ଏବଂ ଏଥିରେ ରୋଗ ସଂକ୍ରମଣର ଆଶଙ୍କା ନଥାଏ । ବରଂ ଶିଶୁର ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇବାରେ ଏହା ସାହାଯ୍ୟ କରେ । ମା'କ୍ଷୀର ନବଜାତ ଶିଶୁ ଓ ମା' ମଧ୍ୟରେ ଭାବନାତ୍ମକ ସଂପର୍କ ଦୃଢ଼ କରେ । ଶିଶୁକୁ ବ୍ରେଷ୍ଟଫିଡ଼ିଂ କରାଇବା ବେଳେ ଶିଶୁପ୍ରତି ମା'ର ଆବେଗ, ଭଲ ପାଇବା ଆହୁରି ଗଭୀର ହୁଏ । ଶିଶୁକୁ ପରିଣତ ବୟସ ପର୍ଯ୍ୟନ୍ତ ସଠିକ ମାତ୍ରାରେ ସନ୍ତ୍ୟପାନ କରାଇଲେ ବୟସ ହେବାପରେ ଡାଏବେଟିସ, ହୃଦରୋଗ, ଏକଜିମା, ଆସ୍ତମା ଏବଂ ଅନ୍ୟାନ୍ୟ ଆଲର୍ଜି ଜନୀତ ରୋଗର ଆଶଙ୍କା କମିଯାଏ । ସଠିକ ଭାବେ ସ୍ତନ୍ୟପାନ କରିଥିବା ଶିଶୁମାନଙ୍କ ମସ୍ତିଷ୍କ ସକ୍ରୀୟ ରହେ । ସେମାନେ ବୁଦ୍ଧିଆ ହୁଅନ୍ତି ।

ବ୍ରେଷ୍ଟ ଫିଡ଼ିଂର ଉପକାରିତା : ଶିଶୁକୁ ସ୍ତନ୍ୟପାନ କରାଇବା ଦ୍ୱାରା ପ୍ରସବ ପରବର୍ତ୍ତୀ ରକ୍ତ କ୍ଷରଣ ଏବଂ ଆନିମିଆ ହେବାର ଆଶଙ୍କା କମ କରେ । ଶିଶୁକୁ ସଠିକ ପରିମାଣରେ ବ୍ରେଷ୍ଟ ଫିଡିଂ କରାଇଲେ ମେଦ ବହୁଳତା ହେବାର ଆଶଙ୍କା ମଧ୍ୟ କମି ସାଧାରଣ ସ୍ୱାସ୍ଥ୍ୟ ଫେରିଆସେ । ଶିଶୁକୁ ନିୟମିତ ସ୍ତନ୍ୟପାନ କରାଇଲେ ଅବାଞ୍ଛିତ ଗର୍ଭ ଧାରଣର ଆଶଙ୍କା କମିଯାଏ । ବ୍ରେଷ୍ଟ ଫିଡ଼ିଂର ଆଉ ଏକ ଉପକାରିତା ହେଲା ଏହା ବ୍ରେଷ୍ଟ ତଥା ଓଭାରିଆନ କ୍ୟାନସର ଆଶଙ୍କାକୁ ବହୁ ପରିମାଣରେ କମ୍ କରେ । ଯଦି ଆପଣ ଶିଶୁକୁ ନିୟମିତ ଭାବେ ଏବଂ ଅଧିକ ଥର ସ୍ତନ୍ୟପାନ କରାଇବେ ତା'ହେଲେ ଶିଶୁ ସହିତ ଆପଣଙ୍କର ମାନସିକ ସ୍ତରରେ ବୁଝାମଣା ମଧ୍ୟ ଠିକ୍ ରହିବ ।


ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, ଦୂରଭାଷ : ୯୮୬୧୪୬୩୪୦୬


# ଅନୁଚିନ୍ତନରେ ଦେବଭାଷା ସଂସ୍କୃତ


॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥


ସଂସ୍କୃତ ଭାଷାର ପ୍ରାଚୀନତା, ବ୍ୟାପକତା ତଥା ଏହାର ବିପ୍ତତ୍ତି ପାଇଁ ସାଧାରଣରେ ଭାଷା ପ୍ରତି ଶ୍ରଦ୍ଧା ରଖୁଥିବା ପ୍ରତିଟି ଲୋକପାଇଁ ଆଜି ହେଉଛି ଏକ ଅତ୍ୟନ୍ତ ପବିତ୍ରତମ ଦିବସ । ଦେବଭାଷା ସଂସ୍କୃତର ପ୍ରାଚୀନତା କାହାକୁ ବା ଅଜଣା । ଏହି ଭାରତୀୟ ଆର୍ଯ୍ୟ ଭାଷାରୁ ଅଧିକାଂଶ ଭାରତୀୟ ଓ ବିଶ୍ୱ ଭାଷାର ସୃଷ୍ଟି । ଏହି ଭାଷା ଏବେ ବିଲୁପ୍ତ ପ୍ରାୟ । ୨୦୨୦ର ଏକ ପରିସଂଖ୍ୟାନ ଅନୁଯାୟୀ ସମଗ୍ର ଭାରତବର୍ଷରେ ସଂସ୍କୃତ ଭାଷାଭାଷୀଙ୍କ ସଂଖ୍ୟା ୧,୧୪,୧୩୫ ମଧ୍ୟରେ ସୀମିତ । ଏହି ପରିପ୍ରେକ୍ଷୀରେ କର୍ଣ୍ଣାଟକ ଅନ୍ତର୍ଗତ ମାଟ୍ଟୁର ଗ୍ରାମର ସମସ୍ତ ବାସିନ୍ଦା କେବଳ ଏହି ଭାଷାରେ କଥାବର୍ତ୍ତା ହେଉଥିବା ଶୁଣିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ । ସିମୋଗା ସହରଠାରୁ ମାତ୍ର ୧୦ କିମି ଦୂରରେ ଏହି ଗାଁ ଅବସ୍ଥିତ ଏବଂ ଗ୍ରାମବାସୀଙ୍କ ବ୍ୟାବହାରିକ ଭାଷା ସଂସ୍କୃତ । ଉଲ୍ଲେଖନୀୟ ଯେ, ଗ୍ରାମବାସୀଙ୍କର ଜୀବିକା କୃଷି । ୧୯୮୨ ପର୍ଯ୍ୟନ୍ତ ସେମାନଙ୍କର ମାତୃଭାଷା ଥିଲା କନ୍ନଡ଼ । ସେହି ବର୍ଷ ସଂସ୍କୃତ ଭାରତୀ ନାମକ ଅନୁଷ୍ଠାନ ଭାଷା ପ୍ରଚାର ପାଇଁ ବାଛିଥିଲା ମାଟ୍ଟୁର୍ ଗାଁକୁ । ଅନୁଷ୍ଠାନ ସହ ଜଡ଼ିତ ସ୍ୱେଚ୍ଛାସେବୀମାନେ ଏକ ୧୦ ଦିନିଆ ଶିକ୍ଷା ଯୋଜନାରେ ସଂସ୍କୃତରେ କିପରି କଥାବାର୍ତ୍ତା କରିହେବ ସେଠାକାର ବାସିନ୍ଦାଙ୍କୁ ଶିଖାଇଲେ । ସ୍ଥାନୀୟ ଲୋକେ ମଧ୍ୟ ଆଗ୍ରହରେ ତାହା ଗ୍ରହଣ କଲେ । ଏମିତି ଜଣେ ଅନ୍ୟକୁ ଶିଖାଇଲା । ପିଲାମାନେ ବି ଶିଖିଲେ । କିଛି ବର୍ଷ ମଧ୍ୟରେ ସମସ୍ତେ ପାଲଟିଗଲେ ସଂସ୍କୃତଭାଷୀ ଏବଂ ସେହି ଭାଷାକୁ ବ୍ୟବହାର କଲେ ଭାବ ପରିପ୍ରକାଶ ପାଇଁ । ମାଟ୍ଟୁର୍‌ବାସୀଙ୍କ ପ୍ରଭାବରେ ଆସି ନିକଟବର୍ତ୍ତୀ ହୋସାହାଲି ଗ୍ରାମର ଲୋକେ ମଧ୍ୟ ଏବେ ସଂସ୍କୃତରେ କଥାବାର୍ତ୍ତା ହେଉଛନ୍ତି । ପୁଣି ମଧ୍ୟ ପ୍ରଦେଶ ଅନ୍ତର୍ଗତ ରାଜଗଡ଼ ଜିଲ୍ଲା ଅନ୍ତର୍ଗତ ଝିରି ଗାଁର ଲୋକେ ମଧ୍ୟ ସଂପ୍ରତି କେବଳ ସଂସ୍କୃତରେ କଥା ହେଉଥିବା ପ୍ରକାଶ । ଏମିତି ଧୀରେ ଧୀରେ ସଂସ୍କୃତ ଭାଷାର ପୁନରୁଦ୍ଧାର ହେଉଛି।

ସାଧାରଣରେ ବେଦ ଭାଷା ବା ଭଗବାନଙ୍କ ଭାଷାରୂପେ ସଂସ୍କୃତକୁ ସମସ୍ତେ ବୁଝନ୍ତି । ତେବେ ଭାରତ ବାହାରେ ଅନେକ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ନେପାଳ, ଶ୍ରୀଲଙ୍କା, ଫିଲିପାଇନସ୍ ପରି କିଛି ବିଦେଶ ରାଷ୍ଟ୍ରରେ ସଂସ୍କୃତ ଭାଷାକୁ ସ୍ଥାନୀୟ ସରକାର ସମ୍ମାନ ଦେବା ସହ ସେମାନଙ୍କର ସରକାରୀ ଭାଷା ସିଡ୍ୟୁଲ୍‌ରେ ସଂସ୍କୃତ ପରି ପ୍ରାଚୀନତମ ଭାଷା ବି ସ୍ଥାନିତ ହୋଇଛି । ତେବେ ସାଧାରଣରେ ହିନ୍ଦୀ ଓ ସଂସ୍କୃତ ଅପେକ୍ଷା ହିନ୍ଦୀକୁ ରାଷ୍ଟ୍ରଭାଷା ରୂପେ ଗ୍ରହଣ କରାଯାଇଥିବାରୁ ସଂସ୍କୃତ ଭାଷା କିଛିକାଂଶରେ ପଛୁଆ ପଡ଼ିଯାଇଛି କହିଲେ ଭୁଲ୍ ହେବନାହିଁ । ସଂସ୍କୃତ ଭାଷାକୁ ଗୁଜୁରାଟ, ମହାରାଷ୍ଟ୍ର, କର୍ଣ୍ଣାଟକ, ତାମିଲନାଡ଼ୁ, କେରଳ ପରି ରାଜ୍ୟରେ ବହୁତ ଗୁରୁତ୍ୱ ଦିଆଯାଏ । ଏହି ରାଜ୍ୟମାନଙ୍କରେ ସଂସ୍କୃତ ବହିର ବ୍ୟାପକ ବିକ୍ରି ହେବା ସହିତ ସଂସ୍କୃତ ଭାଷାରେ କଥାବାର୍ତ୍ତା ଅଧିକାଂଶ ଲୋକ ହୋଇଥାନ୍ତି । ତେବେ ସବୁଠାରୁ ବଡ଼ କଥା ହେଉଛି ହଜାର ହଜାର ବର୍ଷ ତଳର ଏହି ଅତ୍ୟନ୍ତ ଲୋକପ୍ରିୟ ତଥା ଶୁଦ୍ଧ ଭାଷା କିନ୍ତୁ ସରକାରୀ ସ୍ତରରେ ସେପରି ପ୍ରୋତ୍ସାହନ ପାଉନାହିଁ । ବିଶ୍ୱବିଦ୍ୟାଳୟ ବା ବଡ଼ ବଡ଼ ମହାବିଦ୍ୟାଳୟରେ ସଂସ୍କୃତ ଭାଷାକୁ ପାଠ୍ୟକ୍ରମରେ ଗ୍ରହଣ କରୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା କମ୍ । ଏ କ୍ଷେତ୍ରରେ ବଡ଼ ଅସୁବିଧା ହେଉଛି ସଂସ୍କୃତକୁ ନେଇ କ୍ୟାରିୟର କରିବା ପାଇଁ ସେପରି ନାଁ ବିଭାଗ ଅଛି ନାଁ କର୍ମବୃତ୍ତି । ଯାହାଦ୍ୱାରା ଏହି ଭାଷାକୁ କ୍ୱଚିତ୍ ଛାତ୍ରଛାତ୍ରୀ ଆଗ୍ରହର ସହ ଗ୍ରହଣ କରୁଛନ୍ତି । ଦ୍ୱିତୀୟତଃ ସଂସ୍କୃତ ଭାଷାରେ ବହି, ପତ୍ରପତ୍ରିକାର ପ୍ରଚଳନ କମ୍ । ଦିନଥିଲା ଗାଁ ଗଣ୍ଡା ବା ସହରରେ ଛତୁ ଫୁଟିଲା ପରି ଟୋଲ୍ ସ୍କୁଲ ସବୁ ଖୋଲିଥିଲା । ପରବର୍ତ୍ତୀ ସମୟରେ କିନ୍ତୁ ଏହି ଟୋଲ୍ ଗୁଡ଼ିକ ଏକ ପ୍ରକାର ମୃତପ୍ରାୟ ହୋଇଗଲା । ସରକାରୀ ସ୍ତରରେ ସେପରି ନା ସହାୟତା ରହିଲା ନା ସାଧାରଣରେ ଏହାକୁ ଗ୍ରହଣ କରିବା ପାଇଁ କିଛି ଆଗ୍ରହବୋଧ ! ସଂସ୍କୃତ ଭାଷାକୁ ଅତ୍ୟନ୍ତ ନିଷ୍ଠାର ସହିତ ଶ୍ରଦ୍ଧା ରଖୁଥିବା, କର୍ମକାଣ୍ଡ ବ୍ରାହ୍ମଣ ବା କିଛି ଭିନ୍ନ ରୁଚିର ମେଧାବୀମାନେ ବର୍ତ୍ତମାନ ସଂସ୍କୃତ ଭାଷାକୁ ଗ୍ରହଣ କରୁଛନ୍ତି । ସାଧାରଣରେ ସରକାରୀ ସ୍କୁଲରେ ସଂସ୍କୃତ ପଣ୍ଡିତମାନଙ୍କ ନିଯୁକ୍ତି ପ୍ରକ୍ରିୟା ଏହାଭିତରେ ଏକ ପ୍ରକାର ସ୍ଥାଣୁ ପାଲଟି ଯାଇଛି । ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ହିନ୍ଦୀ ଓ ସଂସ୍କୃତ ଭାଷାର ପିଲାମାନେ ଅନେକ ସମସ୍ୟା ସାମ୍ନା କରିବା ସହ ସେମାନଙ୍କ ପରୀକ୍ଷା ଫଳ ମଧ୍ୟ ଅଧିକାଂଶ କ୍ଷେତ୍ରରେ ଖରାପ ହୋଇଥିଲା । ତେବେ ଯାହାହେଉନା କାହିଁକି ସଂସ୍କୃତ ଭାଷାକୁ ବିଦେଶରେ କିନ୍ତୁ ଦିନକୁ ଦିନ ଆଗ୍ରହ ରଖୁଛନ୍ତି ବିଦେଶୀମାନେ । ଭାରତରେ ଯେଉଁ ଭାଷା ସୃଷ୍ଟି ହୋଇ ମୃତପ୍ରାୟ ହେବାକୁ ଯାଉଛି ସେ ଭାଷା କିନ୍ତୁ ଦେଶ ବିଦେଶରେ ବେଶ୍ ଆଗ୍ରହ ରଖୁଛି ଜାଣିବା ଓ ଶିଖିବାରେ । ବର୍ତ୍ତମାନ ଛୋଟ ପିଲାଟି ନିଜ ଜେଜ ବା ଗୋସେଇଁ ବାପାଙ୍କ ଅମଳର ସଂସ୍କୃତ ବହିଟି ଦେଖିଲେ ତାକୁ ଏକପ୍ରକାର ବିଚିତ୍ର ଭାଷା ପରି ହୃଦ୍‌ବୋଧ ହେଉଛି । କାରଣ ପିଢ଼ୀ ପରେ ପିଢ଼ୀ ସଂସ୍କୃତ ଭାଷାଟି ସେପରି ଶ୍ରଦ୍ଧା ବା ଭଲ ପାଇବା ପାଉନାହିଁ । ଆସନ୍ତୁ ଆଜିପରି ଏକ ଅନୁଚିନ୍ତନର ଦିବସରେ ସଂସ୍କୃତର ଭାଷାକୁ ଭଲପାଇବାର, ଜାଣିବାର ଶ୍ରଦ୍ଧା ବଢ଼ାଇବାର ସ୍ମରଣୀୟ ଦିବସଟିଏ ହେଉ । ଏହି ଦିବସଟି ଆମ ସମସ୍ତଙ୍କ ପାଇଁ ଏହି ଦେବ ଓ ମହାନ୍ ଭାଷା ପ୍ରତି ମମତାବୋଧକୁ ବଢ଼ାଉ ଏହା ହିଁ କାମନା । ଏହି ପ୍ରସଙ୍ଗରେ ଯୁଗାବତାର ପରମ ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - 'ସଂସ୍କୃତ ଭାଷା ହିଁ ହେଉଛି ସମସ୍ତ ଭାଷାର ଆଦିଭାଷା । ଏପରିକି ଇଂରାଜୀ ଭାଷା ମଧ୍ୟ ସଂସ୍କୃତ ଭାଷାରୁ ହିଁ ସୃଷ୍ଟି।' ଶ୍ରୀ ଶ୍ରୀ ଠାକୁର ଆଶା ପ୍ରକାଶ କରିଛନ୍ତି, ଯେ ସଂସ୍କୃତ ଭାଷା ହିଁ ଭାରତର ଜାତୀୟ ଭାଷାର ମାନ୍ୟତା ପାଇବା ଉଚିତ। ସଂସ୍କୃତ ହିଁ ହେଉଛି ଦେବଭାଷା ଓ ଆର୍ଯ୍ୟ ଭାରତ ବର୍ଷର ଋଷି ପରମ୍ପରା ଅନୁଯାୟୀ ସଂସ୍କୃତ ଭାଷାର ଉନ୍ନତି ଉପରେ ଆର୍ଯ୍ୟ ଭାରତ ବର୍ଷର ଉନ୍ନତି, ସଂହତି ଓ ବୈଦିକ ଅନୁଚିନ୍ତନ ତଥା ସର୍ବଧର୍ମ ସମନ୍ୱୟର ପ୍ରଚାର ଓ ପ୍ରସାର ନିର୍ଭର କରେ।


ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

## ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କରେ ନିଯୁକ୍ତି ଓ ଋଣ ପ୍ରଦାନରେ ଜାଲିଆତି ଅଭିଯୋଗ

**ନୟାଗଡ,(ମହାଭାରତ) :** ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କରେ ବଡ଼ ଧରଣର ଦୁର୍ନୀତି ଚାଲିଛି। ବିଭିନ୍ନ ପଦପଦବିରେ ଥିବା ଅଧିକାରୀ ମାନଙ୍କଠାରୁ ଆରମ୍ଭ କରି ନିଯୁକ୍ତି ପାଇଁ ବାହାରିଥିବା ବିଜ୍ଞପ୍ତିରେ ବଡ଼ ଧରଣର ଜାଲିଆତି କରାଯାଇଛି। ବ୍ୟାଙ୍କ୍ ଦେଇଥିବା କୋଟି କୋଟି ଟଙ୍କା ଋଣ ଜାଣିଶୁଣି ଆଦାୟ କରାଯାଉନଥିବା ଅଭିଯୋଗ କରି ଆଇନଜୀବୀ ତଥା ସାମାଜିକ କର୍ମୀ ସୌମ୍ୟରଞ୍ଜନ ପ୍ରଧାନ ରାଜ୍ୟ ସମବାୟ ବ୍ୟାଙ୍କ ମୁଖ୍ୟ ପରିଚାଳକଙ୍କୁ ଚିଠି ଲେଖିଥିଲେ। ସୌମ୍ୟରଞ୍ଜନ ଙ୍କର ଏହି ଆବେଦନକୁ ଗ୍ରହଣ କରି ରାଜ୍ୟ ସମବାୟ ବ୍ୟାଙ୍କ ଲିମିଟେଡ୍ (ଓଏସ୍‌ସିବି) ରାଜ୍ୟ ସମବାୟ ସମିତି ରେଜିଷ୍ଟ୍ରାରଙ୍କୁ ତଦନ୍ତ ପାଇଁ ଚିଠି ଲେଖିଥିଲେ। ଏହା ପରେ ସମବାୟ ସମିତିର ରେଜିଷ୍ଟ୍ରାର ଘଟଣାର ତଦନ୍ତ ପାଇଁ ନୟାଗଡ଼ ଡେପୁଟି ରେଜିଷ୍ଟ୍ରାର ସମବାୟ ସମିତି (ଡିଆରସିଏସ୍)ଙ୍କୁ ଚିଠି ଲେଖିଥିବା ଜଣାପଡ଼ିଛି। ସୌମ୍ୟରଞ୍ଜନ ଓଏସ୍‌ସିବି ନିକଟରେ ଅଭିଯୋଗ କରିଥିଲେ ଯେ, ବର୍ତ୍ତମାନ ବ୍ୟାଙ୍କରେ ସମ୍ପାଦକ ଥିବା ଅଧିକାରୀଙ୍କର ପ୍ରକୃତ ପଦବି ହେଲା ଶାଖା ପରିଚାଳକ। ମାତ୍ର ବେଆଇନ ଭାବେ ସେ ବ୍ୟାଙ୍କ୍‌ର ସମ୍ପାଦକ ପଦବିରେ ରହିଛନ୍ତି। ତାଙ୍କର ନିଯୁକ୍ତି ପାଇଁ ଆବଶ୍ୟକ ଥିବା ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମାକୁ ପାଳନ କରାଯାଇନାହିଁ। ଏହା ସହ ନିକଟରେ ବ୍ୟାଙ୍କ ସମ୍ପାଦକ ହଠାତ୍ ୧୫ ଜଣଙ୍କୁ ପଦୋନ୍ନତି ଦେଇଛନ୍ତି। କେଉଁ କାରଣ ପାଇଁ ହଠାତ୍ ଏହି ପଦୋନ୍ନତି ଦିଆଗଲା, ତାହା ଜଣାପଡୁନାହିଁ। ଏଥିରେ ଆବଶ୍ୟକ ହେଉଥିବା ନିୟମକୁ ପାଳନ କରାଯାଇନାହିଁ। କେବଳ ସେତିକି ନୁହେଁ, ବ୍ୟାଙ୍କରେ ୨୦ ଜଣ ପିଅନଙ୍କର ଆବଶ୍ୟକତା ଥିବା ଦର୍ଶାଇ ଏକ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ଏଥିପାଇଁ ବହୁ ସଂଖ୍ୟାରେ ଆବେଦନ କରାଯାଇଛି। ଏହାର ଯାଞ୍ଚ ପ୍ରକ୍ରିୟା କରାଯିବା ପାଇଁ ବିଗତ ୭ ତାରିଖକୁ ଧାର୍ଯ୍ୟ କରାଯିବାର ଥିଲା ବୋଲି ସୂଚନା ମିଳିଛି। କେଉଁ କାରଣରୁ ଏତେ ସଂଖ୍ୟକ ପିଅନଙ୍କର ଆବଶ୍ୟକତା ପଡ଼ିଲା, ଏହାକୁ ନେଇ ଜୋରଦାର ଚର୍ଚ୍ଚା ହେଉଛି। କେନ୍ଦ୍ର ସମବାୟ ବ୍ୟାଙ୍କର କୋଟି କୋଟି




ଟଙ୍କା ଋଣ ପଡ଼ିରହିଥିବା ବେଳେ ଏହାକୁ ଆଦାୟ କରାଯାଉନାହିଁ। ଏ ନେଇ ମଧ ବ୍ୟାଙ୍କ୍ କର୍ତ୍ତୃପକ୍ଷ କିଛି ବି ପଦକ୍ଷେପ ନେଉ ନାହାନ୍ତି। କେତେକ ବ୍ୟାଙ୍କ କର୍ମଚାରୀ ନିଜର ପରିବାର ସଦସ୍ୟ ଓ ରାଜନୈତିକ ଦଳର କର୍ମକର୍ତ୍ତାଙ୍କୁ ଋଣ ପ୍ରଦାନ କରିଛନ୍ତି। ଫଳରେ ବଡ଼ ଧରଣର କ୍ଷତି ହେଉଥିଲେ ମଧ ସେମାନଙ୍କ ଠାରୁ ଋଣ ଟଙ୍କା ଆଦାୟ କରିବା ପାଇଁ ବ୍ୟାଙ୍କ୍ ଜାଣିଶୁଣି ପଦକ୍ଷେପ ନେଉନାହିଁ। ଏଣୁ ଏହି ସମସ୍ତ ଘଟଣାର ତଦନ୍ତ କରାଯାଇ ଦୁର୍ନୀତିରେ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଥିଲେ। କିଛି ଦିନ ତଳେ ପାନ୍ କାର୍ଡକୁ ନେଇ ଏହି ସମବାୟ ବ୍ୟାଙ୍କ ବିବାଦକୁ ଆସିଥିଲା। ଏହି ବ୍ୟାଙ୍କର ତିନିଟା ପାନ୍ କାର୍ଡ ଥିଲା। ଯେତେବେଳେ ଏହି ବ୍ୟାଙ୍କର ସମ୍ପାଦକ ଭାବେ ଯିଏ ଦାୟିତ୍ୱ ନେଲେ ସମସ୍ତେ ଗୋଟିଏ ଲେଖାଏ ପାନ୍ କାର୍ଡ ଖୋଲିଥିଲେ। ଫଳରେ ଠିକ୍ ଭାବରେ ବ୍ୟାଙ୍କର ଆୟକର ଟିକସ ପଇଠ ହୋଇପାରିଲା ନାହିଁ। ତିନି ପାନ୍ କାର୍ଡରେ ଟିକସ ପଇଠ ବାବଦକୁ ଜାଲିଆତି ହୋଇଥିବା ଅଭିଯୋଗ କରି ଆୟକର ବିଭାଗ ପକ୍ଷରୁ ବ୍ୟାଙ୍କକୁ ୩୬୨ କୋଟିରୁ ଉର୍ଦ୍ଧ ଟଙ୍କା ଜରିମାନା ଦୁଇ ମାସ ମଧରେ ପଇଠ କରିବା ପାଇଁ ନିର୍ଦ୍ଦେଶ ହୋଇଥିଲା। ଏହା ସହ ଏହି ସମବାୟ ବ୍ୟାଙ୍କ୍ ଚଳାଇଥିବା ବିଭିନ୍ନ ବ୍ୟାଙ୍କର ସମସ୍ତ ୧୨ଟି ଆକାଉଣ୍ଟକୁ ଅଚଳ କରି ଦିଆଯାଇଥିଲା। ପରେ ବ୍ୟାଙ୍କ୍ କର୍ତ୍ତୃପକ୍ଷ ଦୁଇଟି ପାନ୍ କାର୍ଡକୁ ଅଚଳ କରି ଗୋଟିଏ ଦାଖଲ କରିବା ସହ ଚଳିତ ଆର୍ଥିକ ବର୍ଷର ଆୟକର ଟିକସ ବାବଦକୁ ୬ କୋଟି ୨୮ ଲକ୍ଷ ୫୫ ହଜାର ୮୭୪ ଟଙ୍କା ଜମା କରିଥିଲେ। ପରେ ବ୍ୟାଙ୍କର ସମସ୍ତ ଆକାଉଣ୍ଟକୁ ପୁଣି ଥରେ ସଚଳ କରାଯାଇଥିଲା।

## ମରଣଯନ୍ତା ପାଲଟିଛି ଧାତୁକ-ବଡବାବେଜୁରୀ ରାସ୍ତା
### ପକ୍କା ରାସ୍ତା କରିବାକୁ ଦାବି



**ପାଟଣାଗଡ଼, (ମହାଭାରତ) :** ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ଧାତୁକ ପଞ୍ଚାୟତରୁ ବଡବାବେଜୁରୀ ରାସ୍ତା ମରଣଯନ୍ତା ପାଲଟିଛି। ରାସ୍ତାଟି ସମ୍ପୂର୍ଣ୍ଣ ଖାଲ ଖମାରେ ଭର୍ତ୍ତି। ଏହି ରାସ୍ତା ରେ ପ୍ରତ୍ୟେକ ଦିନ ଶହ ଶହ ଲୋକେ ଏହି ରାସ୍ତା ଦେଇ ଯାତାୟତ କରିଥାନ୍ତି। ଅପରପକ୍ଷରେ ଧାତୁକ ପଞ୍ଚାୟତ କାର୍ଯ୍ୟାଳୟ କୁ ଓ ବଡ଼ ବାବେଜୁରୀ ଗାଁ ରେ ହାଇସ୍କୁଲ ଥିବା ରୁ ଖାଲଖମା ଯୋଗୁ ବର୍ଷା ଦିନେ ଛାତ ଛାତ୍ରୀ ଓ ସାଧାରଣ ଲୋକଙ୍କ ସମେତ ଉକ୍ତ ରାସ୍ତା ଦେଇ ଯାଉଥିବା ବେଳେ ବହୁ ଅସୁବିଧା ସମୁଖୀନ ହେଉଛନ୍ତି। ସ୍ଥାନୀୟ ସରପଞ୍ଚ ତଥା ଜନପ୍ରତିନିଧିଙ୍କ ଇଚ୍ଛା ଶକ୍ତି ର ଅଭାବ ଯୋଗୁଁ ରାସ୍ତା ର ସମସ୍ୟା ଆହୁରି ଦ୍ୱିଗୁଣିତ ହୋଇଯାଉଛି ଯାଫଳରେ ଅଞ୍ଚଳବାସୀ ସମସ୍ୟା ଭୋଗୁଛନ୍ତି। ଏହି ରାସ୍ତା ମରାମତିର ନହେବାରୁ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଏହି ରାସ୍ତା ଉପରେ ନିମ୍ନମାନର ମାଟି କାମ ଯୋଗୁ ଏଭଳି ଅବ୍ୟବସ୍ଥା ଭୋଗୁଥିବା ଅଞ୍ଚଳବାସୀ ଦାବି କରିଛନ୍ତି। ଏହି ରାସ୍ତା କୁ ସବୁଦିନିଆ ଏକ ପକ୍କା ରାସ୍ତା କରିବାକୁ ଦାବୀ ହେଉଛି।

## ରାଜ୍ୟ ଭିନ୍ନକ୍ଷମ ଅଯୁକ୍ତ ଓଡ଼ିଶାଙ୍କ ଅଦାଲତ ଶିବିର

**ଗଜପତି,(ମହାଭାରତ) :** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ଓଡ଼ିଶା ଓ ଜିଲ୍ଲାପ୍ରଶାସନ ମିଳିତ ଆନୁକୂଲ୍ୟରେ ଭିନ୍ନକ୍ଷମ ଅଦାଲତ ଶିବିର ଅନୁଷ୍ଠିତ ହୋଇଯାଇଅଛି। ଏହି ଶିବିରରେ ଶ୍ରୀମତୀ ବ୍ରତତୀ ହରୀଚନ୍ଦନ, ଅଧକ୍ଷ, ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସାହୁ, ଓଏସଡି. ଭିନ୍ନକ୍ଷମ ବିଭାଗ,ଭୁବନେଶ୍ୱର, ଶ୍ରୀ ସନ୍ତୋଷ କୁମାର ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗଜପତି,ଶ୍ରୀ ସୁରେନ୍ଦ୍ର ବରାଳ, କାଉନସିଲର, ରାଜ୍ୟ ଭିନ୍ନକ୍ଷମ ବିଭାଗ ଓଡ଼ିଶା, ପ୍ରମୁଖ ଉପସ୍ଥିତ ରହି ସମସ୍ତ କେଶକୁ ଶୁଣାଣି କରିଥିଲେ।

ଆଜି ଗଜପତି ଜିଲ୍ଲାରେ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତଙ୍କ ଅଦାଲତ ଶିବିରରେ ୨୧ ଗୋଟି ଅଭିଯୋଗ କେଶ ଶୁଣାଣି ମଧ୍ୟରୁ ୧୭ ଅଭିଯୋଗକାରୀ ଉପସ୍ଥିତ ଥିଲେ। ସେଥି ମଧ୍ୟରୁ ୪ ଗୋଟି ଅଭିଯୋଗକୁ ତୁରନ୍ତ ଫୈସଲା କରାଯାଇ ସମାଧାନ କରାଯାଇଛି ଓ ୫ ଗୋଟି ନୂତନ ଅଭିଯୋଗ ଗ୍ରହଣ କରାଯାଇଛି, ସେଥିମଧ୍ୟରୁ ଦୁଇଜଣଙ୍କୁ ହୁଇଲ୍ ଚେୟାର ଓ ୩ ଜଣଙ୍କୁ ଟ୍ରାଏ ସାଇକେଲ ପ୍ରଧାନ କରାଯାଇଛି।



ରାଜ୍ୟ ସରକାର ସମାଜରେ ଭିନ୍ନକ୍ଷମ ଜନ ସାଧାରଣଙ୍କୁ ଅଧିକାରକୁ ଅଧିକ ଗୁରୁତ୍ୱ ଦେଉଛନ୍ତି, ସେମାନଙ୍କୁ ଯଥା ସମ୍ଭବ ସବୁ କାର୍ଯ୍ୟରେ ଯୋଗଦାନ କରିବାର ଅଧିକାର ଦେବା ଆମ ସମାଜର ପ୍ରଥମ କର୍ତ୍ତବ୍ୟ। ଭିନ୍ନକ୍ଷମ ମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଓ ନ୍ୟାୟ ଯୋଗାଇଦେବା ନିମନ୍ତେ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ଗଠନ କରାଯାଇଛି। ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଭିନ୍ନକ୍ଷମ ଭାଇ ଭଉଣୀ ମାନଙ୍କୁ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନାକୁ ତ୍ୱରିତ୍ ଯୋଗେଇ ଦେବା ନିମନ୍ତେ ତତ୍ପରତା ସହ କାର୍ଯ୍ୟ କରି ଆସୁଛି। ବିଶେଷକରି ଭିନ୍ନକ୍ଷମ ଅଧିକାରକୁ ସୁରକ୍ଷିତ ରଖିବାପାଇଁ ସେମାନଙ୍କ ସାମାଜିକ, ଅର୍ଥନୈତିକ, ଶିକ୍ଷା, ସ୍ୱାସ୍ଥ୍ୟ କିଭଳି ସୁଦୃଢ ରହିବ ସେଥିପାଇଁ ରାଜ୍ୟ ସରକାର ଭିନ୍ନକ୍ଷମ ଅଧିକ ଗୁରୁତ୍ୱ ଦେଉଛନ୍ତି ବୋଲି ରାଜ୍ୟ ଭିନ୍ନକ୍ଷମ ଆୟୋଗର ଅଧକ୍ଷା କହିଥିଲେ।

ଆଜିର ଭିନ୍ନକ୍ଷମ ଅଭିଯୋଗ ଶୁଣାଣି ଶିବିରରେ ଶ୍ରୀ ଲୋକନାଥ ଶବର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ନୂଆଗଡ,ଶ୍ରୀ ଡ଼ମ୍ବୁରୁଧର ମଲ୍ଲିକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, କାଶୀନଗର, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ଉତ୍ସର୍ଗିତା ବଡରଇତ, ଶ୍ରୀ ତୁଷାର ହେମ୍ବ୍ରମ,ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଗଜପତି ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ ବିଭାଗୀୟ ସମସ୍ତ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ତିନି ଦଫା ଦାବି ନେଇ ବିଜ୍ଞାପିତ ଅଞ୍ଚଳ ପରିଷଦରେ ବିକ୍ଷୋଭ ପ୍ରଦର୍ଶନ

**ଆସିକା,(ମହାଭାରତ) :** ନିଖିଳ ଓଡିଶା ପୌର ୱାର୍ଡ କୋଡ଼ିନେଟର ୟୁନିୟନ ଆସିକା ଶାଖା ପକ୍ଷରୁ ତିନି ଦଫା ଦାବୀ ସମ୍ବଳିତ ଏକ ଦାବି ପତ୍ର ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ଆସିକା ବିଜ୍ଞାପିତ ଅଞ୍ଚଳପରିଷଦରେ ନିଯୁକ୍ତି ହୋଇଥିବା ୱାର୍ଡ଼ କୋଡ଼ିନେଟର ମାନେ ସେମାନଙ୍କ ବିଭିନ୍ନ ସମସ୍ୟା ନେଇ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ସମ୍ମୁଖରେ ବିକ୍ଷୋଭ କରିଥିଲେ। ଯଦି ସେମାନଙ୍କ ଦାବୀ ସରକାର ପୁରଣ ନକରନ୍ତି ତେବେ ଆସନ୍ତା ୨୯ ତାରିଖ ଦିନ ସାରା ଓଡ଼ିଶାର ଏହି ୱାର୍ଡ କୋଡିନେଟର ମାନେ ବିଧାନସଭା ଚାଲ ଡାକରା ଦେଇଛନ୍ତି। ସେମାନଙ୍କ ପ୍ରମୁଖ ଦାବୀ ଗୁଡିକ ମଧ୍ୟରେ ସମସ୍ତ ୱାର୍ଡ କୋଡିନେଟର ମାନଙ୍କୁ ତୁରନ୍ତ ବିଧିବଦ୍ଧ ଭାବେ ସେମାନଙ୍କ ନିର୍ଦ୍ଧାରିତ




କାର୍ଯ୍ୟରେ ନିୟୋଜିତ କରିବା କ୍ଷ ସେମାନଙ୍କ ଦରମା ସମ୍ପର୍କିତ ସମସ୍ତ ଅସ୍ପଷ୍ଟତା କୁ ଦୂର କରିବା। ନିଯୁକ୍ତି ପରଠାରୁ ଆଜିପର୍ଯ୍ୟନ୍ତ ବକେୟା ଦରମା ୟୁ ଏଲ ବି ମାନଙ୍କ ଠାରୁ ସଂଗ୍ରହ କରି ପ୍ରଦାନ କରିବା ଆଦି ଦାବୀ ନେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରକାଶ ଥାଉକି ଗତ ବିଜେଡି ସରକାର ନିର୍ବାଚନକୁ ଆଖି ଆଗରେ ରଖି ୱାର୍ଡ ର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଜଣେ ମହିଳା ଙ୍କୁ ୱାର୍ଡ କୋଡିନେଟର ପଦ ରେ ନିଯୁକ୍ତି ଦେଇ ପୌରଞ୍ଚଳର ଅଧିକାଂଶ କାମ କରିବାକୁ ସ୍ଥିର କରିଥିଲା। ନିଯୁକ୍ତି ପାଇଥିବା ଏସ ଏଚ ଜି କୁ ମଧ କିଛି ଆର୍ଥିକ ଅନୁଦାନ ଦେବା ବ୍ୟବସ୍ଥା କରିଥିଲା। ହେଲେ କୌଣସି ଅଫିସକୁ ଏହାର ସମ୍ପୂର୍ଣ ନିର୍ଦ୍ଦେଶନାମା ଆସିନଥିବାରୁ ବର୍ଷେ ହେଲା ୱାର୍ଡ କୋଡିନେଟର ମାନେ ନା କୌଣସି କାମ କରି ପାରୁଛନ୍ତି ନା ସେମାନଙ୍କୁ ପାରିଶ୍ରମିକ ରାଶି ମିଳୁଛି। ବର୍ତ୍ତମାନ ସେମାନଙ୍କ ଭବିଷ୍ୟତ ଅନ୍ଧାରରେ।

## ଘରହୀନ ଲୋକଙ୍କୁ ଘରଡିହ ପ୍ରଦାନ ନେଇ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ଗଜପତି,(ମହାଭାରତ) :** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭାରତୀୟ କ୍ଷେତ ମଜଦୂର ୟୁନିୟନ ପକ୍ଷରୁ ଘରହୀନ ଲୋକଙ୍କୁ ଘରଡିହ ପ୍ରଦାନ ଦାବୀରେ ଗଣ ବିକ୍ଷୋଭ ହୋଇ ଥିବାର ଦେଖିବାକୁ ମିଳିଛି।ଭାରତୀୟ କ୍ଷେତ ମଜଦୂର ୟୁନିୟନର ରାଜ୍ୟ ସଭାପତି ଜନା ସୁବାଷ ଚନ୍ଦ୍ର ରାଉତଙ୍କ ନେତୃତ୍ୱରେ ଏହି ଗଣ ବିକ୍ଷୋଭ ହୋଇ ଥିବାର ଦେଖିବାକୁ ମିଳିଛି। ଘର ଡିହ ପ୍ରଦାନରେ ବିଫଳତା ଓ ବିଳମ୍ବ ଯୋଗୁଁ ଗଜପତି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇ ଥିବାର ଜଣାପଡିଛି। ବର୍ତ୍ତମାନ ରାଜ୍ୟସରକାର ଜବରଦଖଲ ଉଚ୍ଛେଦ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏଭଳି ପଦକ୍ଷେପକୁ ଆମେ ସ୍ୱାଗତ କରୁଛୁ। ଜବରଦଖଲ ଉଚ୍ଛେଦ ପରେ ହିତାଧିକାରୀମାନଙ୍କ ତଦନ୍ତ କରି ଯେଉଁମାନେ ଘର ଡିହ ପାଇବାର ହକଦାର ତାଙ୍କୁ ପ୍ରଦାନ କରାଯାଉ।ଘରଡିହ,ଲିଜ୍ ଦରଖାସ୍ତଗୁଡିକ ଦାଖଲ କରିଥିବା ହଜାର ହଜାର ଘରହୀନ, ଟିଣ, ଘରମାନଙ୍କରେ ବସବାସ କରୁଥୁବା, ଜିଲ୍ଲାରେ ଘଟିଥିବା ଅନେକ ବର୍ଷା ତୋଫାନ ମାନଙ୍କରେ ଘରଦ୍ୱାର ହରାଇ ନାନା ଅସୁବିଧାରେ ସମ୍ମୁଖୀନ ହୋଇଆସୁଥିବା ଆଦିବାସୀ, ହରିଜନ ଓ ଅନ୍ୟାନ୍ୟ ସଂପ୍ରଦାୟ, ଜାତିର ଜନସାଧାରଣ,ପ୍ରାୟ ୧ ବର୍ଷରୁ ଉର୍ଦ୍ଧହେଲା ସମସ୍ତ ଦାବୀପତ୍ର, ବରଖାସ୍ତମାନ ଜିଲ୍ଲାପାଳ, ଏ.ଡି.ଏମ ସବ୍-କଲେକ୍ଟରଙ୍କ ଜରିଆରେ ପ୍ରେରଣ କରାଯାଇଥିଲେ ସୁଦ୍ଧା ତଳ ସ୍ତରରେ ତହସିଲଦାର, ରାଜସ୍ୱ ବିଭାଗର ସୁପରଭାଇଜର, ଆ଼.ଆଇ, ଆମିନ ମାନେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ଯୋଗୁଁ ଆଜି ଦାବିପତ୍ର ପ୍ରଦାନ କରିଛନ୍ତି।

## ସାଧୁଗୌରେଶ୍ୱର ମହାବିଦ୍ୟାଳୟରେ ୫ଟି ବିଭାଗରେ ନୂତନ ବିଷୟ ଖୋଲିଲା




**ଦଶରଥପୁର,(ମହାଭାରତ) :** ଦଶରଥପୁର ବ୍ଲକ କନିକାପଡା ପଞ୍ଚାୟତସ୍ଥ ସାଧୁଗୌରେଶ୍ୱର ମହାବିଦ୍ୟାଳୟଟି ଯାଜପୁର ଜିଲ୍ଲାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ଶିକ୍ଷା କ୍ଷେତ୍ରରେ ବେଶ ସୁନାମ ଅର୍ଜନ କରିପାରିଛି। ଏହି ମହାବିଦ୍ୟାଳୟରେ ଯାଜପୁର ଜିଲ୍ଲା ସମେତ କେନ୍ଦ୍ରାପଡ଼ା ଓ ପଡ଼ୋଶୀ ଭଦ୍ରକ ଜିଲ୍ଲାର ଅଧିକାଂଶ ଛାତ୍ର ଛାତ୍ରୀ ଅଧ୍ୟୟନ କରିଥାନ୍ତି। ଉକ୍ତ ମହାବିଦ୍ୟାଳୟରେ +୩ ଛାତ୍ର ଛାତ୍ରୀ ମାନଙ୍କ ରହିବା ପାଇଁ ଉଭୟ ଛାତ୍ର ଓ ଛାତ୍ରୀ ମାନଙ୍କ ପାଇଁ ହଷ୍ଟେଲର ସୁବିଧା ମଧ ରହିଛି। ମହାବିଦ୍ୟାଳୟରେ +୨ ଓ +୩ ଦୁଇଟି ଶ୍ରେଣୀରେ କଳା, ବିଜ୍ଞାନ ଓ ବାଣିଜ୍ୟରେ ପ୍ରାୟ ୨ ହଜାରେରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଅଧ୍ୟୟନ କରିଥାନ୍ତି। ବିଗତ ଦିନ ମାନଙ୍କରେ ଏହି ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ବେଶ ଭଲ ରେଜେଲ୍ଟ କରି ଜିଲ୍ଲା ତଥା ରାଜ୍ୟରେ ସୁନାମ ଅର୍ଜନ କରିଥିବାର ନଜିର ମଧ ରହିଛି। ସେଥିପାଇଁ ଏହି ମହାବିଦ୍ୟାଳୟରେ ଅଧ୍ୟୟନ କରିବା ପାଇଁ ତିନୋଟି ଜିଲ୍ଲାର ଛାତ୍ର ଛାତ୍ରୀ ମାନେ ବେଶ ଆଗ୍ରହ ପ୍ରକାଶ କରିଥାନ୍ତି। ଚଳିତ ବର୍ଷ ପାଇଁ ବର୍ତମାନ +୨ ରେ ନାମ ଲେଖା ଆରମ୍ଭ ହୋଇଥିବା ବେଳେ +୩ ରେ ଆଜି ପର୍ଯ୍ୟନ୍ତ କଳାରେ ୧୪୩ ଜଣ, ବିଜ୍ଞାନରେ ୧୧୮ ଜଣ ଓ ବାଣିଜ୍ୟରେ ୬୩ ଜଣ ମୋଟ ୩୨୪ ଜଣ ଛାତ୍ର ଛାତ୍ରୀ ନାମ ଲେଖାଇଥିବା ନେଇ ମହାବିଦ୍ୟାଳୟର ଅଧକ୍ଷ ନିକୁଞ୍ଜ ବିହାରୀ ମହାପାତ୍ର ସୂଚନା ଦେଇଛନ୍ତି। ସେହିପରି ଛାତ୍ର ଛାତ୍ରୀ ମାନଙ୍କର ଉତ୍ତମ କ୍ୟାରିଅର ଓ ମହାବିଦ୍ୟାଳୟରେ ଶିକ୍ଷାର ମାନ ବୃଦ୍ଧି କରିବା ଉଦେଶ୍ୟରେ ଚଳିତ ବର୍ଷ +୨ ବର୍ଷର ଛାତ୍ର ଛାତ୍ରୀ ମାନଙ୍କ ପାଇଁ ୫ଟି ବିଭାଗରେ ନୂତନ ବିଷୟ ଖୋଲା ଯାଇଥିବା ନେଇ ଅଧକ୍ଷ ନିକୁଞ୍ଜ ବିହାରୀ ମହାପାତ୍ର ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ +୨ ଛାତ୍ର ଛାତ୍ରୀ ମାନେ ଚଳିତ ବର୍ଷ ନୂଆ କରି ସୋସିଓଲୋଜି, ସାଇକୋଲୋଜି, ଏଜୁକେସନ, ଜିଓଲୋଜି ଓ ଆଂଥ୍ରୋପୋଲୋଜି ୫ ଟି ବିଭାଗରେ ନୂତନ କରି ଶିକ୍ଷା ଲାଭ କରିବାରେ ସୁଯୋଗ ପାଇପାରିବେ। ମହାବିଦ୍ୟାଳୟର ଅଧକ୍ଷ ନିକୁଞ୍ଜ ବିହାରୀ ମହାପାତ୍ରଙ୍କ ପ୍ରଚେଷ୍ଟାରେ ନୂତନ ଭାବେ ପାଞ୍ଚୋଟି ବିଭାଗରେ ନୂତନ ବିଷୟ ଖୋଲିବା ପରେ ମହାବିଦ୍ୟାଳୟରେ ଛାତ୍ର ଛାତ୍ରୀ, ଅଧାପକ, ଅଧାପିକା ଓ କର୍ମଚାରୀ ମାନଙ୍କ ମଧରେ ଆନନ୍ଦର ଲହରି ଖେଳି ଯାଇଛି। ଏଥିପାଇଁ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ମହାବିଦ୍ୟାଳୟର ଅଧକ୍ଷ ନିକୁଞ୍ଜ ବିହାରୀ ମହାପାତ୍ରଙ୍କୁ ଭେଟି ଅଭିନନ୍ଦନ ଜଣେଇବା ସହ କୃତଜ୍ଞତା ଜଣେଇଛନ୍ତି।

## ଶ୍ରାବଣ ମାସର ପ୍ରଥମ ସୋମବାରେ କାଉଡ଼ିଆ ସମାଗମ

**ପାରଳାଖେମୁଣ୍ଡି,(ମହାଭାରତ) :** ବିଭିନ୍ନ ଶୈବପୀଠରେ କାଉଡ଼ିଆ ଓ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା।ଭୋରରୁ କାଉଡ଼ିଆମାନେ ପବିତ୍ର ମହେନ୍ଦ୍ରତନୟା ନଦୀରୁ ପୂଜାର୍ଚ୍ଚନା କରି କାନ୍ଧରେ ଜଳ ଆଣି ପ୍ରଭୁ ମହାଦେବଙ୍କୁ ଅଭିଷେକ କରିଥିଲେ। କାଉଡିରେ ପାଣି ଆଣି ଶିବଙ୍କୁ ଅଭିଷେକ କଲେ ନିଜର ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ଲୋକଙ୍କ ମନରେ ବିଶ୍ୱାସ ରହିଛି। ଭକ୍ତମାନେ ନଡ଼ିଆ କଦଳୀ,ଧୂପ ଦୀପ ବେଲପତ୍ର କ୍ଷୀର ଦହି ମହୁ ସାଙ୍ଗରେ ଆଣି ଠାକୁରଙ୍କ ଅଭିଷେକ କରି ପୂଜାର୍ଚ୍ଚନା କରିଥିଲେ। ଶ୍ରାବଣ ମାସରେ ଠାକୁରଙ୍କୁ ଅଭିଷେକ କଲେ ନିଜର ମନସ୍କାମନା ପୂର୍ଣ୍ଣ ହେବା ସହ ମନରେ ଶାନ୍ତି ଆସେ ବୋଲି ବିଶ୍ୱାସ ରହିଛି। ମନ୍ଦିର ପରିସରରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି।

## ଅଣ୍ଡର ୧୭ ଅଲଓଡ଼ିଶା ବ୍ୟାଡମିଣ୍ଟନ ଚାମ୍ପିଅନ୍‌ସିପରେ ମନିଷ କୁମାର ପାଲ ତୃତୀୟ ସ୍ଥାନ ଅଧିକାର

**ମୟୁରଭଞ୍ଜ,(ମହାଭାରତ) :** କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଇଣ୍ଟରଇଷ୍ଟେଟ ଅଣ୍ଡର ୧୭ ଅଲଓଡ଼ିଶା ବ୍ୟାଡମିଣ୍ଟନ ଚମ୍ପିୟାନସିପ ରେ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ମହୁଲଡିହା ର ମନିଷ କୁମାର ପାଲ ତୃତୀୟ ସ୍ଥାନ ଅଧିକାର କରି ଜାତୀୟସ୍ତରୀୟ ବ୍ୟାଡମିଣ୍ଟନ ଚାମ୍ପିଅନସିପ ରେ ଭାଗ ନେବା ପାଇଁ ମନନିତ ହୋଇଛନ୍ତି। ମୟୁରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ର କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ମହୁଲଡିହା ର ମନିଷ କୁମାର ପାଲ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଚମ୍ପିୟାନସିପ ରେ ଅଣ୍ଡର ୧୭ରେ ଅଲ ଓଡିଶା ରେ ତୃତୀୟ ସ୍ଥାନ ଅଧିକାର କରି ମୟୁରଭଞ୍ଜ ଜିଲ୍ଲା ତଥା ନିଜ ସ୍କୁଲ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ମହୁଲଡିହା ରାଇରଙ୍ଗପୁର ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ତାଙ୍କର ଏହି ସଫଳତା ପଛରେ ତାଙ୍କ ମାଆ ଙ୍କ ସହିତ ତାଙ୍କର ଦୁଇ କାକା ସିଦ୍ଧାର୍ଥ ପାଲ ଏବଂ ବିନାୟକପାଲଙ୍କର ହାତ ରହିଛି ବୋଲି ସେ ଆମ ଗଣମାଧମ ପ୍ରତିନିଧି ଙ୍କ ସମ୍ମୁଖରେ ପ୍ରକାଶ କରିଛନ୍ତି। ସେ ଆହୁରି ମଧ କହିଛନ୍ତି ଯେ ସେ ପ୍ରତ୍ୟେକ ଦିନ ତିନି ରୁ ଚାରି ଘଣ୍ଟା ଅଭ୍ୟାସ କରିଥାନ୍ତି ବୋଲି। ସେ ଆହୁରି କହିଛନ୍ତି ଯେ ଖେଳିବା ସହିତ ପାଠ ମଧ ପଢିବା ନିହାତି ଜରୁରୀ ବୋଲି। ସେ ଏବେ ଦଶମ ରେ ପାଠ ପଢୁ ଛନ୍ତି। ସେ ତାଙ୍କର ଦୁଇ କାକା ଙ୍କର ପାଖରୁ ବ୍ୟାଡମିଣ୍ଟନ ଖେଳିବାର ପ୍ରେରଣା ପାଇଥିଲେ। ସେ ଜଣେ ସାଧାରଣ ପରିବାର ର ପିଲା ଓଟନ୍ତି। ସେ ଜାତୀୟ ବ୍ୟାଡମିଣ୍ଟନ ଚମ୍ପିୟାନସିପ ରେ ଭାଗ ନେବା ପାଇଁ ମନନିତ ହୋଇଥିବାରୁ ବିଭିନ୍ନ ମହଲ ରୁ ତାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଆଶୀର୍ବାଦ ଜଣାଉଛନ୍ତି। ତାଙ୍କର ଏହି ସଫଳତା ପାଇଁ ପରିବାର ସଦସ୍ୟ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ମହୁଲଡିହା ରାଇରଙ୍ଗପୁର ର ସମସ୍ତ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ମାନକୁ ଶ୍ରେୟ ଦେଇଛନ୍ତି। ବିନା କଚିଙ୍ଗ ରେ ସଫଳତା ହାସଲ କରିବା ଆଜିର ଦୁନିଆରେ ବହୁତ କଷ୍ଟ କିନ୍ତୁ ମନିଷ ନିଜ କଷ୍ଟ ଓ ପରିଶ୍ରମ ବଳରେ ଆଜି ସେ ରାଜ୍ୟସ୍ତରୀୟ ରୁ ଜାତୀୟସ୍ତରୀୟ କୁ ଯାଇପାରିଛନ୍ତି। ଏହି ଇଣ୍ଟରଇଷ୍ଟେଟ ବ୍ୟାଡମିଣ୍ଟନ ଚମ୍ପିୟାନସିପ ଏନଟିପିସି କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ରେ ୧୯ତାରିଖ ଠାରୁ ଆରମ୍ଭ ହୋଇ ୨୧ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ଖେଳ ଚାଲି ଥିଲା। ଅଣ୍ଡର ୧୭ରେ ୧୯୧ଜଣ ପ୍ରତିଯୋଗୀ ଙ୍କ ମଧ୍ୟରୁ କେବଳ ଚାରି ଜଣ ଜାତୀୟସ୍ତରୀୟ ବ୍ୟାଡମିଣ୍ଟନ ଚମ୍ପିୟାନସିପ ପାଇଁ ମନନିତ ହୋଇଛନ୍ତି। ସେଥି ମଧ୍ୟରୁ ମନିଷ କୁମାର ପାଲ



ତୃତୀୟ ସ୍ଥାନ ଅଧିକାର କରି ମୟୁରଭଞ୍ଜ ଜିଲ୍ଲା ତଥା ନିଜ ସ୍କୁଲ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ମହୁଲଡିହା, ରାଇରଙ୍ଗପୁର ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ମନିଷ କୁମାର ପାଲ ରାଇରଙ୍ଗପୁର ପୌରପରିଷଦ ୱାର୍ଡ ନମ୍ବର ଏକ ମହୁଲଡିହା ବାସିନ୍ଦା ସତ୍ୟନାରୟଣପାଲ ଙ୍କର ପୁଅ ମନିଷ କୁମାର ପାଲ। ମନିଷ କୁମାର ପାଲ ଙ୍କର ମାଆ ମିନାକ୍ଷୀ ରାଣୀ ପାଲ ଜଣେ ଗୃହଣୀ ଓ ପିତା ସତ୍ୟନାରାୟଣ ପାଲ ଜଣେ ଜିଲ୍ଲା ସାମ୍ବାଦିକ ଅଟନ୍ତି।

## ସ୍ୱର୍ଗତ ବୀରେନ୍ଦ୍ର କୁମାର ଦାସଙ୍କ ଏକଦଶାହ ଦିବସ



**ଗଜପତି,(ମହାଭାରତ) :** ଜିଲ୍ଲାର ପୂର୍ବତନ ଅତିରିକ୍ତ ଜିଲ୍ଲାପାଳ ସ୍ୱର୍ଗତ ବୀରେନ୍ଦ୍ର କୁମାର ଦାସଙ୍କ ଏକଦଶାହ ଦିବସ ଉପଲକ୍ଷେ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଆଜି ସନ୍ଧ୍ୟାରେ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର ଠାରେ ଜିଲ୍ଲାପାଳ ଶ୍ରୀଯୁକ୍ତ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ ହୋଇଯାଇଛି। ଏହି ଭଜନ ସମାରୋହରେ ଆରକ୍ଷୀ ଅଧିକ୍ଷକ ସୁଶ୍ରୀ ସ୍ୱାତୀ ଏସ କୁମାର,ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ରାଜେନ୍ଦ୍ର ମିଞ୍ଜ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଗଜପତି ଡ଼.ଗୁଣନିଧି ନାୟକ, ଉପଜିଲ୍ଲାପାଳ ଶ୍ରୀ ଅନୁପ ପଣ୍ଡା,ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ପୃଥ୍ୱୀରାଜ ମଣ୍ଡଳ ସମେତ ଜିଲ୍ଲାର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ରହି ସ୍ୱର୍ଗତ ଦାସଙ୍କ ଅମର ଆତ୍ମାର ସଦଗତି କାମନା କରି ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ। ସେ ଜଣେ ଦାୟିତ୍ୱ ସମ୍ପନ୍ନ,ନିଷ୍ଠାପର ଏବଂ ଦକ୍ଷ ବରିଷ୍ଠ ପ୍ରଶାସକ ଭାବେ ସ୍ୱର୍ଗତ ଦାସ ପରିଚିତ ଥିଲା। ସର୍ବଦା ଜନସାଧାରଣଙ୍କ ନିମନ୍ତେ ନିଜର ଉତ୍ସର୍ଗ କୃତ ସେବା ପାଇଁ ସେ ଜନତା ପ୍ରିୟ ଭାଜନ ହୋଇପାରିଥିଲେ। ଏହି ଅବସରରେ ସ୍ୱର୍ଗତ ଦାସଙ୍କ ଲିଖିତ ଅଣୁ ଗଳ୍ପ ' ଅମାଣେ ଛଅ ଗୁଣ୍ଟର ଦୁଃଖ 'ଅ ପୁସ୍ତକର ଉନ୍ମୋଚନ କରାଯାଇଥିଲା। ଏହି ପୁସ୍ତକ ମାଧ୍ୟମରେ ତାଙ୍କ ସ୍ୱର୍ଗତ ଦାସଙ୍କ ସଦା ସର୍ବଦା ଅମର ହୋଇ ରହିଥିବେ। ଏହି ପୁସ୍ତକ ତାଙ୍କ ଜୀବନ ରେ ଶିକ୍ଷା ପ୍ରତୀ ସମର୍ପଣ ଭାବର ପରିଚୟ ଦିଏ। ତାଙ୍କ ପରିବାର କୁ ଶ୍ରୀ ଜଗନ୍ନାଥ ସଦା ସର୍ବଦା ଏହି ଦୁଃଖ କୁ ସହ୍ୟ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ବୋଲି ଅଧିକାରୀ ଏବଂ କର୍ମଚାରୀ ମାନେ ଗୁହାରି କରିଥିଲେ ଏଂ ସମସ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ପରେ ଭକ୍ତି ସଙ୍ଗୀତ ସଂସଦ ଅନୁଷ୍ଠାନ କଳାକାର ଓ ଉତ୍କଳ ବାଲା ଆଶ୍ରମର ଛାତ୍ରୀମାନଙ୍କ ଦ୍ୱାରା ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା।

# ନିମ୍ନମାନ ର କାମ ଯୋଗୁ ରାସ୍ତା ରୁ ଉଠୁଛି ପିଚୁ



ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ମୁଖ୍ୟାଳୟ ରେ ରାସ୍ତା ଠିକାସଂସ୍ଥା ର ମନ ମୁଖୀ କାମ ସହ ପୂର୍ତ୍ତ ବିଭାଗ ନିରବ ରହିଛି । ସୂଚନା ରୁ ପ୍ରକାଶ ପାଟଣାସ୍ଥିତି ମଙ୍ଗଳପୁର ପୋଲ ନିକଟ ରୁ ପିଚୁ କାମ କପୁଣ୍ଡି ଛକ ପର୍ଯ୍ୟନ୍ତ ୨୨ଶହ ମିଟର ରାସ୍ତା କାମ କୁ ଏକ ଏସ୍.ଡି.ସି ଠିକା ସଂସ୍ଥା କରୁ ଥିବା ବେଳେ ଦୁଇଦିନ ହେବ ପିଚୁ କାମ ଚାଲି ଛି । କିନ୍ତୁ ଏ ରାସ୍ତା ରେ ଯେଉଁ ପିଚୁ କାମ ହେଉ ଛି ସେଠାରେ ଘଟଗାଁ ପୂର୍ତ୍ତ ବିଭାଗ ର କୌଣସି କନିଷ୍ଠ ଯନ୍ତ୍ରୀ ଙ୍କ ଦେଖା ନ ଥିବା ସହ ପିଚୁ କାମ ସନ୍ଧ୍ୟା ସମୟରେ ଚାଲୁ ରହି ଛି । ଏତେ ନିମ୍ନମାନ କାମ ଯେ ରାସ୍ତା ରୁ ପିଚୁ ଉଠି ଯାତାୟାତ କରୁଥିବା ଗାଡି ଗୁଡିକ ରେ ପିଚୁ ଲାଗି ରହୁଥିବା ଦେଖିବାକୁ ମିଳିଛି । ଯେଉଁ ଠି ଜନସାଧାରଣ ଲୋକେ ଯାତାୟାତ କରୁଥିବା ଲୋକ ସହ ସ୍ଥାନୀୟ ଲୋକେ ଠିକାସଂସ୍ଥା କୁ ଅଭିଯୋଗ ପରେ ବି ଠିକାସଂସ୍ଥା କର୍ଣ୍ଣପାତ ନ ପିଚୁ କାମ କରୁଥିବା ସ୍ଥାନୀୟ ଅଭିଯୋଗ କରିଛନ୍ତି । ଯଦି ନିମ୍ନମାନ ପିଚୁ କାମ କୁ ପୁର୍ତ୍ତ ବିଭାଗ ର କନିଷ୍ଠ ଯନ୍ତ୍ରୀ ଙ୍କ ଉପସ୍ଥିତ ରେ ଠିକା ସଂସ୍ଥା ସଠିକ ଭାଗ ମାପ ସହିତ ପିଚୁ କାମ ନ କରାଯାଏ ସ୍ଥାନୀୟ ଲୋକେ ରାସ୍ତା କାମ କୁ ବନ୍ଦ କରିବା ଚେତାବନୀ ଦେଇଛନ୍ତି ।

# ଶ୍ରାବଣ ମାସର ପ୍ରଥମ ସୋମବାର ଆରମ୍ଭ ରୁ ଲଡୁ ବାବାଙ୍କ ପୀଠରେ କାଉଡ଼ିଆଙ୍କ ଭିଡ଼

ନୟାଗଡ଼, ( ମହାଭାରତ ) : ପୂର୍ଣ୍ଣ୍ୟ ଅର୍ଜନ ମନୋସ୍କାମନା ପୁରଣ ସହ ପରିବାର ଏବଂ ଦେଶ, ରାଜ୍ୟ ର ମଙ୍ଗଳ କାମନା ପାଇଁ ବୋଲ୍ ବମ୍ ହର ହର ବମ୍, ଲଡୁ ବାବା ପାର୍ କରେଗା, ଲଡୁକେଶ ମହେଶ ଦେବାୟ ଓଁ ନମଃ ଶିବାୟ ନାରାରେ କମ୍ପୁଛି ଶୈବାଳୟ । ଆଜି ଶ୍ରାବଣ ମାସର ପ୍ରଥମ ସୋମବାର ଆରମ୍ଭ ହୋଇଛି କାଉଡ଼ିଆଙ୍କ ପାଣି ଭାର ଯାତ୍ରା । ବିଶ୍ୱାସ ରହିଛି ଶ୍ରାବଣ ମାସର ସୋମବାର ଦିନ ମହାଦେବଙ୍କ ପାଖରେ ନଦୀରୁ ଜଳ ଆଣି ଲାଗି କଲେ ପୂଣ୍ୟ ମିଳିଥାଏ । ସେଥିପାଇଁ କାଉଡ଼ିଆ ମାନେ ପୁର୍ଣ୍ୟ ଅର୍ଜନ



ଲକ୍ଷରେ ଏକ ମାସ ଧରି ପାଣି ଭାର ନେଇ ବିଭିନ୍ନ ଶିବ ମନ୍ଦିରକୁ ଯାତ୍ରା କରିଥାନ୍ତି । ବିଶେଷ କରି ରାଜ୍ୟର ପ୍ରସିଦ୍ଧ ଶୈବ୍ୟ ପୀଠ ଗୁଡ଼ିକରେ କାଉଡ଼ିଆଙ୍କ ସମାଗମ ଅଧିକ ଦେଖିବା ପାଇଁ ମିଳିଥାଏ । ସବୁ ବର୍ଷ ପରି ମଧ ଏଥର ନୟାଗଡ଼ର ପ୍ରସିଦ୍ଧ ଶୈବ୍ୟ ପୀଠ ଶରଣକୁଳ ଲଡୁବାବାଙ୍କ ମନ୍ଦିରରେ ସକାଳୁ କାଉଡ଼ିଆ ଙ୍କ ସମାଗମ ଦେଖିବା ପାଇଁ ମିଳିଛି । ଲଡୁବାବାଙ୍କ ପାଖରେ ଜଳ ଲାଗି ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ଶହ ଶହ କାଉଡ଼ିଆଙ୍କର ସମାଗମ ହୋଇଛି । ଲଡୁବାବାଙ୍କ ପାଖରେ ଶୃଙ୍ଖଳିତ ଜଳ ଲାଗି ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଶାନ୍ତି ଶୃଙ୍ଖଳାରେ କାଉଡ଼ିଆ ମାନେ ଲମ୍ବା ଧାଡିରେ ଯାଇ ଲଡୁ ବାବାଙ୍କ ପାଖରେ ଜଳ ଲାଗି କରି ମନସ୍କାମନା ଜଣାଉଛନ୍ତି । ସେପଟେ ମନ୍ଦିର ପ୍ରଶାସନ ପକ୍ଷରୁ ଭୋର୍ ଚାରିଟାରୁ ଲଡୁବାବ ଙ୍କର ସ୍ୱତନ୍ତ୍ର ନୀତିକାନ୍ତ କରାଯାଇ ଶୃଙ୍ଖଳିତ ଦର୍ଶନ ଓ କାଉଡ଼ିଆଙ୍କ ଜଳ ଲାଗି ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଯେମିତି ବିଶ୍ୱାସ ରହିଛି ବୋଲ ବମ ଯାତ୍ରା ଏକ ନିଆରା ଯାତ୍ରା । ଏହା ମହାଦେବାଙ୍କ ଯାତ୍ରା ହୋଇଥିବା ରୁ ଭକ୍ତଙ୍କ ଅଧିକ ନିଷ୍ଠାର ସହ ରହିବାକୁ ପଡି ଥାଏ । ନଦୀରୁ ମନ୍ଦିର ପର୍ଯ୍ୟନ୍ତ ପାଣି ଭାର ଧରି ଖାଲି ପାଦରେ ଚାଲି ଚାଲି ଆସିବା ପାଇଁ ପଡିଥାଏ । ବିଭିନ୍ନ ବର୍ଗର ଲୋକ ଏହି ଯାତ୍ରାରେ ସାମିଲ ହୋଇଥାନ୍ତି । କିନ୍ତୁ ଲକ୍ଷ ଗୋଟିଏ ପୂର୍ଣ୍ଣ୍ୟ ଅର୍ଜନ ସହ ମନସ୍କାମନା ପୂରଣ ଏବଂ ପରିବାର ସହ ଦେଶ, ରାଜ୍ୟ ର ମଙ୍ଗଳ କାମନା କରିବା ।

# ଉଦଳା ଭିମିତାଳି ଗୋଶାଳାରୁ ୩ଗୋଟି ହରିଆନା ଗାଇ ଚୋରି

ଉଦଳା ( ମହାଭାରତ ) ମୟୁରଭଞ୍ଜ ଜିଲ୍ଲା କପ୍ତିପଦା ଉପଖଣ୍ଡ ସଦର ମହକୁମା ଉଦଳା ଭିମିତାଳି ଛକ ନିକଟ ମା ଗାୟତ୍ରୀ ଗୋଗକ୍ଷେଣା ସେବା କେନ୍ଦ୍ର ରୁ ଶନିବାର ବିଳମ୍ବିତ ରାତ୍ରିରେ ୩ ଗୋଟି ହରିଆନା ପ୍ରଜାତିର ଗାଇ ଚୋରି ହୋଇଥିବା ରୁ ଆଜି ଉଦଳା ଥାନାରେ ଲିଖିତ ଆଭିଯୋଗ ହୋଇଛି ।ଆଜି ସକାଳୁ ଗୋଶାଳା ର ଦ୍ୱବାଆଧାରକ ଶକାଳୁ ଗାଇ ଗୁହାଳକୁ ଯାଇ ଦେଖନ୍ତି ତିନିଗୋଟି ଗାଇ ଙ୍କ ଖୁଣ୍ଟରେ ପଘା ଆଛି ଗାଇ ନଥିବା ଦେଖି ବିଭିନ୍ନ ସ୍ଥାନରେ ଖୋଜା କରି ପାଇନଥିଲେ ,ସେ ଗୋଶାଳାର ସଭାପତି କରୁଣାକର ନୟକ , ସମ୍ପାଦକ ପ୍ରକାଶ ନାୟକ ଓ ସମସ୍ତ ସଦସ୍ୟ ଙ୍କୁ ଖବର ଦେଇଥିଲେ ।ସମସ୍ତେ ଉପସ୍ଥିତ ହୋଇ ଜାଣି କୁ ପାଇଲେ ଜାରଡା ଗ୍ରାମର ଦୁଇଜଣ ବେପାରୀ ୩ଦିନ ପୂର୍ବ ରୁ ଗାଇ ଗୁଡିକୁ କିଣିବା କୁ ଆସିଥିଲେ ଏହା ବିକ୍ରୟ କରାଯିବ ନି ବୋଲି ଜଣାଯାଇଥିଲା । ଜଣାଯାଏ ଗାଇ ଗୁଡିକୁ ର ମୂଲ୍ୟ ଏକ ଲାଖ ଟଙ୍କା ରୁ ଆଧିକ ହେବ ତେଣୁ ବାଡ଼ ଭାଙ୍ଗି ଚୋର ନେଇଥିବା ଜଣାପଡୁଛି । ଗାଇ ଗୁଡିକୁ ପାଇବାକୁ ସମ୍ପାଦକ ଙ୍କସହିତ ଲିଖିତ ଭାବେ ଗୋଗବେଶଣା କେନ୍ଦ୍ର ର କୋଷାଧ୍ୟକ୍ଷ ସୁଭଦ୍ରା ପରିଡା ,ଖଗେଶ୍ୱର ସିଂହ , କୃଷ୍ଣ ଚୈତନ୍ୟ ସଦୁଆଳ,ଶୁଶାନ୍ତ ବାରିକ ସଦସ୍ୟ ପ୍ରମୁଖ ଜଣାଇଛନ୍ତୀ ଉଦଳା ଥାନା ତରଫରୁ ତଦନ୍ତ ଜାରି ରହିଛି ।

# ସୁଙ୍ଗୁଡ଼ାପଞ୍ଚାୟତ ପକ୍ଷରୁ ଚଣ୍ଡିଖୋଲଛକ ର ସଫେଇ କାର୍ଯ୍ୟହୋଇଛି



ବଡ଼ଚଣା ମହାଭାରତ ଯାଜପୁର ଜିଲ୍ଲାର ଜିଲ୍ଲା ପ୍ରଶାସନ ପକ୍ଷରୁ ଚିଠିର ନିର୍ଦ୍ଦେଶ ଅନୁଯାଇ ଚଳିତ ମାସ ୨୨ତାରିଖ ଠାରୁ ଆରମ୍ଭ କରି ଆସନ୍ତା ଅକ୍ଟୋବର ୨ତାରିଖ ପର୍ଯ୍ୟନ୍ତ ବଡଚଣା ବ୍ଲକର ସମସ୍ତ ପଞ୍ଚାୟତ ସ୍ୱଚ୍ଛ ଭାରତ ମିଶନ ଜରୀଆରେ ସଫେଇ କାର୍ଯ୍ୟ ସ୍ଥିର ହୋଇଛି । ଏନେଇ ପ୍ରଥମେ ଆଜି ସୁଙ୍ଗୁଡ଼ାପଞ୍ଚାୟତ ପକ୍ଷରୁ ସ୍ୱଚ୍ଛ ଭାରତ ମିଶନ ଅଭିଯାନ ଜରୀଆରେ ଚଣ୍ଡିଖୋଲଛକ ଉଭୟ ପାର୍ଶ୍ୱ ଅସ୍ଥାୟୀ ପରିବା ବଜାରରେ ସଫେଇ କାର୍ଯ୍ୟହୋଇଛି । ଚଣ୍ଡିଖୋଲ ଛକ ହେଉଛି ୪ଟି ଜିଲ୍ଲାକୁ ସଂଯୋଗ କରୁଥିବା ବାଣିଜ୍ୟର ପେଣ୍ଠ ସ୍ଥଳି ହେଇଥିଲେ ମଧ ଏଠି ଅଳିଆ ଆବର୍ଜନା ଯୋଗୁ ଦୁର୍ଗନ୍ଧରେ ନାକ ଫାଟି ପଡୁଛି । ଏହାର ଦୀର୍ଘ ଦିନ ହେବ କୌଣସି ସ୍ଥାୟୀ ସମାଧାନ ହୋଇନାହିଁ । ଏହି ସଫେଇ କାର୍ଯ୍ୟରେ ନବ ନିର୍ବାଚିତ ବିଧାୟକ ଅମର କୁମାର ନାୟକ, ବ୍ଲକ ଅଧିକାରୀ ରବୀନ୍ଦ୍ର ପ୍ରଧାନ , ସରପଞ୍ଚ ଅଞ୍ଜୁଲତା ସାଇଁ, ଆଶା କର୍ମୀ, ଅଙ୍ଗନ୍ୱାଡ଼ି ମିଶନ ଶକ୍ତିକର୍ମୀ ଉପସ୍ଥିତ ରହିବା ସହିତ ମିଳିତ ଭାବେ ନିଜେ ସଫା କରିଛନ୍ତି । ଏବଂ ପରିବା ବଜାର , ବସ୍ ଷ୍ଟାଣ୍ଡ ଆଖପାଖ ରେ ଅଳିଆ ଆବର୍ଜନା ଓ ମାଟିକୁ ଜେସିବି ମେସିନ୍ ଟ୍ରାକ୍ଟର ସାହାଯ୍ୟରେ ସଫା କରାଯାଇଅଛି । ଆଗମୀ ଦିନରେ ଅସ୍ଥାୟୀ ପରିବା ବଜାରରେ ପ୍ରଶାସନ ପକ୍ଷରୁ ଅଳିଆ ଡବା ରହିବ ଏବଂ ସେଥିରେ ଅଳିଆ ପକାଇବେ । ଯଦି କେହି ଅଳିଆ ଏଠି ସେଠୀ ପକାନ୍ତି ତାହେଲେ ତାଙ୍କ ଠାରୁ ଜରିମାନା ଆଦାୟ ସହ ଆଇନ୍ ଅନୁଯାୟୀ ଦଣ୍ଡ ହେବ ବୋଲି ବ୍ଲକ ପ୍ରଶାସନ ଓ ସରପଞ୍ଚ ସୂଚନା ଦେଇଛନ୍ତି । ସ୍ଥାନୀୟ ବଡଚଣା ଥାନା ଓ ଫାଣ୍ଡି ଅଧିକାରୀ ଅସ୍ମି ବଳବନ୍ତ ରାୟଙ୍କ ସୁରକ୍ଷାରେ କାର୍ଯ୍ୟ ସଫଳ ହୋଇଥିଲା ।

# ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ



ରଜପତି(ମହାଭାରତ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଅନ୍ତର୍ଗତ ପୋଉର ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି ।ୟ ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲ୍ଲାପାଳ ଶ୍ରୀଯୁକ୍ତ ସ୍ମୃତି ରଞ୍ଜନ ପ୍ରଧାନ, ଆରକ୍ଷୀ ଅଧିକ୍ଷକ ସୁଶ୍ରୀ ସ୍ୱାତୀ ଏସ କୁମାର,ଡ଼.ଗୁଣନିଧି ନାୟକ,ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଗଜପତି ଓ ଶ୍ରୀ ଦିଲ୍ଲୀପ କୁମାର ବେହେରା, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଏହି ମିଳିତ ଜନ ଅଭିଯୋଗ ଶୁଣାଣୀରେ ଯୋଗଦାନ କରି ପୋଉର ଗ୍ରାମ ପଞ୍ଚାୟତ ସମେତ ଲୋବା, ଡମ୍ବାଳ ଓ ଅମେଡ଼ା ପଞ୍ଚାୟତର ସମୁଦାୟ ମୋଟ- ୧୨୭ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ସେଥି ମଧରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୪୨ ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା- ୮୫ ଗୋଟି ଓ ୧୦ ଗୋଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଛି, ଜଣକୁ ଜିଲ୍ଲା ରେଡ କ୍ରସ୍ ପାଣ୍ଠିରୁ ୧୨ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା,ଜମି ପଟ୍ଟା,ମନରେଗା,ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ ରାସ୍ତା ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ସମୟରେ ଶ୍ରୀ ଜ୍ୟାତି ପାଣି,ଉପ ଅଧ୍ୟକ୍ଷ,ପଞ୍ଚାୟତ ସମିତି ରାୟଗଡ଼ ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ସୁଧୀର ସିଂ, ତହସିଲଦାର ଶ୍ରୀ ସଦାଶିବ ବତ୍ରା ଓ ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ଅମ୍ବିକା ନାୟକ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଏହି ଅଭିଯୋଗ ଶୁଣାଣୀରେ ଉପସ୍ଥିତ ଥିଲେ ।

# ଉଦଳାରେ ବ୍ୟାସଦେବଙ୍କ ଜୟନ୍ତୀ ଓ ଗୁରୁପୂଜନ ଉତ୍ସବ ଅନୁଷ୍ଠିତ

ଉଦଳା (ମହାଭାରତ .) – ଗୁରୁପୂର୍ଣ୍ଣିମା ତଥା ବ୍ୟାସଦେବଙ୍କ ଜୟନ୍ତୀ ଅବସରରେ ଉଦଳା ଆଂଚଳିକ ଗୁରୁ ପୂଜନ କମିଟି ଆନୁକୁଲ୍ୟରେ ପ୍ରତିବର୍ଷ ଭଳି ରବିବାର ଦିନ ଗୁରୁପୂଜନ କାର୍ଯ୍ୟକ୍ରମ ସନ୍ଧାନ ଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଶତାଧିକ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅଧାପକ ଅଧାପିକା ମାନଙ୍କର ନାମ ପଞ୍ଜିକରଣ କରାଯିବା ପରେ କମିଟିର ସଭାପତି ଆଇନଜୀବି ବସନ୍ତ କୁମାର ପରିଡାଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା ।ଏଥିପୂର୍ବରୁ ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଛାତ୍ରୀମାନେ ଫୁଲ ଚନ୍ଦନ ଓ ଉତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ପ୍ରାରମ୍ଭରେ ଗୁରୁଜନ ପୂଜନ କମିଟିର ସଦସ୍ୟ ତଥା ବରିଷ୍ଠ ସାମ୍ବାଦିକ ସନ୍ତୋଷ କୁମାର ବାଛିନୀ ଅତିଥିମାନଙ୍କୁ ମଂଚକୁ ଆମନ୍ତ୍ରଣ କରିଥିଲେ । ଅଧାପକ ସୌମେନ୍ଦ୍ର ଦାସ ମଂଚାସୀନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ସଭାପତି ବସନ୍ତ କୁମାର ପରିଡାଙ୍କ ସହିତ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷାବିତ୍ ଡ. ଦିଲୀପ କୁମାର ଦିକ୍ଷୀତ, ମୁଖ୍ୟବକ୍ତା ଭଦ୍ରକ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ୍, ଏନଏସି ଉପାଧ୍ୟକ୍ଷା ଲିଲି ଭୋଳ କାର୍ଯ୍ୟକ୍ରମର ସୃଷ୍ଟିକର୍ତା ପୂର୍ବତନ ମନ୍ତ୍ରୀ ତଥା ଉଦଳାର ପୂର୍ବତନ ବିଧାୟକ ଗୋଲକ ବିହାରୀ ନାଏକଙ୍କ ସହଧର୍ମିଣୀ ସୁବାସିନୀ ନାଏକ ଏବଂ କମିଟିର ସଂପାଦକ ଅବସରପ୍ରାପ୍ତ ଶିକ୍ଷକ ଦିଲ୍ଲୀପ କୁମାର ଜେନାଙ୍କର ପରିଚୟ ପ୍ରଦାନ କରିଥିଲେ । ତାଛଡା ମଂଚର ସମସ୍ତ ଅତିଥିମାନଙ୍କୁ ଉତରୀୟ, ପୁଷ୍ପଗୁଚ୍ଛ ଦେଇ ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ମଂଚାସୀନ ଅତିଥିମାନେ ଗୁରୁକୂଳ ଏବଂ ଗୁରୁଶିଷ୍ୟର ମହାନ ପରମ୍ପରା ସଂପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହିତ ବ୍ୟାସଦେବଙ୍କ ସଂପର୍କରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ମନ୍ତ୍ରଧ୍ୱନି ମଧରେ ଜଗନ୍ନାଥ, ବ୍ୟାସଦେବଙ୍କ ଫଟୋଚିତ୍ରରେ ପୁଷ୍ପ ଧୂପ ଅର୍ପଣ କରାଯାଇଥିଲା । କାର୍ଯ୍ୟକ୍ରମର ପ୍ରତିଷ୍ଠାତା ସ୍ୱର୍ଗତ ଗୋଲକ ନାଏକଙ୍କ ଫଟୋରେ ମଧ ପୁଷ୍ପମାଲ୍ୟ ଦିଆଯାଇଥିଲା । ଦିବ୍ୟଂଗତ ଅବସରପ୍ରାପ୍ତ ଶିକ୍ଷକମାନଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଗୁରୁ ପୂଜନରେ ଉପସ୍ଥିତ ଥିବା ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀଧର ପୁଥାଳ, ଶିକ୍ଷାବିତ୍ ଶ୍ୟାମସୁନ୍ଦର ପଣ୍ଡା, ବିଚିତ୍ରାନନ୍ଦ ବେହେରା, ସନାତନ ରାଉତ ପ୍ରମୁଖ ଗୁରୁ ପରମ୍ପରା ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ ।ବିଶିଷ୍ଟ ସଙ୍ଗୀତଜ୍ଞ ତଥା କଣ୍ଠଶିଳ୍ପୀ ବିଶ୍ୱନାଥ ପଣ୍ଡା ପ୍ରାରମ୍ଭିକ ସଙ୍ଗୀତ ଗାନ କରି ସଭାକାର୍ଯ୍ୟକୁ ମନ୍ତ୍ରମୁଗ୍ଧ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଅମୀୟ କୁମାର ବଳ ସଂଯୋଜନା କରିଥିବା ବେଳେ ଅବସରପ୍ରାପ୍ତ ଶିକ୍ଷକ ଦିଲ୍ଲୀପ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଗୁରୁଜନ ପୂଜନ କାର୍ଯ୍ୟକ୍ରମର ବରିଷ୍ଠ ସଦସ୍ୟ ପ୍ରହ୍ଲାଦ ଦାସ, ବିଜନ କୁମାର ନାଏକ, ବନମାଳୀ ବେହେରା, ସମୀର ଷଡଙ୍ଗୀ, କୃଷ୍ଣଚୈତନ୍ୟ ସଦୁଆଳ, ସୁଜିତ ପୁଥାଳ, ଦିପକ ପଟ୍ଟନାୟକ, ସୀମାନ୍ତ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ ।

# ଅସହାୟ ଅବସ୍ଥାରେ ସାଇକ୍ରିଷ୍ଣା କୁଷ୍ଠାଶ୍ରମ ,ହାତ ବଢ଼ାଇଲେ ମହିଳା ସଂଗଠନ

ଟିଟିଲାଗଡ ( ମହାଭାରତ )ଗତ ତିନି ଧରି ଗଣ୍ଡପତ୍ରାପାଲି ଗ୍ରାମପଂଚାୟତ ଅନ୍ତର୍ଗତ ବଡ଼ମାଳ ର ସାଇ କ୍ରିଷ୍ଣା କୁଷ୍ଠାଶ୍ରମ ଏବଂ କୁଇକେଡ଼ା ଗ୍ରାମରେ ପ୍ରବଳ ବର୍ଷା ଯୋଗୁଁ କିଛି ପରିବାରଙ୍କର ଘର ଭାଙ୍ଗିଯାଇଥିଲା ଏଣୁ ସେମାନେ ଦୟନୀୟ ସ୍ଥିତି ରେ ଥାବେଳେ ପଶ୍ଚିମ ଓଡିଶା ମହିଳା ସଂଗଠନ ସହାୟତା ହାତ ବଢାଇବା ଦେଖିବାକୁ ମିଳିଛି । ପଶ୍ଚିମ ଓଡିଶା ମହିଳା ସଂଗଠନ ସଭାନେତ୍ରୀ ସବିତା ନନ୍ଦ ଙ୍କ ଅନୁରୋଧ କ୍ରମେ ସଇଁତଲା ତହସିଲଦାର ସଙ୍ଗେ ସାଙ୍ଗେ ଜରି ର ବ୍ୟବସ୍ଥା କରି ଦେଇଥିଲେ । ସଂଗଠନ ର ବ୍ଲକ ସଂଯୋଜିକା



ମୁନକି କୋଠାର କ୍ଷତିଗ୍ରସ୍ତ ପରିବାର ଙ୍କୁ ଜୋରି ବଣ୍ଟନ କରିଥିଲେ । ସମାଜର ଏହିଭଳି ଅସହାୟ ଙ୍କ ପଛରେ ଅଣ୍ଟାଭିଡି ଠିଆ ହେବାପାଇଁ ପଶ୍ଚିମ ଓଡିଶା ମହିଳା ସଂଗଠନ ପ୍ରତିଶୃତିବୋଧ ବୋଲି ସଂଗଠନ ର ସଭାନେତ୍ରୀ ଶ୍ରୀମତୀ ନନ୍ଦ ମତବ୍ୟକ୍ତ କରିଥିଲେ । ସଇଁତଲା ତହସିଲଦାର ଙ୍କର ତୁରନ୍ତ ପଦକ୍ଷେପ ପାଇଁ ସଂଗଠନ ତରଫରୁ କୃତଜ୍ଞତା ଜ୍ଞାପନ କରାଗଲା , କୁମର ଜାଳ, ଗୋପାଳ କରନ, ଶକ୍ତି ତାଣ୍ଡି ,ହିରା ସେଠ ,ଦିପକ ଜେନା, ବିପିନ ପାଣ୍ଡେ, ଓ ବିଦ୍ୟାଧର ଭୋଇ ସହଯୋଗ କରି ଥିଲେ ।

# ଆସିକା ବାଣୀବିହାର ସ୍ଥିତ ଦୁର୍ଗାମାଧବ ନର୍ସିଙ୍ଗହୋମରେ ଅଗ୍ନିକାଣ୍ଡ

ଆସିକା (ମହାଭାରତ): ଆସିକା ଉପଖଣ୍ଡ ଚିକିତ୍ସାଳୟ ପାର୍ଶ୍ୱସ୍ଥ ବାଣୀବିହାର ରେ ଥିବା ଦୁର୍ଗମାଧବ ନାମକ ଏକ ଘରୋଇ ନର୍ସିଂହୋମ ରେ ଗ୍ୟାସ ଚୁଲା ରୁ ଅଗ୍ନିକାଣ୍ଡ ଘଟି ବ୍ୟାପକ କ୍ଷୟ କ୍ଷତି ଘଟିଛି । ଘଟଣା ସମ୍ପର୍କରେ ଖବର ପାଇ ସଙ୍ଗେ ସଙ୍ଗେ ଆସିକା ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ତ୍ୱରିତ କାର୍ଯ୍ୟ ଯୋଗୁଁ ଏକ ବଡ଼ ଧରଣର ଅଘଟଣ ସମସ୍ତେ ବର୍ତ୍ତି ଯାଇଛନ୍ତି । ଉକ୍ତ କୋଠାରେ ଏକ ଫ୍ଲେକ୍ସ ପ୍ରିଣ୍ଟିଂ ୟୁନିଟ, ପେଥୋଲୋଜି କ୍ଲିନିକ, ମେଡ଼ିସିନ ଦୋକାନ ଏବଂ କେତେକ ଜଣ ଲୋକ ଘର ଭଡାରେ ରହିଥିଲେ । ସମସ୍ତେ ବିପଦ ମୁକ୍ତ ଥିବା ଜଣାପଡିଛି । ନର୍ସିଂହୋମ ଲକ୍ଷାଧିକ ଟଙ୍କାର ସମସ୍ତ ଯନ୍ତ୍ରାଂଶ ଅସ୍ତ୍ରୋପଚାର ସାମଗ୍ରୀ ଓ ବେଡ଼ ପୋଡିଯାଇଥିବା ଜଣା ପଡ଼ିଛି ।

# ଗଜପତି ଜିଲ୍ଲାରେ କୌଶଳ ରଥ ଶୁଭାରମ୍ଭ

ଗଜପତି(ମହାଭାରତ):ଗଜପତି ଜିଲ୍ଲା ସଦରମହକୁମା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳ ଶ୍ରୀଯୁକ୍ତ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରୁପେଶ କୁମାର ପାଣିଗ୍ରାହୀ,ମାନ୍ୟବର ବିଧାୟକ ପାରଳାଖେମୁଣ୍ଡି ମୁଖ୍ୟ ଅତିଥି ଭାବରେ ଯୋଗଦେଇ କୌଶଳ ରଥ କୁ ଆନୁଷ୍ଠାନିକ ଭାବରେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି କୌଶଳ ରଥ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟାଳୟ ମିଳିତ ଆନୁକୂଲ୍ୟରେ ଜିଲ୍ଲାର ଉଚ୍ଚ ବିଦ୍ୟାଳୟ, ଆଶ୍ରମ ସ୍କୁଲ,ମହାବିଦ୍ୟାଳୟ, ଆଇଟିଆଇ ସ୍କୁଲ ଓ ପଲିଟେକନିକ୍ କଲେଜ ଇତ୍ୟାଦି ତା.୨୨ ଜୁଲାଇ ୨୦୨୪ ପର୍ଯ୍ୟନ୍ତ ବୁଲି ଯୁବପିଢ଼ିଙ୍କୁ ମାଗଣାରେ ଡିଜିଟାଲ ଶିକ୍ଷା ଏବଂ ସେମାନଙ୍କ ମଧରେ ଡିଜିଟାଲ କାରବାରକୁ ବୃଦ୍ଧି କରାଯିବ । ୨୦୪୭ ସୁଦ୍ଧା ବିକଶିତ ଭାରତ ନିର୍ମାଣରେ ଯୁବପିଢ଼ି ଙ୍କ ସାମର୍ଥ୍ୟ କୁ ବିକଶିତ କରିବା ଲକ୍ଷ୍ୟ ରହିଛି । ଡିଜିଟାଲ କାରବାରକୁ ବୃଦ୍ଧି କରିବା ଦିଗରେ ଏହି କୌଶଳ ରଥ ସହାୟକ ହେବ । ଜାତୀୟ ଦକ୍ଷତା ବିକାଶ ନିଗମ (ଏନ୍ଏସ୍ଡିସି) ପକ୍ଷରୁ ଏହି କୌଶଳ ରଥ ଜରିଆରେ ଗଜପତି ଜିଲ୍ଲାର ଛାତ୍ରଛାତ୍ରୀ,ମହିଳା, ଗ୍ରାମୀଣ ଯୁବ ବର୍ଗ ଓ ଆଶାୟୀ ପ୍ରାର୍ଥୀଙ୍କୁ ଦକ୍ଷତା ତାଲିମ ଏବଂ ପ୍ରମାଣପତ୍ର ପ୍ରଦାନ ପାଇଁ ଯୋଜନା କରାଯାଇଛି । ଏହି କୌଶଳ ରଥରେ ଅତ୍ୟାଧୁନିକ ଉପକରଣ,ସୁବିଧା ସହ ପ୍ରଶିକ୍ଷକ ମାନଙ୍କ ଉପସ୍ଥିତିରେ ଡିଜିଟାଲ ସାକ୍ଷରତା, ଆର୍ଥିକ ସାକ୍ଷରତା, ଖୁଚୁରା ଏବଂ ଉଦ୍ୟୋଗୀ ଦକ୍ଷତା ଉପରେ ତାଲିମ ଦିଆଯାଇ ପ୍ରମାଣପତ୍ର ପ୍ରଦାନ କରାଯିବ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୁକ୍ତି ଅଧିକାରୀ ଶ୍ରୀ ସୌଭାଗ୍ୟ ସ୍ମୃତି ରଞ୍ଜନ ତ୍ରିପାଠୀ, ଦକ୍ଷତା ବିକାଶ ନିଯୁକ୍ତି ଅଧିକାରୀ ଶ୍ରୀ ଶୁଭାଶିଷ ସାହୁ, ରାଜ୍ୟ ଦକ୍ଷତା ବିକାଶ କେନ୍ଦ୍ରର ବିଭିନ୍ନ କର୍ମଚାରୀ ଓ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରାଣକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସିଟ୍ ସଂଖ୍ୟା ବୃଦ୍ଧି

କୋରେଇ,(ମହାଭାରତ): କୋରେଇ ବ୍ଲକ ଅନ୍ତର୍ଗତ ବୈତରଣୀ ରୋଡ୍ସ୍ଥ ପ୍ରାଣକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦ୍ୱାଦଶ (+୯) ଶ୍ରେଣୀ କଳାରେ ୬୪ ସିଟ୍ ବୃଦ୍ଧି ହୋଇଛି । ପୂର୍ବରୁ ୨୫୬ ସିଟ୍ ରହିଥିବାବେଳେ ଏବେ ୩୨୦କୁ ରାଜ୍ୟ ସରକାରଙ୍କ ଉଚ୍ଚ ମାଧ୍ୟମିକ ବିଭାଗ ଦ୍ୱାରା ଅନୁମୋଦନ ହୋଇଛି । ପ୍ରାଣକୃଷ୍ଣ ମହାବିଦ୍ୟାଳୟକୋରେଇର ନଦୀକୂଳିଆ ତଥା ଗ୍ରାମାଞ୍ଚଳରେ ଅବସ୍ଥିତ ତେଣୁ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅନୁଯାୟୀ ଏହି କଲେଜରେ ନାମ ଲେଖାଇବା ପାଇଁ ଆବଶ୍ୟକ ସିଟ୍ ନ ଥିବା ହେତୁ ବହୁ ଗରିବ ଶ୍ରେଣୀର ଛାତ୍ରୀଛାତ୍ରୀ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଥିଲେ ଏଥିସହ ଏହି ଅଞ୍ଚଳର ଛାତ୍ରଛାତ୍ରୀ ବହୁ ଦୂରଦୂରାନ୍ତ କଲେଜରେ ନାମ ଲେଖାଉଥିଲେ । ଫଳରେ କଲେଜକୁ ଯିବାଆସିବାରେଘୋର ସମସ୍ୟାର ସମ୍ମୁଖୀନ ନ ହୋଇଥା'ନ୍ତି ଓ ଏ ନେଇ ଅଭିଭାବକ, ଅଞ୍ଚଳର ବୁଦ୍ଧିଜୀବୀ ଓ ମହାବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟନାରାୟଣ ଖଣ୍ଡାଇ ଦ୍ୱାଦଶ ଶ୍ରେଣୀ କଳାରେ ସିଟ୍ ବୃଦ୍ଧି ନିମନ୍ତେ ରାଜ୍ୟ ଉଚ୍ଚ ମାଧ୍ୟମିକ ବିଭାଗ ନିର୍ଦ୍ଦେଶକଙ୍କୁ ଆବେଦନ କରିଥିଲେ ଏହା ଦା ବିଭାଗ ଦ୍ୱାରା ଅନୁମୋଦିତ ହୋଇ ସିଟ୍ ସଂଖ୍ୟା ବୃଦ୍ଧି ପାଇଛି । ପୂର୍ବରୁ ଥିବା ଇଚ୍ଛାଧୀନ ବିଷୟ ସହିତ ବ୍ୟାଙ୍କିଙ୍ଗ୍, ଫେସନ ଟେକ୍ନୋଲୋଜି ଓ ଟ୍ୟୁରିଜିମ ଆଣ୍ଡ ଟ୍ରାଭେଲ ମ୍ୟାନେଜମେଣ୍ଟ ଆଦି ୩ଟି ନୂତନ ବିଭାଗରେ ପିଲା ଆଡ୍ମିଶନ ପାଇଁ ସ୍ୱୀକୃତି ମିଳିଛି । ଫଳରେ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ମଧରେ ଖୁସିର ଲହରି ଖେଳି ଯାଇଥିବ ପାଇଥିବାବେଳେ ଅଧ୍ୟକ୍ଷ ଶ୍ରୀ ଖଣ୍ଡାଇଙ୍କ ସହିତ କଲେଜରେ ସମସ୍ତ କର୍ମଚାରୀ ଓ ସ୍ଥାନୀୟ ବୃଦ୍ଧିଜୀବୀ, ଶିକ୍ଷାବିତ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ୭୬ବର୍ଷ ପରେ ବି ଗାଁ କୁ ନାହିଁ ରାସ୍ତା

କଳାହାଣ୍ଡି/ମହାଭାରତ:ଦେଶ ସ୍ୱାଧୀନ ହେବାର ୭୬ ବର୍ଷ ବିତି ଯାଇଥିଲେ ସୁଧା ଗାଁକୁ ରାସ୍ତା ହେବା ଗାଁ ଲୋକଙ୍କ ପାଇଁ ସାତ ସପନ ପାଲଟିଛି । ଏପରି ଏକ ଘଟଣା କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ବ୍ଲକ ରିଷିଙ୍ଗା ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡାପଲା ଗ୍ରାମ ରୁ ଶିଳିଗୁଡା ଗ୍ରାମର ମୂଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ରାସ୍ତା ଲଗାଣ ବର୍ଷ ଯୋଗୁଁ ଗତ ୨୧/୦୭/ ୨୦୨୪ ତାରିଖ ରବିବାର ଦିନ ଭାଙ୍ଗିଯାଇଛି । ଯାହା ଫଳରେ ମୁଣ୍ଡାପଲା ଗ୍ରାମ ବିଚ୍ଛିନ୍ନ



ହୋଇଯାଇଛି । ଗ୍ରାମ ବାସୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯାହା ଦ୍ୱାରା ଗାଁ ଛାତ୍ର ଛାତ୍ରୀ ପାଠ ପଢିବା ଅସୁବିଧା,ସ୍ୱାସ୍ଥ୍ୟ,ଆମ୍ବୁଲାନ୍ସ ସେବା ,ଗର୍ଭବତୀ ମହିଳାମାନେ ମେଡିକାଲ କୁ ଯିବାକୁ ହେଲେ ଖଟିଆରେ ବୁହା ହୋଇ ଯାଉଛନ୍ତି । ଲଗାଣ ବର୍ଷା ହେଲେ ଗାଁରୁ ବାହାରକୁ ଯିବା ପାଇଁ ଅନ୍ୟ କୌଣସି ରାସ୍ତା ନାହିଁ । ଲଗାଣ ବର୍ଷା ଯୋଗୁଁ ଉପାୟ ଶୁନ୍ୟ ହୋଇ ଗାଁ ର ମହିଳା ଓ ପୁରୁଷ ମିଶି ଭାଙ୍ଗିଯାଇଥିବା ରାସ୍ତାରେ କାଠ ପକାଇ ଭୟରେ ଯାତାୟତ କରୁଛନ୍ତି ।ପୂର୍ବ ରୁ ରାସ୍ତା ପାଇଁ ବାରମ୍ବାର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଯେତେ ନିବେଦନ କରି ଦରଖାସ୍ତ ଦେଇଥିଲେ ସୁଧା କୌଣସିପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଇଥିବା ଗ୍ରାମ ବାସୀ ପ୍ରକାଶ କରିଛନ୍ତି । ଗ୍ରାମ ବାସୀଙ୍କ ଦୁଃଖ କୁ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ସ୍ଥାୟୀ ବନ୍ଦୋବସ୍ତ କରା ଗଲେ ଭଲହେବ ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି ।

# ପାଣିରେ ବୁଡି ମହିଳାଙ୍କ ମୃତ୍ୟୁ

କପ୍ତିପଦା -(ମହାଭାରତ ):କପ୍ତିପଦା – କପ୍ତିପଦା ବ୍ଲକର ସୋନ ବନ୍ଧରେ ଏକ ଶବ ଭାସୁଥିବାର ଲୋକେ ଦେଖି କପ୍ତିପଦା ଥାନାକୁ ଖବର ଦେଇଥିଲେ,ଘଟଣା ସ୍ଥଳରେ କପ୍ତିପଦା ଥାନା ସବଇନିସ୍ପେକ୍ଟର ରିତାରାଣୀ ଦାସ ପହଞ୍ଚି ଶବକୁ ଉଦ୍ଧାର କରିଥିଲେ ଖବର ଅନୁଯାଇ ମହିଳା ଜଣକ କପ୍ତିପଦା ବ୍ଲକ ମଝିଗଡ଼ିଆ ପଞ୍ଚାୟତର ଭେଜଡିହା ଗ୍ରାମର ମୁନି ସିଂ (୫୦)ବୋଲି ଜଣାପଡିଛି ସେ ଯକ୍ଷ୍ମା ରୋଗରେ ଆକ୍ରାନ୍ତ ଥିଲେ ସେ ଗତ କାଲି ଔଷଧ ଆଣିବାପାଇଁ ଶାଳଚୁଆ ଆସିଥିଲେ । ଫେରିବା ସମୟରେ ମାନସିକ ଭାରସାମ୍ୟ ହରାଇ ସୋନ ବନ୍ଧକୁ ଡେଇଁ ପଡ଼ିଥିଲେ । ଏ ସମ୍ପର୍କରେ କପ୍ତିପଦା ଥାନାରେ ଏକ ଅପମୃତ୍ୟୁ ମାମଲା କେସ ନମ୍ବର ୨୫/୨୪ ରେ ମକଦ୍ଦମା ରୁଜୁ କରି ଶବକୁ ଉଦଳା ଡାକ୍ତରଖାନା ରେ ବ୍ୟବଚ୍ଛେଦ କରାଇ ତାଙ୍କର ପରିବାରକୁ ହସ୍ତାନ୍ତର କରିଛନ୍ତି

# ବର୍ଷାରେ ବଢୁଛି କମରାଘାଟ ଗ୍ରାମବାସୀଙ୍କ ଦୁର୍ଦ୍ଦଶା

**ଥୁଆମୂଳ ରାମପୁର,(ମହାଭାରତ) :** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ବାଗଡିଆଣି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କମରାଘାଟ ଗାଁକୁ ସଂଯୋଗ କରୁଥିବା ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ସବୁଦିନିଆ ରାସ୍ତା ଖଣ୍ଡେ ନଥିବା ଯୋଗୁଁ ବର୍ଷା ଋତୁରେ ଏହି ରାସ୍ତା ଗ୍ରାମବାସୀଙ୍କ ପାଇଁ ନେଇ ଆସିଥାଏ ଦୁର୍ଦ୍ଦଶା ହିଁ ଦୁର୍ଦ୍ଦଶା।ଗାଁକୁ ସାଧାରଣ ଯାନବାହନ ଟିଏ ଚଳାଚଳ ପାଇଁ ଅସମ୍ଭାଳ ସ୍ଥିତି ରହିଥିବା ବେଳେ ବ୍ଲକର ବିଭିନ୍ନ ଗ୍ରାମକୁ ଜଳଯୋଗାଣ ପାଇଁ ମେଗା ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟର ବିଭିନ୍ନ ଉପକରଣ ଗଚ୍ଛିତ କରିବା ପାଇଁ ଗ୍ରାମକୁ ସଂଯୋଗ କରୁଥିବା ଏହି ରାସ୍ତା କଡରେ ବ୍ୟବସ୍ଥା କରାଯାଇଛି। ବିଭିନ୍ନ ଉପକରଣ ନେବା ଆଣିବା ପାଇଁ ବ୍ୟବହୃତ ହେଉଥିବା ବଡବଡ ଯାନବାହନ



ଚଳାଚଳ ଯୋଗୁଁ ଉକ୍ତ ରାସ୍ତା ଅଧିକ ସମସ୍ୟା ସୃଷ୍ଟି କରୁଥିବା ଦେଖିବାକୁ ମିଳିଛି। ରାସ୍ତା ଉପରେ ଆଣ୍ଠୁଏ କାଦୁଅ ହୋଇସାରିଲାଣି। ଯେଉଁଥିପାଇଁ ଗାଁ କୁ ପଶି ପାରୁନି କୌଣସି ଯାନବାହନ।ଫଳ ସ୍ୱରୂପ ଗ୍ରାମବାସୀ ପ୍ରତିକୂଳ ପରିସ୍ଥିତିରେ ରହୁଥିବା ଦେଖିବାକୁ ମିଳିଛି। ଆମ୍ବୁଲାନ୍ସ ସେବା ଭଳି ଜରୁରୀକାଳୀନ ସୁବିଧା ଖଣ୍ଡିକ ଅପହଞ୍ଚ ହୋଇପଡିଛି ଏହି ରାସ୍ତା।ମେଗା ଜଳଯୋଗାଣ ପ୍ରକଳ୍ପର ନିର୍ମାଣ ସଂସ୍ଥା ଏହି ରାସ୍ତାକୁ ଅଧିକ ଖରାପ କରୁଥିବା ବେଳେ କମରାଘାଟ ଗ୍ରାମବାସୀଙ୍କ ଦୁର୍ଦ୍ଦଶା କୁ ବଢାଇଛି ବୋଲି ଗ୍ରାମବାସୀ କହିଛନ୍ତି।ପକ୍କା ରାସ୍ତା ଖଣ୍ଡେ ନିର୍ମାଣ କରିବାକୁ ଗ୍ରାମବାସୀ ବାରମ୍ବାର ଜନପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀ ମାନଙ୍କ ଦ୍ୱାରା ସରକାରଙ୍କୁ ଜଣାଇଥିଲେ ମଧ ଆଜିଯାଏ ନିରାଶର ଶିକାର ହେଇଥିବା ଅଭିଯୋଗ ଆସିଥାଏ। ପ୍ରାୟ ୧୦୦ ପରିବାର ବସବାସ କରୁଥିବା ଏହି ରାଜସ୍ୱ ଗ୍ରାମ ପ୍ରତି ସରକାର କାହିଁକି ବୈମାତୃକ ମନୋଭାବ ପୋଷଣ କରୁଛନ୍ତି ବୋଲି ଗ୍ରାମବାସୀ ଗଣମାଧ୍ୟମ ଆଗରେ ସରକାରଙ୍କୁ ପ୍ରଶ୍ନ ରଖିଥିଲେ।ପି ଡବ୍ଲ୍ୟୁ ଡି ରାସ୍ତା ଠାରୁ ଲାଠିଆଗୁଡା ପର୍ଯ୍ୟନ୍ତ ସଂଯୋଗ ହୋଇଥିବା ପ୍ରଧାନମନ୍ତ୍ରୀ ସଡକ ଠାରୁ ୩ କିଲୋମିଟର ଦୂର କମରାଘାଟ ଗାଁ ରାସ୍ତାକୁ ମଧ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ସାମିଲ୍ କରିବା ପାଇଁ ପ୍ରଶାସନକୁ ଜଣାଇଛନ୍ତି।ଯଦି ଏହି ରାସ୍ତାର ସମସ୍ୟା ଦୂର କରାନଗଲେ କମରାଘାଟ ଗ୍ରାମବାସୀ ନାନା ଅସୁବିଧାର ସାମ୍ନା କରିବେ ଏବଂ କେବଳ ଦୁର୍ଦ୍ଦଶା ହିଁ ଦୁର୍ଦ୍ଦଶା ଭୋଗିବେ।ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ସମସ୍ୟା ର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

# ସ୍ଲୋଗ-କୁଡୁତୁଲି ପ୍ରିନ୍ସପାଲଙ୍କ ନାମରେ ଅଭିଯୋଗ ଆଣିଲେ ଛାତ୍ରଛାତ୍ରୀ

**ନୂଆଗାଁ,(ମହାଭାରତ) :** କୁଡୁତୁଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରନ୍ସିପାଲଙ୍କ ବିରୋଧରେ ସାଂଘାତିକ ଅଭିଯୋଗ । କ.ନୁଆଗାଁ ଥାନାରେ ଲିଖିତ ଅଭିଯୋଗ କଲେ ଛାତ୍ରଛାତ୍ରୀଙ୍କ ଅଭିଭାବକ । ପ୍ରିନ୍ସିପାଲ୍ ପ୍ରଭାତ କୁମାର ଜେନାଙ୍କ ବିରୋଧରେ କଲେ ଅଭିଯୋଗ । ଦୀର୍ଘ ୭ ମାସ ହେଲା ଛାତ୍ରଛାତ୍ରୀଙ୍କ ମୋବାଇଲ୍ ଫୋନ୍ ଜବତ କରି ନଫେରାଇବାରୁ ଥାନାରେ ଅଭିଯୋଗ, ଛାତ୍ରଛାତ୍ରୀଙ୍କୁ ମାଡ ମାରିବା ଅଭିଯୋଗ କରିଛନ୍ତି ଛାତ୍ର ଛାତ୍ରୀ । ସୂଚନା ମୁତାବକ କନ୍ଧମାଳ ଜିଲ୍ଲାର କ. ନୂଆଗାଁ ବ୍ଲକ୍ ଅନ୍ତର୍ଗତ କୁଡୁତୁଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର +୨ ଶ୍ରେଣୀର ଅନ୍ତେବାସୀ ଛାତ୍ର ଛାତ୍ରୀଙ୍କ ଠାରୁ କିଛି ମୋବାଇଲ ଜବତ୍ ଘଟଣାର ସାତ ମାସ ପରେ ମଧ ମୋବାଇଲ ନପାଇବାରୁ ବାଧ ହୋଇ ଥାନାର ଦ୍ୱାରସ୍ଥ ହେଲେ ଅଭିଭାବକ। ଅଭିଯୋଗ ପ୍ରକାରେ କ.ନୂଆଗାଁ ଥାନା ପକ୍ଷରୁ ସଂପୃକ୍ତ ଅଧକ୍ଷ ପ୍ରଭାତ କୁମାର ଜେନାଙ୍କୁ ଥାନାରେ ଅଟକ ରଖି ପଚରା ଉଚରା କରିବା ପରେ ମୋବାଇଲ ଗୁଡ଼ିକୁ ଛାତ୍ର ଛାତ୍ରୀଙ୍କୁ ଫେରେଇ ଦେଇଥିଲେ କିନ୍ତୁ ଅନେକ ମୋବାଇଲ ଫୋନ୍ ଅଚଳ ଓ ଭଙ୍ଗା ଅବସ୍ଥାରେ ଥିବା ଦେଖି ପୁଣି ଥରେ ନ୍ୟାୟ ଆଶାରେ ଥାନାର ଦ୍ୱାରସ୍ଥ ହୋଇଥଲେ ଅଭିଭାବକ ମାନେ। ବର୍ତ୍ତମାନ ସାଧାରଣରେ ଚର୍ଚ୍ଚା ଜୋର ଯେ କାହା ନିର୍ଦ୍ଦେଶରେ ପ୍ରିନ୍ସପାଲ୍ ଏଭଳି କାର୍ଯ୍ୟ କରୁଛନ୍ତି ସେନେଇ ବିଭାଗୀୟ ଅଧିକାରୀ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ।ଏ ବିଷୟରେ ପ୍ରଧାନ ଶିକ୍ଷକଙ୍କ ପ୍ରତିକ୍ରିୟା ନେଇଥିଲୁ ସେ ଆଜକୁ ସାତ ମାସ ହେବ ଛାତ୍ର ଛାତ୍ରୀ ମାନଙ୍କ ଠାରୁ ମୋବାଇଲ ନେଇଥିବା କଥାକୁ ସ୍ୱୀକାର କରିଥିଲେ ।ଯଦି ଛାତ୍ର ଛାତ୍ରୀ ମାନେ ମୋବାଇଲ ଫୋନ



ହଷ୍ଟେଲ କୁ ନେଲେ ଅଧକ୍ଷ ସେହି ମୋବାଇଲ ସବୁକୁ ଜବତ କଲେ ତାହା ହେଲେ ଛାତ୍ର ଛାତ୍ରୀ ମାନଙ୍କ ବାପା, ମାଆ ମାନଙ୍କୁ ଡକାଇ ତାଗିଦ୍ କରିପାରିଥାନ୍ତେ କିମ୍ବା ଲିଖିତ ରଖି ମୋବାଇଲ ଗୁଡ଼ିକୁ ଅବିଭାବକଙ୍କୁ ଫେରାଇ ଦେବା କଥା କିନ୍ତୁ ଅଧକ୍ଷ ସେ ସବୁ ନ କରି ମୋବାଇଲ ଗୁଡ଼ିକୁ ରଖି ବ୍ୟବହାର କରି ଖରାପ, ଭଗାଂ ମୋବାଇଲ କୁ ଅଭିଭାବକ ମାନଙ୍କୁ ଫେରସ୍ତ କରିବାକୁ ନେଇ ଅଧକ୍ଷ ଙ୍କ ବିରୋଧରେ ଥାନାରେ ଏତଲା ଦେଲେ ଛାତ୍ରଛାତ୍ରୀ ଙ୍କ ଅବିଭାବକ ମାନେ ।

# ପୂର୍ତ୍ତ ବଭାଗର କର୍ମ ଚାରିଙ୍କ ବଦଳି କେବେ ?



**ଜଗପତି,(ମହାଭାରତ) :** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିରେ ଥିବା। ପୂର୍ତ୍ତ ବିଭାଗ ର କର୍ମ ଚାରି ଙ୍କ ବଦଳି ଦୀର୍ଘ ବର୍ଷ ହେଲା ବଦଳି ହୋଇନଥିବା ଦେଖିବାକୁ ମିଳିଛି ସରକାର ନିୟମ ଅନୁସାରେ ତିନି ବର୍ଷ ହେଲେ ଅନ୍ୟତ୍ର ବଦଳି ହେବା କଥା, ତାହା ବଦଳି ହଉ ନାହିଁ ଯାହା ଫଳରେ ବିଭାଗ ର ସ୍ୱଚ୍ଛ ତା। ଉପରେ ପ୍ରଶ୍ନ ବାଚି ସୃ ଷ୍ଟି କରିଛି। ବିଭାଗ ରେ କାର୍ଯ୍ୟରତ କର୍ମଚାରୀ ଅଞ୍ଚଳ ବସି ଅଟନ୍ତି। ଚତୁର୍ଥ ଶ୍ରେଣୀ କର୍ମଚାରୀ ଠାରୁ ଆରମ୍ଭ କରି ତୃତୀୟ ଶ୍ରେଣୀ କର୍ମ ଚାରି ପର୍ଯ୍ୟନ୍ତ କର୍ମଚାରୀ ମାନେ ଦସ ବର୍ଷ ରୁ କୋଡ଼ିଏ ବର୍ଷ ପରଯ୍ୟନ୍ତ କାର୍ଯ୍ୟରତ ଥିବ ର ଅଭି ଯୋଗ ହଉଛି । ଜିଲ୍ଲାରେ ବିକାଶ ସକାଶେ ଦିର୍ଘ୍ ଦିନ ହେଲା ରହିଥିବା କର୍ମଚାରୀ ଙ୍କୁ ବଦଳି ସକାଶେ ଦାବୀ ହଉଛି , ବିଭଗରେ ଦୁର୍ନୀତି ର ଗନ୍ତ । ଘର ପାଲଟିଥିବା ଅଭିଯୋଗ ହେବ। ସହ ବିଭାଗ ର ଦୁର୍ନୀତି ନେଇ ଖବର କାଗଜ ରେ ପ୍ରସାରଣ ହଉ ଥିବ। ଦେଖିବାକୁ ମିଳୁଛି। ନୂତନ ସରକାର ବୀଭ। ଗ ର କର୍ମଚାରୀ ଙ୍କୁ ତୁରନ୍ତ ବଦଳି କରିବା ଆବଶ୍ୟକ ତ। ରହିଛି ନିୟମ ଅନୁସାରେ ସରକାରଙ୍କର ଶ୍ୱ ଛ ତା ଉପରେ ପ୍ରଶ୍ନ ବା ।ଚୀ ଶ୍ରୁ ଷ୍ଟୀ କରିଛି ।

# ପରିବା ଦର ଆକାଶଛୁଆଁ; ବଢୁଛି ଅସନ୍ତୋଷ

**ବ୍ୟାସନଗର,(ମହାଭାରତ) :** ନିର୍ବାଚନ ସରୁ ସରୁ ପନିପରିବା ଦର ଆକାଶଛୁଆଁ। ହାଣ୍ଡିଶାଳରେ ଚଢ଼କ, ଖାଉଟିଙ୍କ ମୁଣ୍ଡବିନ୍ଧା ସାଜିଛି ଓ ଦର ଖସିବାର ନାଁ ଧରୁନାହିଁ । ମହଙ୍ଗା ହେବାରେ ଲାଗିଛି ବଜାର ଦର ଓ ପେଟ୍ରୋଲ, ଡିଜେଲ, ଗ୍ୟାସ ଦର ବଢ଼ିବା ସହିତ ଦିନକୁ ଦିନ ପନିପରିବା ଦର ହୁ ହୁ ହୋଇ ବଢ଼ିବାର ଲାଗିଛି। ଆଳୁ ପିଆଜ ଦର ବୃଦ୍ଧିରୁ ବାଦ୍ ପଡ଼ିନି ଓ ଫଳରେ ସିଧାସଳଖ ପ୍ରଭାବ ପଡ଼ିଛି ମଧବିତ୍ତ ଓ ଗରିବ ଶ୍ରେଣୀର ଲୋକଙ୍କ ଉପରେ ଓ ନୂତନ ସରକାର ଦର ନିୟନ୍ତ୍ରଣ କରିବାରେ ବିଫଳ ହେଉଥିବା, ଆଲୋଚନା ହେବା ସହିତ ସାଧାରଣରେ ଅସନ୍ତୋଷ ପାଉଛି। ଏଭଳି ପରିସ୍ଥିତି ପ୍ରକାଶ ସାରା ରାଜ୍ୟରେ ପରିଲକ୍ଷିତ ହେଉଥିବାବେଳେ ଯାଜପୁର ଜିଲ୍ଲା କୋରେଇ ଅଞ୍ଚଳ ମଧ ଏଥିରୁ ବାଦ୍ ପଡ଼ିନି। ଏ ଅଞ୍ଚଳରେ ଆକାଶ ଛୁଆଁ ପରିବା ଦର ସିଧାସଳଖ ଲୋକଙ୍କ ପକେଟକୁ ମାଡ଼ କରୁଛି।



ଦର ନିୟନ୍ତ୍ରଣ ପ୍ରତି କୌଣସି ପ୍ରଶାସନିକ ଲଗାମ ନ ଥିବାରୁ ଅସାଧୁ ବ୍ୟବସାୟୀ ମନଇଚ୍ଛା ଚଢା ଦରରେ ପନିପରିବା ବିକ୍ରି କରୁଛନ୍ତି। ଏ ଅଞ୍ଚଳରେ ଦର ନିୟନ୍ତ୍ରଣ କରିବାରେ ସରକାର ବିଫଳ ବିଭିନ୍ନ ପନିପରିବା ଚାଷ ହେଉଥିଲେ ମଧ ଚଳିତ ବର୍ଷ ନିଅଣ୍ଟିଆ ବର୍ଷା ସହିତ ବିଭିନ୍ନ ପ୍ରକଳ୍ପରୁ ଜଳଯୋଗାଣ ସୁଚାରୁରୂପେ ହୋଇ ନ ପାରିବାରୁ ପନିପରିବା ଚାଷ ଉପରେ ବହୁ ପ୍ରଭାବ ପଡ଼ିଛି। ଏଥିସହିତ ଏଠାରେ ମଣ୍ଡି କିମ୍ବା ଶୀତଳଭଣ୍ଡାର ନାହିଁ ପନିପରିବା ରଖୁବାକୁ। ଫଳସ୍ୱରୂପ ଲୋକଙ୍କ ଆବଶ୍ୟକତା ଅନୁଯାୟୀ ଏ ଅଞ୍ଚଳରେ ପନିପରିବା ମିଳୁନି । ବାଧ୍ୟ ହୋଇ ସ୍ଥାନୀୟ ବେପାରୀ ବାହାର ଜିଲ୍ଲା ଓ ରାଜ୍ୟ ଉପରେ ନିର୍ଭର କରୁଛନ୍ତି। ଯେପର୍ଯ୍ୟନ୍ତ ସ୍ଥାନୀୟ ଅଞ୍ଚଳରୁ ପନିପରିବା ଉତ୍ପାଦନ ନ ହୋଇଛି, ସେ ପର୍ଯ୍ୟନ୍ତ ଦର ଅଧିକା ରହିବ ବୋଲି କେତେକ ବ୍ୟବସାୟୀ ପ୍ରକାଶ କରନ୍ତି । ଅନ୍ୟପକ୍ଷରେ ପରିବା ଦର ଅଧିକା ହେତୁ ସାଧାରଣ ଭାବେ ଖାଉଟି ହନ୍ତସନ୍ତ ହେଉଥିବାବେଳେ ବ୍ୟବସାୟୀଙ୍କ ବେପାର ଆଶାଜନକ ହେଉନାହିଁ। ଉଭୟ ଖାଉଟି ଓ ବେପାରୀ ପରିବା ଦରକୁ ନେଇ ଚିନ୍ତିତ। ବର୍ତମାନ ପରିପ୍ରେକ୍ଷୀରେ ବଜାରରେ କିଲୋ ପ୍ରତି ବାଇଗଣ, ପୋଟଳ, କୋବି, ଝୁଡ଼ଙ୍ଗ, ଭେଣ୍ଡି, ଶାଗ, ଜହ୍ନି, କଲରାର ଦର ୭୦ ଟଙ୍କାରୁ ଉର୍ଦ୍ଧ୍ୱ ଥିବାବେଳେ ଟମାଟୋ କିଲୋ ଶହେ । ସେହିପରି କଞ୍ଚା ଲଙ୍କା ଓ ବିମ ଛୁଇଁ କିଲୋ ପ୍ରତି ୨ ଶହ ଟଙ୍କାରୁ ଅଧିକ ରହିଛି। ପୂର୍ବରୁ ୩ଶହ ଟଙ୍କାରେ ପରିବା କିଣିଲେ ବ୍ୟାଗ୍ ଫୁଲ୍ ହେଉଥିଲା । ଏବେ କିନ୍ତୁ ଅଧା ହେଉ ନ ଥିବା ଗ୍ରାହକ କହିବା ସହିତ ତଟକା ଓ ତାଜା ପନିପରିବା ବଦଳରେ ଅଧିକାଂଶ ଶୁଖୁଲା ଓ ବାସି ପରିବା ମିଳୁଛି। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଯଦି ଜିଲ୍ଲା ପ୍ରଶାସନ ପରିବା ଦର ବୃଦ୍ଧି ଉପରେ ହସ୍ତକ୍ଷେପ ନ କରେ, ତେବେ ଆଗକୁ ଏହି ସମସ୍ୟା ଆହୁରି ଜଟିଳ ହୋଇପଡ଼ିବ ଦର ବୃଦ୍ଧିକୁ ନିୟନ୍ତ୍ରଣ କରିବାକୁ ସାଧାରଣରେ ଦାବି ହେଉଛି।

# ଯୁବକଙ୍କୁ ଗୁଳିକରି ହତ୍ୟା, ଜଣେ ଗିରଫ

**ହିନ୍ଦୋଳ,(ମହାଭାରତ) :** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ ଗୋରୁ ମାଫିଆ ମାନେ ଗତ ୧୮ତାରିଖରେ ଦଶ ରାଉଣ୍ଡରୁ ଅଧିକ ଗୁଳି ଚାଳଣା କରି ଆତଙ୍କ ରଚାଇଥିବା ଭଳି ଆତଙ୍କ ଲୋକଙ୍କ ମନରୁ ଲିଭି ନଥିବାବେଳେ ଆଜି ଦିନଦ୍ୱିପହରରେ ପୁଣି ଆତତାୟୀଙ୍କ ପିସ୍ତଲରୁ ଫୁଟିଛି ଗୁଳି, ଝରିପଡିଛି ଗୋଟିଏ ନିରୀହ ଜୀବନ । ଖବରରୁ ପ୍ରକାଶ ହିନ୍ଦୋଳ ଥାନା ମହାଲୁଣ୍ଡା ପଂଚାୟତର ତୀର୍ଥ ସାହୁଙ୍କ ପୁଅ ସୁବାସ ସାହୁ(ବୁଲୁ) ୨୬ ବର୍ଷ ,ସେ କାର୍ଯ୍ୟ କରୁଥିବା ରାଶୋଳ ସ୍ଥିତ ୱାଟର ସେଡ଼ କାର୍ଯ୍ୟାଳୟକୁ ଅଫିସ କାର୍ଯ୍ୟରେ ଯାଉଥିବା ସମୟରେ ଅପରାହ୍ଣ ୪ଟା ବେଳେ ନୂଆବଗ ପଂଚାୟତ ଶନିମନ୍ଦିର ନିକଟରେ ବାଇକ୍‌ଦ୍ୱାରା ଯୋଗେ ଦୁଇଜଣ ପିସ୍ତଲଧାରୀ ଆତତାୟୀ ହୋଇ ହଠାତ ସୁବାସ ସାହୁ ଙ୍କ ଉପରକୁ



ପିସ୍ତଲରୁ ଗୁଳି ଚଳାଇବାରୁ ଗୁଳି ତାଙ୍କ ଡାହାଣ ପାଖ ଛାତିରେ ବାଜିଥିଲା ଓ ଘଟଣା ସ୍ଥଳରେ ସୁବାସ ଟଳି ପଡ଼ିଥିଲେ । ଗୁଳିମାଡ଼ କରି ଆତତାୟୀ ଦୁଇଜଣ ନିକଟସ୍ଥ ଜଙ୍ଗଲକୁ ପଳାୟନ କରିଥିବାବେଳେ ସ୍ଥାନୀୟ ଗ୍ରାମବାସୀ ଜଙ୍ଗଲକୁ ଘେରିଯାଇଥିଲେ ଏବଂ ଖବରପାଇ ତୁରନ୍ତ ହିନ୍ଦୋଳ ଓ ରସୋଳ ପୋଲିସ ପହଂଚି ଶବକୁ ଜବତକରି ବ୍ୟବଚ୍ଛେଦ ପାଇଁ ହିନ୍ଦୋଳ ଡାକ୍ତରଖାନା ପଠାଇଦେବା ସହ ଜଣେ ଆତତାୟୀକୁ ପିସ୍ତଲ ସହ ଧରିଛନ୍ତି ଏବଂ ଅନ୍ୟ ଜଣକୁ ଧରିବାପାଇଁ ଉଦ୍ୟମ ଚଳାଇଛନ୍ତି । ଗିରଫ ବ୍ୟକ୍ତି ଙ୍କ ନାମ ରିଙ୍କୁ ଖାଁ ବୋଲି ପୋଲିସ ସୂତ୍ରରୁ ପ୍ରକାଶ । ପୂର୍ବ ଶତ୍ରୁତା ଓ ରାଜନୈତିକ ଶତ୍ରୁତା ଓ ଠିକା କାମକୁ କେନ୍ଦ୍ର କରି ସୁବାସଙ୍କୁ ଟାର୍ଗେଟ କରାଯାଇଥିବା ତାଙ୍କ ପରିବାର ସୂତ୍ରରୁ ଜଣାପଡିଛି ଏବଂ ତଦନ୍ତ ପରେ ଘଟଣାର ପ୍ରକୃତ ରହସ୍ୟ ଓ ହତ୍ୟାକାଣ୍ଡର କାରଣ ଜଣାପଡିବ ବୋଲି ପୋଲିସ ପ୍ରକାଶ କରିଛି । ହିନ୍ଦୋଳ ଅଂଚଳରେ ବାରମ୍ବାର ଗୁଳି ଫୁଟିବା ସହ ମୃତାହତ ଘଟଣା ହିନ୍ଦୋଳରେ ଆତଙ୍କ ଖେଳାଇଦେଇଥିବା ବେଳେ ଜନସାଧାରଣ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ତୁରନ୍ତ ଆତତାୟୀ ଓ ମାଫିଆ ମାନଙ୍କୁ ଧରି ଜବତ କରିବାକୁ ହିନ୍ଦୋଳ ଜନସାଧାରଣ ଦାବି କରିଛନ୍ତି ।

# ଏକ୍ସପାଏର ମେଡିସିନ୍ ଖାଇ ୩୦ ଛାତ୍ର ଛାତ୍ରୀ ଅସୁସ୍ଥ

**ପାରାଦୀପ,(ମହାଭାରତ) :** ପାରାଦୀପ ଲକପଡ଼ା ରେ ସୋମବାର ଦିନ ଏକ ଅଭାବନୀୟ ଘଟଣା ଘଟିଯାଇଛି । ପ୍ରାୟ ୩ବର୍ଷ ତଳର ଏକ୍ସପାଏର ଔଷଧ ଖାଇ ପ୍ରାୟ ୩୦ ଜଣ ଛାତ୍ରଛାତ୍ରୀ ଅସୁସ୍ଥ ହୋଇ ପଡିଛନ୍ତି। ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ନିମନ୍ତେ ସ୍ଥାନୀୟ ବିଜୁ ମେମୋରିଆଲ ହସପିଟାଲରେ ଭର୍ତ୍ତି କରାଯାଇଛି । ଘଟଣାରୁ ଜଣାପଡ଼ିଛି ଯେ ପାରାଦୀପ ଅଠରବାଙ୍କି ସ୍ଥିତ ଲକପଡା ରେ ସରକାରୀ ପ୍ରାଥମିକ ବିଦ୍ୟାଳୟ ରହିଛି ଯେଉଁଠାରେ ସ୍ଥାନୀୟ ଅଞ୍ଚଳ ବାସିନ୍ଦା ଙ୍କ ପିଲାମାନେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢୁଛନ୍ତି । ସବୁ ଦିନପରି ଆଜି ମଧ୍ୟ ମଧାହ୍ନ ଭୋଜନ ପରେ ସ୍କୁଲ୍ ର ଶିକ୍ଷୟତ୍ରୀ ପିଲାମାନଙ୍କୁ ଆଇରନ୍ ବଟିକା ଖାଇବାକୁ ଦେଇଥିଲେ । କିନ୍ତୁ ଏହି ବଟିକା ଖାଇ ସାରିବା ପରେ ପିଲା ମାନେ ହଠାତ୍ ଅସୁସ୍ଥ ହୋଇ ପଡିଥିଲେ । ତେବେ ଏହି ଔଷଧ ସବୁ ୨୦୧୯ ମସିହାରେ ଉତ୍ପାଦିତ ହୋଇ ପ୍ରାୟ ଦୁଇ ବର୍ଷ ଏହାର ବ୍ୟବହାର ସମୟସୀମା ଧାର୍ଯ୍ୟ କରଯାଇ ୨୦୨୧ ରେ ମିଆଦ ପୁର୍ଣ୍ଣ ହୋଇଛି ବା ଏକ୍ସପାଏର ହୋଇଛି । କିନ୍ତୁ ଏହାକୁ ନଷ୍ଟ କରିବା ପରିବର୍ତ୍ତେ ପ୍ରାୟ ୩ବର୍ଷ ପରେ ଅର୍ଥାତ୍ ୨୦୨୪ ମସିହାରେ ପିଲାମାନଙ୍କୁ ଦିଆଯାଇଛି । ଯେଉଁଥିପାଇଁ ସ୍କୁଲ୍ ରେ ଏପରି ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି ବୋଲି କୁହାଯାଉଛି। ତେବେ ପିଲାମାନେ ଅସୁସ୍ଥ ହୋଇ ପଡିବା କାରଣରୁ ତାଙ୍କୁ ସ୍ଥାନୀୟ ବିଜୁ ମେମୋରିଆଲ ହସପିଟାଲରେ ଭର୍ତ୍ତି କରାଯାଇଥିଲା ଯେଉଁଠାରେ ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା କରିବା ପରେ ପିଲାମାନଙ୍କର ଅବସ୍ଥା କିଛିଟା ମାତ୍ରାରେ



ସୁସ୍ଥ ହୋଇଥିଲା । ଅପରପକ୍ଷେ ଏହି ଘଟଣା ପ୍ରଘଟ ହେବା ପରେ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଉତ୍ତେଜନା ଦେଖା ଦେଇଥିଲା ଏବଂ ଇତ୍ୟକ୍ତ ଅବିଭାବକ ମାନେ ଏକଜୁଟ୍ ହୋଇ ଆସି ସ୍କୁଲ୍ ଘର ତାଲା ପକାଇ ଦେଇଥିଲେ । ତେବେ ଘଟଣା ସ୍ଥଳରେ ପୋଲିସ୍ ପହଞ୍ଚି ଉତ୍‌ଯକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ମେଡିକାଲ ଯାଇ ପରିସ୍ଥିତି କୁ ନିୟନ୍ତ୍ରଣ କୁ ଆଣିଥିଲେ ୧ ତେବେ ଛୋଟ ଛୋଟ ପିଲା ପାଠ ପଢ଼ିବାକୁ ସ୍କୁଲ୍ ଆସୁଥିବା ବେଳେ ସ୍କୁଲ୍ ର ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ଦାୟିତ୍ୱଶୁନ୍ୟତା ଉପରେ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର

**ଦେବଗଡ଼,(ମହାଭାରତ) :** ରିଆମାଳ ବ୍ଲକ୍ର କଲ୍‌ହାବସା ଗ୍ରାମ ପଞ୍ଚାୟତର ସମ୍ମିଳନୀ କକ୍ଷରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗଦେଇ ଆସିଥିବା ୩୭ଟି ଅଭିଯୋଗ ଶୁଣାଣି କରି ଏହା ଉପରେ ଆବଶ୍ୟକୀୟ ପଦକ୍ଷେପ ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗ ଶୁଣାଣୀ ଶିବିରରେ ୨୦ ଟି ବ୍ୟକ୍ତିଗତ ସମସ୍ୟା ଏବଂ ୧୭ ଟି ସାମୁହିକ ସମସ୍ୟା ରହିଥିଲା। ରାସ୍ତା ମରାମତି, ନଳ କୂପ, ବିଦ୍ୟୁତ୍ ସମସ୍ୟା, ଶିକ୍ଷକ ନିଯୁକ୍ତି, ପ୍ରଧାନମନ୍ତ୍ରୀ ଆବାସିକ ଗୃହ, ୦.୦୪ ଜମିର ପଟ୍ଟା, ରାସନ୍ କାର୍ଡ, ପାଇଖାନା, ବଣୁଆ ହାତୀ ଉପଦ୍ରବ ରକ୍ଷା ନିମନ୍ତେ, ଜନସାଧାରଣ ମାନେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଭିଯୋଗ ଗୁଡ଼ିକ ଶୁଣିବା ପରେ ଏଗୁଡ଼ିକ ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ସଂପୃକ୍ତ ବିଭାଗ ର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିର ରେ ଆରକ୍ଷୀ ଅଧିକ୍ଷକ ଅନୁପମା ଜେମସ୍, ବନଖଣ୍ଡ ଅଧିକାରୀ ମଗରଧନାଜୀ ରାଓସ୍ୱ,ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଧର୍ମାନନ୍ଦ ବେହେରା,ଉପଜିଲ୍ଲାପାଳ ପରକ୍ଷିତ ସାହୁ,ଡେପୁଟୀ କଲେକ୍ଟର ଅଞ୍ଜୁନି କୁଜୁର ଓ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



# ବାପପୁଅଙ୍କୁ ହାଣିଲେ ସମ୍ପର୍କୀୟ ଭାଇ ଓ ପୁତୁରା

**କପ୍ତିପଦା,(ମହାଭାରତ) :** କପ୍ତିପଦା - ବିଲରେ ବାପା ପୁଅ କାମ କରୁଥିଲେ, ହେଲେ ସେଠାରେ ପହଁଚିଲେ ସମ୍ପର୍କୀୟ ଭାଇ ଓ ପୁତୁରା। ବିଲରେ ହିଡ଼ ଭାଙ୍ଗିବାକୁ ନେଇ ଉଭୟଙ୍କ ମଧରେ ଝଗଡା ହେଲା, ଆଉ ବାପା ପୁଅକୁ କଟୁରୀ ଓ କୋଦାଳରେ ବିଲ ଭିତରେ ହାଣିଲେ ସମ୍ପର୍କୀୟ ଭାଇ ଓ ପୁତୁରା। ଏଭଳି ଘଟଣା ଘଟିଛି କପ୍ତିପଦା ଥାନା ନୁଦଡିହା ଗ୍ରାମରେ। ଗ୍ରାମର ପରମାନନ୍ଦ ନାୟକ ଏବଂ ତାଙ୍କ ପୁଅ ସତ୍ୟସାଇ ନାୟକ ନିଜ ବିଲରେ କାମ କରୁଥିବା ବେଳେ ଉକ୍ତ ସମୟରେ ସମ୍ପର୍କୀୟ ଭାଇ ଜଗବନ୍ଧୁ ନାୟକ ଏବଂ ତାଙ୍କ ପୁଅ ତପନ ନାୟକ, ଶ୍ରୀନାଥ ନାୟକ ସେଠାରେ ପହଞ୍ଚି ବିଲରେ କାମ କରିବାକୁ ବିରୋଧ କରିଥିଲେ। ଏପରି ବିଲରେ କାମ ବନ୍ଦ ନ କରିଲେ ହାଣିଦେବେ ବୋଲି କହିଥିଲେ। ଯାହାକୁ ଉଭୟଙ୍କ ମଧରେ ଝଗଡା ହୋଇଥିଲା, ଝଗଡା ଏତେ ଉଗ୍ର ରୂପ ନେଲା ଯେ ସମ୍ପର୍କୀୟ ଭାଇ ଏବଂ ପୁତୁରା କଟୁରୀ ଧରି ପରମାନନ୍ଦ ନାୟକ ଏବଂ ତାଙ୍କ ପୁଅ ସତ୍ୟସାଇ ନାୟକକୁ ହାଣିଥିଲେ। ଗୁରୁତର ଅବସ୍ଥାରେ ଉଭୟ ବାପାପୁଅଙ୍କୁ ଚିକିତ୍ସା ନିମନ୍ତେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ଉଭୟଙ୍କ ଅବସ୍ଥା ଗୁରୁତର ରହିଛି। ଏ ନେଇ କପ୍ତିପଦା ଥାନାରେ ଅଭିଯୋଗ ହୋଇଥିବା ଜଣାଯାଇଛି।

# କପ୍ତିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନ ଶୁଣାଣୀ

**ଉଦଳା,(ମହାଭାରତ) :** ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ କପ୍ତିପଦା ଉପଖଣ୍ଡ ଉଦଳାର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ଜନଶୁଣାଣୀ ଶିବିରରେ ଜିଲ୍ଲାପାଳ, ମୟୂରଭଞ୍ଜ ଦତ୍ତାତ୍ରିୟ ଭାଉସାହେବ ଶିନ୍ଦେ ଏବଂ ଆରକ୍ଷୀ ଅଧିକ୍ଷକ ମୟୂରଭଞ୍ଜ, ଏସ୍. ସୁଶ୍ରୀ ଯୋଗଦେଇ ୧୧୨ ଗୋଟି ଜନ ଅଭିଯୋଗର ଶୁଣାଣୀ କରିଛନ୍ତି । ଉପଖଣ୍ଡର ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଶିକ୍ଷାନବୀଶ ଭାବେ ମୟୂରଭଞ୍ଜ ଜିଲ୍ଲାରେ ଯୋଗ ଦେଇଥିବା ଭା.ପ୍ର.ସେ. ସୁଶ୍ରୀ ଆଶନୀ ଏ.ଏଲ, ପ୍ରକଳ୍ପ ପ୍ରଶାସକ ଆଇ.ଟି.ଡ଼ି.ଏ ନରେନ୍ଦ୍ର ଖମାରୀ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ସାର୍ଥକ ରାୟ, ଉପଖଣ୍ଡ ଚିକିତ୍ସାଳୟ ଅଧକ୍ଷକ ଡ଼. ଲକ୍ଷ୍ମୀକାନ୍ତ ପତି ଯୋଗ ଦେବା ସହ ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାଙ୍କ ସମେତ ଜିଲ୍ଲା ଓ ଉପଖଣ୍ଡ ତଥା ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଶୁଣାଣୀ କାର୍ଯ୍ୟରେ ସହଯୋଗ କରିଥିଲେ । ସମସ୍ତ ଅଭିଯୋଗ ମଧ୍ୟରେ ୯୪ ଗୋଟି ବ୍ୟକ୍ତିଗତ ସମସ୍ୟା ସମ୍ବଳିତ ଥିବା ସ୍ଥଳେ ୧୮ ଗୋଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା । ସେଥିମଧ୍ୟରୁ ୫ ଗୋଟି ସମସ୍ୟାର ତତ୍କାଳ ସମାଧାନ କରାଯାଇ ଜଣଙ୍କୁ ସରକାରୀ ଆର୍ଥିକ



ସହାୟତା ବାବଦରେ ୫ ହଜାର ଟଙ୍କା, ଏବଂ ଅନ୍ୟ ଚାରିଜଣଙ୍କୁ ଚିକିତ୍ସା ନିମନ୍ତେ ୩୫ ହଜାର ଟଙ୍କା ମୋଟ ୪୦ ହଜାର ଟଙ୍କା ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ପ୍ରଦାନ କରାଯାଇଥିଲା। ଆଜିର ଶୁଣାଣୀରେ ବିଭିନ୍ନ ବିଭାଗ ପାଇଁ ଆସିଥିବା ଅଭିଯୋଗ ଗୁଡ଼ିକ ମଧ୍ୟରେ ଉଦଳା ପୁରୁଣା ବୈତରଣୀ ବ୍ୟାଙ୍କ ଛକରେ ଥିବା ଟ୍ରାନ୍ସଫରମର ସ୍ଥାନାନ୍ତର, ଉଦଳା ହାଇସ୍କୁଲ ନାମରେ ଥିବା ଅଧୁକ ଜମିକୁ ଉଦଳା ଏଥଲେଟିକ୍ ଏସୋସିଏସନ ନାମରେ ନାମିତ କରିବା, ଅସୁରକ୍ଷିତ ଘୋଷିତ ବାର ଏସୋସିଏସନ ଗୃହ ମରାମତି, ଉଦଳାରେ ନିର୍ମିତ ହେବାକୁ ଥ ?ିବା ନୂତନ ବସଷ୍ଟାଣ୍ଡ ସ୍ଥାନାନ୍ତର, କପ୍ତିପଦା ବ୍ଲକ୍ ନୂଆସାହି ବଜାର ମଧ ଦେଇ ଯାଇଥିବା ପକ୍ ?କା ରାସ୍ତା ତଳେ ପାଣି ନିଷ୍କାସନ ଓ ସ୍ଥାୟୀ ଡ୍ରେନ ନିର୍ମାଣ, କପ୍ତିପଦା ଗୋଲେଇ ଛକ ଠାରୁ ବାଲେଶ୍ୱର ମୁଖ୍ୟ ରାସ୍ତାରେ ଜଳସ୍ରୋତ ଗତିପଥ ଅବରୋଧ, ମଝିଗଡ଼ିଆ ଗ୍ରାମ ଚାଷ ଜମି ପାଇଁ ଉଦ୍ଦିଷ୍ଟ ଉଠା ଜଳସେଚନ ଯନ୍ତ୍ର ମରାମତି ସହିତ ବିଦ୍ୟୁତ୍ ସଂଯୋଗ, କପ୍ତିପଦା ଜଗନ୍ନାଥ ମନ୍ଦିର ପରିସରରେ ଆମ ଓଡିଶା ନବୀନ ଓଡ଼ିଶା କାମରେ ଦୁର୍ନୀତି, କପ୍ତିପଦା ବ୍ଲକର ସାନଖଲାଡ଼ି ଓ ମହୁଲଡିହା ଗ୍ରାମରେ ଜବର ଦଖଲ ଉଚ୍ଛେଦ, ଗୋପବନ୍ଧୁନଗର ତହସିଲର ବଡ଼ବେଲାକୁଟୀ ଗ୍ରାମର ଗୋଚର ଜମି ଜବର ଦଖଲ, ଦାଉଁଡ଼ିଆ ଗ୍ରାମର ମନ୍ଦିର ପ୍ରାଙ୍ଗଣ ଜବରଦଖଲ, ଖୁଣ୍ଟା ବ୍ଲକ୍ କରକଟିଆ ପଞ୍ଚାୟତ ବାରୁଡ଼ିହି ଗ୍ରାମର ସରକାରୀ ସ୍କୁଲ ଜମି ଜବରଦଖଲ ଉଚ୍ଛେଦ ଆଦି ଅଭିଯୋଗ ଗୁଡ଼ିକ ଉପରେ ବିଚାର କରି ତାର ସମାଧାନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ, ମୟୂରଭଞ୍ଜ ନିର୍ଦ୍ଦେଶ ଦେଇଥିଲେ । ସର୍ବଶେଷରେ ୪ଜଣ ଛାତ୍ରଛାତ୍ରୀ (ଯାହାଙ୍କର ପିତା ମାତା ଭିନ୍ନକ୍ଷମ) ଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ୫୦ ହଜାର ଟଙ୍କା ଲେଖାଏଁ ବୃଷ୍ଟି ରାଶିର ଚେକ୍ ଜିଲ୍ଲାପାଳ ପ୍ରଦାନ କରିଥିଲେ । ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଡ଼େପୁଟୀ କଲେକ୍ଟର ପ୍ରତୀକ୍ ପଣ୍ଡା ଓ କାର୍ଯ୍ୟାଳୟର କର୍ମଚାରୀ ଶାଙ୍ଗାଇ ହେମ୍ବ୍ରମ, ରମେଶ ପୃଷ୍ଟି, ସାଇ ସରୂପ କର, ତାପସ ପ୍ରଧାନ, ଉଷାରାଣୀ ବିନ୍ଧାଣୀ, ଲକ୍ଷ୍ମଣ ରାଉତରାୟ, ଭବାନୀ ପଣ୍ଡା, ଉଦୟ ନାୟକ, କୈଳାସ ଦୈନିକ ଓ ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ସହଯୋଗ କରିଥିବାର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନଙ୍କ ଠାରୁ ପ୍ରକାଶ ।

# ଗୁରୁପୂର୍ଣ୍ଣିମାରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ରାଜରାଜେଶ୍ୱର ବେଶ



**ଗଜପତି,(ମହାଭାରତ) :** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜଗନ୍ନାଥ ମନ୍ଦିରରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରାଜରାଜେଶ୍ୱ ବେଶ ରାଜାଧି ରାଜ୍ ବେଶ ବା ଲକ୍ଷ୍ମୀ ନାରାୟଣ ବେଶ ଅନୁଷ୍ଠିତ ହୋଇଯାଇଛି। ଚତୁର୍ଦ୍ଧାମୂର୍ତ୍ତିଙ୍କ ବାହୁଡ଼ାଯାତ୍ରା ପରେ ଆଜି ପ୍ରଭୁ ତାଙ୍କ ଭକ୍ତ ମାନଙ୍କୁ ଦର୍ଶନ ଦେବା ପାଇଁ ଲକ୍ଷ୍ମୀ ନାରାୟଣ ବେଶ ଧାରଣ କରିଛନ୍ତି। ସକାଳୁ ଭକ୍ତ ମାନେ ନଡ଼ିଆ କଦଳୀ ଧୂପ ଦୀପ ତୁଳସୀ ଧରି ଠାକୁରଙ୍କ ପୂଜାର୍ଚ୍ଚନା କରିଥିଲେ ।ଠାକୁରଙ୍କ ଏହି ବେଶ ଦେଖିବା ପାଇଁ ବହୁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା ।ମନ୍ଦିରରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଠାକୁରଙ୍କ ଏହି ଅଲୌକିକ ବେଶ ଦର୍ଶନ କଲେ ପରିବାରରେ ଶାନ୍ତି, ପୂର୍ଣ୍ଣତା ଆସିଥାଏ ବୋଲି ବିଶ୍ୱାସ ରହିଛି।

# ପ୍ୟାରିସ ଅଲିମ୍ପିକ୍ସ ପରେ ଅବସର ନେବେ ଶ୍ରୀଜେଶ

ନୂଆଦିଲ୍ଲୀ, ୨୨।୭(ଏଜେନ୍ସି): ପ୍ୟାରିସ ଅଲିମ୍ପିକ୍ସ ପରେ ଅନ୍ତର୍ଜାତୀୟ ହକିରୁ ଅବସର ନେବେ ଭାରତୀୟ ଟିମ୍‌ର ଭେଟେରାନ ଗୋଲ୍‌କିପର ପିଆର୍ ଶ୍ରୀଜେଶ।ସେ ଆଜି ସୋଶାଲ ମିଡିଆରେ ଏହି ଘୋଷଣା କରିଛନ୍ତି।

ଜୁଲାଇ ୨୬ରୁ ଆରମ୍ଭ ହେବ ପ୍ୟାରିସ ଅଲିମ୍ପିକ୍ସ ଏହା ହେବ ଶ୍ରୀଜେଶଙ୍କ ଚତୁର୍ଥ ଅଲିମ୍ପିକ୍ସ ୨୦୨୧ ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ହକି ଟିମ୍ ବ୍ରୋଞ୍ଜ ପଦକ ଜିତିଥିବା ବେଳେ ଶ୍ରୀଜେଶ ଏହାର ସଦସ୍ୟ ଥିଲେ।



୨୦୦୬ରେ ଭାରତୀୟ ସିନିୟର ଟିମ୍ ପାଇଁ ଡେବ୍ୟୁ କରିଥିଲେ ଶ୍ରୀଜେଶ। ସେ ଭାରତ ପକ୍ଷରୁ ୩୦୦ରୁ ଅଧିକ ମ୍ୟାଚ୍ ଖେଳି ସାରିଛନ୍ତି। ୨୦୦୪ରେ ଜାତୀୟ ଜୁନିୟର ଟିମ୍‌ରେ ସାମିଲ ହୋଇଥିଲେ। ଶ୍ରୀଜେଶ ପର୍ଥରେ ଅଷ୍ଟ୍ରେଲିଆ ବିପକ୍ଷରେ ସେ ଜାତୀୟ ଜୁନିୟର ଟିମ୍ ତରଫରୁ ଖେଳିଥିଲେ ପ୍ରଥମ ମ୍ୟାଚ୍ ୨୦୦୬ରେ କୋଲମ୍ବୋରେ ଅନୁଷ୍ଠିତ ଦକ୍ଷିଣ ଏସୀୟ କ୍ରୀଡ଼ାରେ ସେ ଜାତୀୟ ସିନିୟର ଟିମ୍‌ରେ ଡେବ୍ୟୁ କରିଥିଲେ।

ଶ୍ରୀଜେଶ ସୋଶାଲ ମିଡିଆରେ ଲେଖିଛନ୍ତି ଯେ ସେ ତାଙ୍କ ଅନ୍ତର୍ଜାତୀୟ ହକି କ୍ୟାରିୟରର ଶେଷ ଅଧ୍ୟାୟରେ ପହଞ୍ଚିଛନ୍ତି। ତାଙ୍କର ଏହି ହକି ଯାତ୍ରା ଜିଭି ରାଜା ସ୍ପୋର୍ଟସ ସ୍କୁଲରୁ ଆରମ୍ଭ ହୋଇଥିଲା। ସେ ଲେଖିଛନ୍ତି, ମୁଁ ଏବେ ବି ମନେ ରଖିଛି ଯେ ମୋ ବାପା ଆମର ଏକ ଗାଈ ବିକ୍ରି କରି ମୋର ପ୍ରଥମ କିଟ୍ କିଣିଥିଲେ। ତାଙ୍କର ଏହି ତ୍ୟାଗ ମୋ ମନ ଭିତରେ ନିଆଁ ଲଗାଇ ଦେଇଥିଲେ, ଯାହା ମୋତେ କଠିନ ପରିଶ୍ରମ କରିବାକୁ ଓ ବଡ଼ ସ୍ୱପ୍ନ ଦେଖିବାକୁ ପ୍ରେରିତ କରିଥିଲା। ମୋର ପ୍ରଥମ ଅନ୍ତର୍ଜାତୀୟ ଟ୍ରିପ୍‌ରେ ମୁଁ ଅଷ୍ଟ୍ରେଲିଆ ଯାଇଥିଲି, ଯାହା ଆଶ୍ଚର୍ଯ୍ୟ ଓ ଉତ୍ସାହରେ ଭରିଥିଲା ବିଦେଶ ମାଟିରେ ଜଣେ ଯୁବକ ତା ସ୍ୱପ୍ନର ପିଛା କରୁଥିଲା।

୨୦୧୨ ଲଣ୍ଡନ ଅଲିମ୍ପିକ୍ସର ତିକ୍ତ ଅନୁଭୂତି କଥା ମଧ୍ୟ ଶ୍ରୀଜେଶ ତାଙ୍କ ସୋଶାଲ ମିଡିଆ। ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ସେ ଲେଖିଛନ୍ତି, ସମସ୍ତ ମ୍ୟାଚ୍ ହାରିଯିବାକୁ ସ୍ୱୀକାର କରି ନେବା ସହଜ ନଥିଲା। ଏହା ପିତା ବଟିକା ଖାଇବା ସଦୃଶ ହୋଇଥିଲା। କିନ୍ତୁ ଏହା ଟର୍ଣ୍ଣିଂ ପଏଣ୍ଟ ଥିଲା। ସେହି ପରାଜୟର ଗ୍ଲାନି ଭିତରେ ମୁଁ ଉଠିବାକୁ ସଂକଳ୍ପ ନେଇଥିଲି ଓ ତାପରେ କେବେ ପଛକୁ ଫେରି ଚାହିଁନାହିଁ।

ଏହି ପୋଷ୍ଟରେ ଶ୍ରୀଜେଶ ପ୍ରଥମ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ପାକିସ୍ତାନକୁ ହରାଇ ଭାରତ ଚାମ୍ପିୟନ ହେବା ବିଷୟରେ ଲେଖିଛନ୍ତି। ସେ ଲେଖିଛନ୍ତି ଯେ ତାହା ଏକ ଐତିହାସିକ ମୁହୂର୍ତ୍ତ ଥିଲା। ସେହିପରି ଅଲିମ୍ପିକ୍ସରେ ଭାରତୀୟ ଦଳର ନେତୃ ନେବା ତାଙ୍କ ପାଇଁ ଏକ ସମ୍ମାନ ଥିଲା, ଯାହାକୁ ସେ ଶବ୍ଦରେ ବର୍ଣ୍ଣନା କରିପାରିବେ ନାହିଁ ବୋଲି ଲେଖିଛନ୍ତି ବିଶ୍ୱର ଶ୍ରେଷ୍ଠ ଗୋଲକିପର ଭାବେ ପୁରସ୍କୃତ ହେବା ଏକ ଏଭଳି ସ୍ୱୀକୃତି ଥିଲା, ଯାହା ସବୁଦିନ ପାଇଁ ତାଙ୍କୁ ଆନନ୍ଦିତ କରିବ ବୋଲି ଶ୍ରୀଜେଶ ଲେଖିଛନ୍ତି ୨୦୨୦ ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତି ସେମାନଙ୍କର ଏକ ସ୍ୱପ୍ନ ପୂରଣ ହୋଇଥିଲା ବୋଲି ସେ ଲେଖିଛନ୍ତି।

ଶ୍ରୀଜେଶ ଲେଖିଛନ୍ତି, ମୁଁ ଏବେ ମୋର ଶେଷ ଖେଳ ପାଇଁ ପ୍ୟାରିସ୍‌ରେ ପ୍ରସ୍ତୁତି କରୁଥିବା ବେଳେ ଅତୀତକୁ ଯେତେବେଳେ ଦେଖୁଛି ଗର୍ବ ଅନୁଭବ କରୁଛି ଓ ଭବିଷ୍ୟତକୁ ନେଇ ଆଶାବାଦୀ ଅଛି ମୋ ପରିବାର, ଟିମ୍‌ର ସଦସ୍ୟ, କୋଚ୍ ଓ ପ୍ରଶଂସକଙ୍କ ଭଲପାଇବା ଏବଂ ସମର୍ଥନ ପାଇଁ ମୁଁ ସେମାନଙ୍କ ନିକଟରେ ସାରା ଜୀବନ କୃତଜ୍ଞ ରହିବି।

## ଆଇସିସିର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

# ମହିଳା ଟି-୨୦ ବିଶ୍ୱକପରେ ଅଧିକ ଟିମ୍

କଲମ୍ବୋ, ୨୨।୭(ଏଜେନ୍ସି): ଚଳିତବର୍ଷ ଆମେରିକା ଓ ୱେଷ୍ଟଇଣ୍ଡିଜରେ ଅନୁଷ୍ଠିତ ଟି-୨୦ ବିଶ୍ୱକପ୍‌ର ରୋମାଞ୍ଚ ପରେ ଆଇସିସି ଏବେ ବଡ଼ ଘୋଷଣା କରିଛି। ଆଗାମୀ ବିଶ୍ୱକପଗୁଡ଼ିକରେ ଦଳ ସଂଖ୍ୟାକୁ ନେଇ ଏହି ଘୋଷଣା କରାଯାଇଛି।



ଗତ ଜୁନ୍‌ରେ ଅନୁଷ୍ଠିତ ଏହି ବିଶ୍ୱକପ୍ ରେ ମୋଟ ୨୦ଟି ଦଳ ଅଂଶଗ୍ରହଣ କରିଥିଲେ। ପୁରୁଷ ଟି-୨୦ ବିଶ୍ୱକପ୍ ଇତିହାସରେ ପ୍ରଥମ ଥର ପାଇଁ ଏତେ ସଂଖ୍ୟକ ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିଲେ। ଏହାକୁ ଦୃଷ୍ଟିରେ ରଖି ଆଇସିସି ଏବେ ମହିଳା ଟି-୨୦ ବିଶ୍ୱକପର ପରିସର ବି ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛି ଏବଂ ଆଗାମୀ ଟୁର୍ଣ୍ଣାମେଣ୍ଟରେ ଏହାକୁ ୧୬କୁ ବୃଦ୍ଧି କରାଯିବ। ଟି-୨୦ କ୍ରିକେଟର ଲୋକପ୍ରିୟତା ବୃଦ୍ଧି ଏବଂ ନୂଆ। ଦେଶର ଦଳର ପ୍ରଦର୍ଶନରେ ଉନ୍ନତିକୁ ଦୃଷ୍ଟିରେ ରଖି ଆଇସିସି ଏହି ନିଷ୍ପତ୍ତି ନେଇଛି। ଗତ ଶନିବାର ଏବଂ ରବିବାର ଶ୍ରୀଲଙ୍କାର ରାଜଧାନୀ କଲମ୍ବୋରେ ଆଇସିସି ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ବ୍ୟତୀତ ବୋର୍ଡ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଆଇସିସିର ସମସ୍ତ ସଦସ୍ୟ ବୋର୍ଡ ଅଧିକାରୀ ଉପସ୍ଥିତ ଥିଲେ। ଏବଂ ଏହି ସମୟରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ନିଷ୍ପତ୍ତି ନିଆଯାଇଥିଲା, ଯେଉଁଥିରେ ମହିଳା ଟି-୨୦ ବିଶ୍ୱକପରେ ଦଳ ସଂଖ୍ୟା ବୃଦ୍ଧି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିଲା। ପୁରୁଷ ଓ ମହିଳା କ୍ରିକେଟରେ ସମାନତାକୁ ପ୍ରୋତ୍ସାହିତ କରିବା ଅଭିଯାନର ଏକ ଅଂଶ ଭାବରେ ଆଇସିସି ଏହି ନିଷ୍ପତ୍ତି ନେଇଛି।

ଅନ୍ତର୍ଜାତୀୟ ପରିଷଦ ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି ଯେ ଧୀରେ ଧୀରେ ଟୁର୍ଣ୍ଣାମେଣ୍ଟରେ ଭାଗ ନେଉଥିବା ଦଳର ସଂଖ୍ୟା ବୃଦ୍ଧି କରାଯିବ। ୨୦୩୦ ସୁଦ୍ଧା ଉଭୟ ମହିଳା ଓ ପୁରୁଷ ଟି-୨୦ ବିଶ୍ୱକପରେ ଅଧିକ ଦଳଙ୍କୁ ସାମିଲ କରାଯିବ।

# ମିଛ ଖବରକୁ ନେଇ କ୍ଷୁବ୍ଧ ସାମୀ

ନୂଆଦିଲ୍ଲୀ, ୨୨।୭: କ୍ରିକେଟର ମହମ୍ମଦ ସାମୀ ଓ ପୂର୍ବତନ ଷ୍ଟାର ଟେନିସ ଖେଳାଳୀ ସାନିଆ। ମୀର୍ଜାଙ୍କ ବାହାଘର ଖବର ନେଇ ସବୁଠି ଚର୍ଚ୍ଚା। ଏହି ଚର୍ଚ୍ଚା ଉପରେ ଅସନ୍ତୋଷ ପ୍ରକାଶ କରି ପ୍ରତିକ୍ରିୟା ରଖିଛନ୍ତି ମହମ୍ମଦ ସାମୀ। କାହାର ବ୍ୟକ୍ତିଗତ ଜୀବନକୁ ନେଇ ମିଛ ଖବର ପ୍ରଚାର କରିବା ଉଚିତ ନୁହେଁ ଓ ମିଛ ଆକାଉଣ୍ଟରେ ଯେଉଁଭଳି ଭାବେ ଫଟୋ ଏଡିଟ କରାଯାଉଛି ଏହା ନିନ୍ଦନୀୟ ବୋଲି କହିଛନ୍ତି।କାହାର ପରିବାର, ସମ୍ମାନକୁ ନେଇ ମିଛ ଖବର ପ୍ରସାରଣ ଉପରେ ରୋକ ଲଗାଯିବା ଜରୁରୀ ବୋଲି ନିଜ ମତାମତ ଦେଇଛନ୍ତି।





ସାନିଆଙ୍କ ପୂର୍ବ ସ୍ୱାମୀ ତଥା ପାକିସ୍ତାନ କ୍ରିକେଟର ସୋଏବ ମଲ୍ଲିକଙ୍କଠୁ ଅଲଗା ହେବା ପରେ ମହମ୍ମଦ ସାମୀଙ୍କ ସହ ବାହାଘରକୁ ନେଇ ଭଳିକି ଭଳି ଖବର ଆସୁଛି ।ସେପଟେ ସାମୀ ମଧ୍ୟ ବିବାହ ବିଚ୍ଛେଦ ପରେ କେବଳ ଖେଳରେ ଫୋକସ କରୁଥିବା କହିଛନ୍ତି ।

# ବାହାର ରାଜ୍ୟରୁ ଖେଳିବେ ତାରକା କ୍ରିକେଟର୍ ଶୁଭ୍ରାଂଶୁ

ଭୁବନେଶ୍ୱର, ୨୨।୭: ରାଜ୍ୟର ଅନ୍ୟତମ ପ୍ରତିଷ୍ଠିତ କ୍ରିକେଟ ତାରକା ଶୁଭ୍ରାଂଶୁ ସେନାପତି ଓଡ଼ିଶା ଛାଡ଼ି ବାହାର ରାଜ୍ୟରୁ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ସିଜନରେ ସେ ସମ୍ଭବତଃ ମଧ୍ୟପ୍ରଦେଶ କିମ୍ବା ବିଦର୍ଭ ପକ୍ଷରୁ ଖେଳିପାରନ୍ତି। ଏଥିପାଇଁ ସେ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)କୁ ଏନ୍‌ଓସି ପାଇଁ ଆବେଦନ ମଧ୍ୟ କରି ସାରିଛନ୍ତି। ଆନୁଷ୍ଠାନିକ ଭାବେ ସେ କିଛି ଘୋଷଣା କରି ନ ଥିଲେ ମଧ୍ୟ ସମ୍ଭବତଃ ବାହାର ରାଜ୍ୟରୁ ଖେଳିଲେ ତାଙ୍କ କ୍ରିକେଟ କ୍ୟାରିୟର ଆଗକୁ ବଢ଼ିପାରିବ ବୋଲି ସେ ଅନୁମାନ କରୁଛନ୍ତି।

ଏହା ମୋର ସମ୍ପୂର୍ଣ୍ଣ ବ୍ୟକ୍ତିଗତ ନିଷ୍ପତ୍ତି କେତେକ ସ୍ଥାନରୁ ମୋ ପାଇଁ ଅଫର ଆସିଛି। ମୁଁ ଏହାକୁ ଚ୍ୟାଲେଞ୍ଜ ଭାବେ ନେବାକୁ ଚାହୁଁଛି। ଭବିଷ୍ୟତରେ ଯେ ମୁଁ ପୁଣି ଓଡ଼ିଶା ପକ୍ଷରୁ ଖେଳିବିନି ଏହା ଭୁଲ କଥା ବାହାର ରାଜ୍ୟରୁ ଖେଳି ଭାଗ୍ୟ ପରୀକ୍ଷା କରିବାକୁ ଚାହୁଁଥିବାରୁ ଏପରି ନିଷ୍ପତ୍ତି ନେଉଛି ବୋଲି ଶୁଭ୍ରାଂଶୁ ପ୍ରକାଶ କରିଛନ୍ତି।

ପ୍ରକାଶଯୋଗ୍ୟ ଯେ ରବିବାର ଶେଷ ହୋଇଥିବା ଓଡ଼ିଶା କ୍ରିକେଟ ଲିଗ୍ (ଓସିଏଲ)ରେ ୬ଟି ଦଳ ଅଂଶଗ୍ରହଣ କରିଥିଲେ ହେଁ ସେଥିରେ ଶୁଭ୍ରାଂଶୁଙ୍କ ନାଁ ନ ଥିଲା। ଏହା ଅନେକଙ୍କୁ ବିସ୍ମିତ କରିଥିଲା। ମାତ୍ର ଆହତ ସମସ୍ୟା ଯୋଗୁ ଏପରି ହୋଇଥିବା ସେ କହିଛନ୍ତି। ଶୁଭ୍ରାଂଶୁ ୨୦୧୬-୧୭ ସିଜନରେ ଓଡ଼ିଶା



ପକ୍ଷରୁ ରଣଜୀ ଟ୍ରଫିରେ ଡେବ୍ୟୁ କରିଥିଲେ। ସେହିବର୍ଷ ସେ ଆନ୍ତଃରାଜ୍ୟ ଟି୨୦ ଟୁର୍ନାମେଣ୍ଟରେ ଟି୨୦ ଏବଂ ବିଜୟ ହଜାରେ ଟ୍ରଫିରେ ଲିଷ୍ଟ-ଏ ପଦାର୍ପଣ କରିଥିଲେ। ୨୦୧୭-୧୮ ସିଜନରେ ସେ ୬ ମ୍ୟାଚରୁ ୪୨୭ ଓ ୨୦୧୮-୧୯ ସିଜନରେ ୬୧୭ ରନ କରି ଓଡ଼ିଶା ପକ୍ଷରୁ ଅଗ୍ରଣୀ ସ୍କୋରର ହୋଇଥିଲେ। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ପାଇଁ ୨୦୨୨ରେ ହୋଇଥିବା ଖେଳାଳି ନିଲାମରେ ଚେନ୍ନାଇ ସୁପର କିଙ୍ଗ୍ସ ତାଙ୍କୁ କିଣିଥିଲା ଏବଂ ୨୦୨୩ ସିଜନ ପାଇଁ ରିଟେନ ରଖିଥିଲା। ଇତିମଧ୍ୟରେ ସେ ୫୧ଟି ପ୍ରଥମ ଶ୍ରେଣୀ କ୍ରିକେଟ ମ୍ୟାଚରେ ୮ ଶତକ ସହ ୨୯୬୭ ରନ ସ୍କୋର କରିଛନ୍ତି। ତାଙ୍କର ସର୍ବାଧିକ ସ୍କୋର ହେଉଛି ୨୭୭ ରନ ଏହା ବ୍ୟତୀତ ସେ ୪୯ ଲିଷ୍ଟ-ଏ ମ୍ୟାଚରୁ ୨ ଶତକ ସହ ୧୩୫୦ ଓ ୩୯ଟି ଟି୨୦ ମ୍ୟାଚରେ ଗୋଟିଏ ଶତକ ସହିତ ୧୦୮୨ ରନ ସଂଗ୍ରହ କରିଛନ୍ତି।

ଓଡ଼ିଶାରୁ କୌଣସି ଖେଳାଳି ବାହାର ରାଜ୍ୟ ପକ୍ଷରୁ ଖେଳିବାକୁ ନିଷ୍ପତ୍ତି ନେବା ଏହା ପ୍ରଥମ ନୁହେ। ଅନେକ ଖେଳାଳି ଏହି ତାଲିକାରେ ରହିଛନ୍ତି। ତେବେ ଓଡ଼ିଶାରୁ ଯାଇ ବାହାର ରାଜ୍ୟରୁ ପ୍ରତିନିଧି କରି ସର୍ବାଧିକ ସଫଳ ହୋଇଥିବା ଖେଳାଳିଙ୍କ ତାଲିକା ଶୀର୍ଷରେ ରହିଛନ୍ତି ରଶ୍ମି ରଞ୍ଜନ ପରିଡ଼ା। ରଶ୍ମି କ୍ୟାରିୟରରେ ଓଡ଼ିଶା ସହିତ ରାଜସ୍ଥାନ, ବିଦର୍ଭ ଓ ଆସାମ ପକ୍ଷରୁ ଘରୋଇ କ୍ରିକେଟ ଖେଳିଛନ୍ତି। ରାଜସ୍ଥାନକୁ ପ୍ଲେଟ୍ ଗ୍ରୁପ୍‌ରୁ ଏଲିଟ ଗ୍ରୁପ୍‌କୁ ନେଇ ୨୦୧୦-୧୧ରେ ରଣଜୀ ଚାମ୍ପିୟନ କରାଇବାରେ ତାଙ୍କର ବଡ଼ ଅବଦାନ ରହିଛି। ଫଳରେ ଓଡ଼ିଶା ଖେଳାଳି ହୋଇଥିଲେ ମଧ୍ୟ ସେ ରଣଜୀ ଟ୍ରଫି ଚାମ୍ପିୟନ ହେବାର ଗୌରବ ଲାଭ କରିଛନ୍ତି। ଏବେ ଶୁଭ୍ରାଂଶୁ ସେହି ପଥର ପଥିକ ହେବାକୁ ଯାଉଛନ୍ତି।

# ଏନ୍‌ସିଏ ଛାଡ଼ିପାରନ୍ତି ଭିଭିଏସ ଲକ୍ଷ୍ମଣ

ନୂଆଦିଲ୍ଲୀ, ୨୨।୭: ଭାରତୀୟ ସିନିୟର କ୍ରିକେଟ୍ ଦଳର ନୂତନ ମୁଖ୍ୟ କୋଚ୍ ଭାବେ ଗୌତମ ଗମ୍ଭୀର ଦାୟିତ୍ୱ ନେବା ପରେ ଏବେ ନ୍ୟାସନାଲ କ୍ରିକେଟ୍ ଏକାଡେମୀରେ ମଧ୍ୟ ପରିବର୍ତ୍ତନ ଆଶା କରାଯାଉଛି। ବେଙ୍ଗାଲୁରୁର ଏନସିଏ ଭାରତୀୟ କ୍ରିକେଟ୍ ର ଏକ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ। ଦକ୍ଷ ପ୍ରଶିକ୍ଷକଙ୍କ ଅଧୀନରେ ଅନେକ ବର୍ଗର କ୍ୟାମ୍ପସ୍ ଆୟୋଜିତ ହୋଇଥିବାବେଳେ ଚୁକ୍ତିଭିତ୍ତିକ ବରିଷ୍ଠ ଦଳର ସଦସ୍ୟମାନେ ମଧ୍ୟ ଆହତ ଅବସ୍ଥାରେ ସେମାନଙ୍କର ପ୍ରତ୍ୟାବର୍ତ୍ତନ କରିବାର ପ୍ରକ୍ରିୟାର ଏକ ଅଂଶ ଭାବରେ ଏଠାକୁ ଆସନ୍ତି।



୨୦୨୧ ରୁ ପୂର୍ବତନ ଭାରତୀୟ କ୍ରିକେଟ୍ ଦଳର ବ୍ୟାଟର ଭିଭିଏସ୍ ଲକ୍ଷ୍ମଣ ଏନସିଏ ମୁଖ୍ୟ ନିଯୁକ୍ତ ହୋଇଥିଲେ। ରାହୁଲ ଦ୍ରାବିଡ ଭାରତୀୟ ଦଳର ପ୍ରଶିକ୍ଷକ ହେଲା ପରେ ଲକ୍ଷ୍ମଣ ତାଙ୍କ ସ୍ଥାନ ଗ୍ରହଣ କରିଥିଲେ ପାରମ୍ପାରିକ ଭାବରେ, ଏନସିଏ ମୁଖ୍ୟ ବେଳେବେଳେ ଜାତୀୟ ଦଳ ସହିତ ଅନେକ ଗସ୍ତରେ ମଧ୍ୟ ଯାତ୍ରା କରନ୍ତି। କିନ୍ତୁ ବର୍ତ୍ତମାନ, ଟାଇମ୍ସ ଅଫ୍ ଇଣ୍ଡିଆର ଏକ ରିପୋର୍ଟ ଅନୁଯାୟୀ, ଭିଭିଏସ୍ ଲକ୍ଷ୍ମଣ ଏହି ଭୂମିକାରେ ଅବ୍ୟାହତ ରହିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି ଏବଂ ମୁଖ୍ୟ ପ୍ରଶିକ୍ଷକଙ୍କ ଭୂମିକା ପାଇଁ ଇଣ୍ଡିଆନ୍ ପ୍ରିମିୟର ଲିଗ୍ ଦଳ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ତାଙ୍କୁ ଦଳରେ ସାମିଲ କରିବାକୁ ଆଗ୍ରହୀ ଅଛି। ଅଗଷ୍ଟରେ ତାଙ୍କର ଚୁକ୍ତିନାମା ଶେଷ ହେଉଥିଲା ବେଳେ ଏକାଧିକ ରିପୋର୍ଟ ଅନୁଯାୟୀ ସେ ଚୁକ୍ତି ନବୀକରଣ ଚାହୁଁ ନାହାଁନ୍ତି। ଏହି ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି ଯେ ୨୦୨୪ ଟି -୨୦ ବିଶ୍ୱକପ୍‌ର ସପୋର୍ଟ ଷ୍ଟାଫ୍‌ର ଅଂଶବିଶେଷ ଥିବା ପୂର୍ବତନ ଭାରତୀୟ କ୍ରିକେଟ୍ ଦଳର ବ୍ୟାଟିଂ ପ୍ରଶିକ୍ଷକ ବିକ୍ରମ ରାଠୋର ସମ୍ଭାବ୍ୟ ଉତ୍ତରାଧିକାରୀ ହେବେ।

ନିକଟରେ ଲକ୍ଷ୍ମଣ ଟି - ୨୦ବିଶ୍ୱକପ ଜିତିବାରେ ଭାରତରେ ରାହୁଲ ଦ୍ରାବିଡଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ ଯେତେବେଳେ ସେ (ଦ୍ରାବିଡ) ବିଶ୍ୱକପ ଉଠାଇଲେ, ମୁଁ ଭାବିଲି ସେହି ଟ୍ରଫି ହସ୍ତାନ୍ତର କରିବା ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କ ଦ୍ୱାରା ଏକ ମହାନ୍ କାର୍ଯ୍ୟ ଅଟେ ବିସିସିଆଇ ଦ୍ୱାରା ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଥିବା ଏକ ଭିଡିଓରେ ଲକ୍ଷ୍ମଣ ଏହି ବିଜୟ ପଛରେ ଏକ ବଡ଼କାହାଣୀ କହିଛନ୍ତି।

# ନିଜକୁ କ୍ରିକେଟରଙ୍କ ସହ ତୁଳନା କରିନି : ନୀରଜ

ନୂଆଦିଲ୍ଲୀ, ୨୨।୭: ଭାରତର ଷ୍ଟାର ଜାଭେଲିନ୍ ଖେଳାଳି ନୀରଜ ଚୋପ୍ରା ଜୁଲାଇ ୨୬ ତାରିଖ୍ରେ ପ୍ୟାରିସ୍ ଅଲିମ୍ପିକ୍ସରେ ଭାଗ ନେବାକୁ ଯାଉଛନ୍ତି ଏହି କ୍ରମରେ ସେ କ୍ରିକେଟକୁ ନେଇ ଦେଇଥିବା କିଛି ବିବୃତି ଚର୍ଚ୍ଚାର ପରିସରକୁ ଆସିଛି।ନୀରଜ ଚୋପ୍ରା ନିଜ ଲୋକପ୍ରିୟତାକୁ କଦାପି କ୍ରିକେଟରଙ୍କ ସହ ତୁଳନା କରି ନଥିବା କହି କହିଛନ୍ତି, ଭାରତରେ କ୍ରିକେଟର ସ୍ତର ଅଲଗା ଅଟେ ବୋଲି ମୁଁ ଜାଣିଛି।



ଅନ୍ୟ କ୍ରୀଡ଼ାର ସଫଳତା ଭାରତରେ କ୍ରିକେଟ୍ ତଳେ ଲୁଚି ଯାଇଥାଏ । ନିକଟରେ ମହିଳା ବ୍ୟାଡମିଣ୍ଟନ ଖେଳାଳି ସାଇନା ନେହୱାଲ ଏହି ପ୍ରସଙ୍ଗକୁ ନେଇ କିଛି ବିବୃତି ଦେଇଥିଲେ। ଯାହାକୁ ନେଇ ବିବାଦ ଦେଖାଦେଇଥିଲା

ଟୋକିଓ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ନୀରଜ ଏହି ପ୍ରସଙ୍ଗରେ ନିଜର ପ୍ରତିକ୍ରିୟା ଦେଇ କହିଛନ୍ତି,ଜଣେ ଖେଳାଳି ଭାବେ କ୍ୟାରିୟର ଗଢ଼ିବାକୁ ହେଲେ ଲୋକପ୍ରିୟତା, ଟଙ୍କା କିମ୍ବା ଅନ୍ୟାନ୍ୟ ଜିନିଷ ବିଷୟରେ ଚିନ୍ତା କରିବା ଉଚିତ ନୁହେଁ ମୁଁ ପ୍ରଥମରୁ ଜାଣିଥିଲି ଯେ କ୍ରିକେଟର ସ୍ତର ଅଲଗା କ୍ରିକେଟରେ ଯେତିକି ଲୋକପ୍ରିୟତା ମିଳେ ତାହା ଅନ୍ୟ କ୍ରୀଡ଼ାର କୌଣସି ଖେଳାଳିଙ୍କୁ ମିଳି ପାରି ନଥାଏ। କିନ୍ତୁ ଏହାର ଅର୍ଥ ନୁହେଁ ଯେ କ୍ରିକେଟ୍ ବ୍ୟତୀତ ଅନ୍ୟ କେଣସି ବିକଳ୍ପ ନାହିଁ।

ମୁଁ ସବୁବେଳେ ଜାଭେଲିନ୍ ଖେଳାଳି ହେବାକୁ ଚାହୁଁଥିଲି ।କାରଣ ମୋତେ ଏହା ଭଲ ଲାଗେ। ମୁଁ ଜାଣି ନଥିଲି ଏହି ଖେଳ ହେତୁ ମୁଁ ଅଲିମ୍ପିକରେ ସ୍ୱର୍ଣ୍ଣ ପଦକ ଜିତିବି ।

ମୁଁ କେବେ ବି ନିଜକୁ ବିରାଟ କୋହଲି ଏବଂ ମହେନ୍ଦ୍ର ସିଂ ଧୋନିଙ୍କ ଭଳି ଷ୍ଟାର କ୍ରିକେଟରଙ୍କ ସହ ତୁଳନା କରିନାହିଁ। କିନ୍ତୁ ଅଲିମ୍ପିକ୍ସ ପରେ ଯେତେବେଳେ ଲୋକମାନେ ମୋତେ ଜାଣିବା ଆରମ୍ଭ କରିଥିଲେ ଖୁବ ଖୁସି ଲାଗିଥିଲା।

# ମହିଳା ଏସିଆ କପ୍‌ରେ ରେକର୍ଡ ଛକା ମାରିଲେ ଅଟାପଟ୍ଟୁ

ନୂଆଦିଲ୍ଲୀ, ୨୨୦୭: ଶ୍ରୀଲଙ୍କାରେ ବର୍ତ୍ତମାନ ଏସିଆ କପ୍ (ମହିଳା) ଜାରି ରହିଛି ୮ଟି ଟିମ୍ ଏଥିରେ ଭାଗ ନେଇଥିବା ବେଳେ ଭାରତୀୟ ମହିଳା କ୍ରିକେଟ୍ ଟିମ୍ ମଧ୍ୟ ଏଥିରେ ସାମିଲ୍ ରହିଛନ୍ତି। ହରମନ୍‌ପ୍ରୀତଙ୍କ ଅଧିନାୟକତ୍ୱରେ ଭାରତୀୟ ଦଳ ବର୍ତ୍ତମାନ ପର୍ଯ୍ୟନ୍ତ ଦୁଇଟି ମ୍ୟାଚ୍ ଜିତି ଗ୍ରୁପ୍‌ର ଶୀର୍ଷ ସ୍ଥାନରେ ରହିଛି । ଦଳ ସେମିଫାଇନାଲ୍‌ରେ ପ୍ରବେଶ କରିବା ନେଇ କ୍ରିକେଟ୍ ପ୍ରେମୀଙ୍କ ଆଶା ବଢ଼ିଛି । ଏହାରି ମଧ୍ୟରେ ଶ୍ରୀଲଙ୍କାର କ୍ୟାପ୍ଟେନ୍ ଧମାରି ଅଟାପଟ୍ଟୁ ଏସିଆ। କପ୍‌ରେ ନୂଆ। ରେକର୍ଡ କରିଛନ୍ତି ।ଯାହାକି ଟୁର୍ଣ୍ଣାମେଣ୍ଟରେ ଏପର୍ଯ୍ୟନ୍ତ କେହି କରିନାହାନ୍ତି ।ଶ୍ରୀଲଙ୍କା ଆଜି ମାଲେସିଆ। ବିପକ୍ଷରେ ମ୍ୟାଚ୍ ଖେଳୁଥିଲା ।ଏହି ମ୍ୟାଚ୍‌ରେ ଅଟାପଟ୍ଟୁ ୭ ଟି ଛକା ମାରିଛନ୍ତି। ଏହା ପୂର୍ବରୁ ଏସିଆ। କପ୍‌ରେ ଗୋଟିଏ ମ୍ୟାଚ୍‌ରେ କୌଣସି ବି ମହିଳା ଖେଳାଳି ଏତେ ସଂଖ୍ୟକ ଛକା ମାରିନଥିଲେ । ପୂର୍ବ ମ୍ୟାଚ୍ ଦେଖିଲେ ଏହି ଟୁର୍ଣ୍ଣାମେଣ୍ଟରେ ଗୋଟିଏ ପାଳିରେ ଅଧିକରୁ ଅଧିକ ୩ଟି ଛକା ମାରିଛନ୍ତି ଖେଳାଳି ।ଭାରତର ଶେଫାଳି ବର୍ମା ମାଲେସିଆ। ବିପକ୍ଷରେ ୨୦୨୨ର ଏସିଆ। କପ୍‌ରେ ୩ ଟି ଛକା ମାରିଥିଲେ ।



# ଢେଙ୍କାନାଳରେ ହେବ ରାଜ୍ୟସ୍ତରୀୟ ସିନିୟର ଚେସ୍

ଢେଙ୍କାନାଳ, ୨୨।୦୭ : ଜୁଲାଇ ୨୭ ତାରିଖରୁ ଢେଙ୍କାନାଳରେ ରାଜ୍ୟ ଚେସ୍ ପ୍ରତିଯୋଗିତା ଯୋଗଦେବେ ରାଜ୍ୟର ୨ ଶହ ଚେସ୍ ପ୍ରତିଯୋଗୀ ହରିୟାଣାରେ ହେବାକୁ ଥିବା ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ କୃତି ପ୍ରତିଯୋଗୀ ।ସୂଚନା ଅନୁଯାୟୀ, ଢେଙ୍କାନାଳରେ ଆରମ୍ଭ ହେବାକୁ ଯାଉଛି ରାଜ୍ୟ ସିନିୟର ଚେସ୍ ପ୍ରତିଯୋଗିତା ଏହା ଜୁଲାଇ ୨୭ତାରିଖରୁ ଆରମ୍ଭ ହୋଇ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହା ଢେଙ୍କାନାଳର ହୋଟେଲ ନିରୂପମା ଠାରେ ଆୟୋଜିତ ହେଉଛି ଏହି ରାଜ୍ୟସ୍ତରୀୟ ଚେସ୍ ପ୍ରତିଯୋଗିତାରେ ରାଜ୍ୟର ବଛାବଛା ୨ଶହ ପ୍ରତିଯୋଗୀ ଅଂଶ ଗ୍ରହଣ କରିବେ ଏଥିପାଇଁ ଢେଙ୍କାନାଳ ଜିଲ୍ଲା ଚେସ୍ ଆସୋସିଏସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି ଏଥିରେ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀମାନେ ହରିଆଣାରେ ହେବାକୁ ଥିବା ଜାତୀୟ ସ୍ତରୀୟ ଚେସ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ।

# ମୁଁ ଗୁରୁତ୍ୱପୂର୍ଣ୍ଣ ନୁହେଁ, ଭାରତୀୟ ଦଳ ଗୁରୁତ୍ୱପୂର୍ଣ୍ଣ : ଗମ୍ଭୀର

ନୂଆଦିଲ୍ଲୀ, ୨୨।୭: ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ ଗୌତମ ଗମ୍ଭୀର ଏବଂ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କ ସୋମବାର ଏକ ସାମ୍ବାଦିକ ସମ୍ମିଳନୀ କରିଛନ୍ତି।ଏହି ସାମ୍ବାଦିକ ସମ୍ମିଳନୀରେ ଗମ୍ଭୀର ଏବଂ ଅଗରକର ଅନେକ ପ୍ରଶ୍ନର ଉତ୍ତର ଦେଇଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ନେଇ ଉପରେ ବଡ଼ ଖୁଲାସା କରିଛନ୍ତି।

ଗମ୍ଭୀର କହିଛନ୍ତି, ଶ୍ରୀଲଙ୍କା ଗସ୍ତ ପରେ ଆମେ ଏକ ବଡ଼ ବ୍ରେକ୍ ପାଇବୁ। ଏହାପରେ ୧୦ଟି ଟେଷ୍ଟ ମ୍ୟାଚ ଅଛି। ଏହା ଏକ ବଡ ଆହ୍ୱାନ। ଆଶାକରେ ଆମେ ଏହି ୧୦ଟି ଟେଷ୍ଟ ମ୍ୟାଚ ରେ ଭଲ ପ୍ରଦର୍ଶନ କରିବାକୁ ସମର୍ଥ ହେବୁ। ସେହି ୧୦ଟି ଟେଷ୍ଟ ମ୍ୟାଚ ପାଇଁ ଜାଡେଜା ଗୁରୁତ୍ୱପୂର୍ଣ୍ଣ। ଆମେ ସେହି ୧୦ଟି ମ୍ୟାଚ ପାଇଁ ଉତ୍ସାହର ସହିତ ଅପେକ୍ଷା କରିଛୁ।

ଗମ୍ଭୀର ଆହୁରି ମଧ୍ୟ କହିଛନ୍ତି, ମୁଁ ଏକ ସଫଳ ଦଳକୁ ଆଗେଇ ନେଉଛି। ଜୟ ଶାହାଙ୍କ ସହ ମୋର ବହୁତ ଭଲ ସମ୍ପର୍କ ଅଛି। ମିଡିଆରେ ଯେଉଁସବୁ ଆଲୋଚନା ଚାଲିଛି ତାହା ଭିତ୍ତିହୀନ। ଗୌତମ ଗମ୍ଭୀର ଗୁରୁତ୍ୱପୂର୍ଣ୍ଣ ନୁହେଁ, ଭାରତୀୟ କ୍ରିକେଟ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ଗମ୍ଭୀର କହିଛନ୍ତି ମୁଁ ଭାବୁଛି ସେମାନେ ଟି୨୦ ବିଶ୍ୱକପ ହେଉ କିମ୍ବା ଦିନିଆ। ବିଶ୍ୱକପ ହେଉ, ସେମାନେ ବଡ଼ ମ୍ୟାଚରେ କଣ କରିପାରିବେ ତାହା ଦର୍ଶାଇଛନ୍ତି। ତେବେ ସେ



ଦୁଇଜଣଙ୍କର ଅନେକ କ୍ରିକେଟ୍ ବାକି ଅଛି। ଆଗକୁ ଚାମ୍ପିଅନ୍ସ ଟ୍ରଫି ଆସୁଛି, ଅଷ୍ଟ୍ରେଲିଆରେ ଏକ ବଡ଼ ଟେଷ୍ଟ ସିରିଜ୍ ଆସୁଛି। ଚାମ୍ପିଅନ୍ସ ଟ୍ରଫି ପାଇଁ ସେମାନେ ଉତ୍ସାହିତ ହେବେ ଏବଂ ଯଦି ସେମାନେ ନିଜ ଫିଟନେସ ବଜାୟ ରଖିପାରିବେ, ତେବେ ସେମାନେ ୨୦୨୭ ବିଶ୍ୱକପ ଖେଳିପାରିବେ ବୋଲି ଗମ୍ଭୀର କହିଛନ୍ତି। ତେବେ ଏହା ଅତ୍ୟନ୍ତ ବ୍ୟକ୍ତିଗତ ନିଷ୍ପତ୍ତି। ସେମାନଙ୍କ ମଧ୍ୟରେ କେତେ କ୍ରିକେଟ୍ ବାକି ଅଛି ମୁଁ କହି ପାରିବି ନାହିଁ। ବିରାଟ ଏବଂ ରୋହିତ ଦୁହେଁ ବିଶ୍ ସ୍ତରୀୟ ଖେଳାଳି ଅଟନ୍ତି।ସେମାନଙ୍କ ଭିତରେ ଅନେକ କ୍ରିକେଟ୍ ବାକି ଅଛି। ଟିଆରପି ପାଇଁ ବିରାଟ କୋହଲିଙ୍କ ସହ ମୋର କୌଣସି ସମ୍ପର୍କ ନାହିଁ। ଆମେ ୧୪୦ କୋଟି ଭାରତୀୟଙ୍କୁ ପ୍ରତିନିଧି କରୁଛୁ। ପଡ଼ିଆରେ ତାଙ୍କ ସହ ମୋର ବହୁତ ଭଲ ସମ୍ପର୍କ ଅଛି। କିନ୍ତୁ ଏହା ଜନସାଧାରଣଙ୍କୁ ଦେଖାଇବା ପାଇଁ ନୁହେଁ କୋହଲି ଜଣେ ବିଶ୍ ସ୍ତରୀୟ ଆଥଲେଟ ଏବଂ ଆଶାକରେ ସେ ଏପରି

### ଟେଷ୍ଟ ମ୍ୟାଚ ଖେଳିବାକୁ ଜାଡେଜାଙ୍କୁ ଦିଆଯାଇଛି ବିଶ୍ରାମ

### ହାର୍ଦ୍ଦିକଙ୍କ ଫିଟ୍‌ନେସ ସମସ୍ୟା, ନିୟମିତ ଅଧିନାୟକ ପାଇଁ ବଳି ପଡ଼ିଗଲେ

### କୋହଲି ଓ ରୋହିତଙ୍କୁ ନେଇ ଆସିଲା ଗୁରୁତ୍ୱପୂର୍ଣ୍ଣ ତଥ୍ୟ

ଜାରି ରଖିବେ। ଅଗରକର ନିଶ୍ଚିତ କରିଛନ୍ତି ଯେ, ରବିନ୍ଦ୍ର ଜାଡେଜାଙ୍କୁ ଦିନିକିଆ। ଦଳରୁ ବାଦ୍ ଦିଆଯାଇ ନାହିଁ।ସେ ଆମ ପାଇଁ ଜଣେ ଗୁରୁତ୍ୱପୂର୍ଣ୍ଣ ଖେଳାଳି। ଦଳ ବାହାରେ ଥିବା ପ୍ରତ୍ୟେକ ଖେଳାଳି ଅନୁଭବ କରନ୍ତି ଯେ ତାଙ୍କ ସହ କିଛି ଖରାପ ଘଟଣା ଘଟିଛି। ବେଳେବେଳେ ତାହା ହୁଏ, ସବୁକିଛି ୧୫ରେ ସ୍ଥାନ ପାଇବା କଷ୍ଟକର। କୌଣସି ଦୋଷ ନ ଥାଇ ରିଙ୍କୁ ସିଂ ଟି-୨୦ ବିଶ୍ୱକପରୁ ବଞ୍ଚିତ ହୋଇଥିଲେ। ତେଣୁ ଅକ୍ଷର ପଟେଲ ଏବଂ ରବିନ୍ଦ୍ର ଜାଡେଜା ଆମ ପାଇଁ ଅଦରକାରୀ ନୁହେଁ। ତାଙ୍କୁ ଟେଷ୍ଟ ସିରିଜରେ ଖେଳିବାର ସମ୍ଭାବନା ଅଛି ସେ ଏପର୍ଯ୍ୟନ୍ତ ଦଳର ଯୋଜନାରେ ଅଛନ୍ତି ଏବଂ ଜଣେ ଗୁରୁତ୍ୱପୂର୍ଣ୍ଣ ଖେଳାଳି ଅଟନ୍ତି।

ଅଗରକର କହିଛନ୍ତି ହାର୍ଦ୍ଦିକ ଏବେ ମଧ୍ୟ ଆମ ପାଇଁ ଜଣେ ଗୁରୁପୂର୍ଣ୍ଣ ଖେଳାଳି। ତେବେ ନିକଟ ଅତୀତରେ ଫିଟନେସ୍ ତାଙ୍କ ପାଇଁ ଏକ ଚ୍ୟାଲେଞ୍ଜ ହୋଇ ଉଭା ହୋଇଛି। ତାପରେ କୋଚ୍ କିମ୍ବା ଚୟନକର୍ତ୍ତାଙ୍କ ପାଇଁ ତାଙ୍କୁ ଅଧିନାୟକ କରିବା କଷ୍ଟସାଧ୍ୟ ହୋଇଯାଏ। ଫିଟନେସ୍ ଏକ ସ୍ପଷ୍ଟ ଚ୍ୟାଲେଞ୍ଜ ଏବଂ ଆମେ ଏପରି ଅଧିନାୟକ ଚାହୁଁଛୁ ଯିଏକି ଅଧିକ ସମୟ ଉପଲବ୍ଧ ରହିବ। ଏ ଦୃଷ୍ଟିରୁ ଆମେ ବିଶ୍ୱାସ କରୁ ଯେ ସୂର୍ଯ୍ୟଙ୍କର ଜଣେ ଅଧିନାୟକ ହେବା ପାଇଁ ଆବଶ୍ୟକ ଦକ୍ଷତା ଅଛି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ